

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୫ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 05 APRIL 2021
Vol.No. 32 ■ No. 88 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିପ୍ଳବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଛତିଶଗଡରେ ମାଓବାଦୀଙ୍କ ନରସଂହାର

### ୨ ହଜାର ଯବାନଙ୍କୁ ତିନିପଟୁ ଘେରିଗଲେ ୪ଶହ ମାଓବାଦୀ : ୨୪ ଯବାନ ସହିଦ, ୩୧ ଆହତ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ବିଜାପୁର ଜିଲ୍ଲା ତେରମ୍ ଥାନା ଅଂଚଳରେ ଥିବା ଜଙ୍ଗଲରେ ପ୍ରାୟ ୪୦୦ ମାଓବାଦୀ ଏକାଠି ହୋଇଥିବା ଖବର ପାଇ ଏସଟିଏଫ, ସିଆରପିଏଫ, କୋବ୍ରା ଓ ଡିଆରଜି ଯବାନମାନେ ଆରମ୍ଭ କରିଥିଲେ ମିଳିତ ଅପରେସନ୍ । ପ୍ରାୟ ୨ ହଜାର ଯବାନ ଚାରିପଟୁ ଘେରି ମାଓବାଦୀଙ୍କୁ କାବୁ କରିବାକୁ ପ୍ରସ୍ତୁତ କରିଥିଲେ ବ୍ଲୁ-ପ୍ରିଂଟ । ଉଦ୍ଦେଶ୍ୟ ଥିଲା, ଯେମିତି କୌଣସି ମାଓବାଦୀ ଘଟଣାସ୍ଥଳରୁ ଖସି ଯାଇପାରିବେ ନାହିଁ । ଯବାନଙ୍କ ଏକ ଟିମ୍ ଜଙ୍ଗଲ ଭିତରେ ଥିବା ଟେକେଲଗୁଡ଼ା ଗାଁରେ ପହଁଚିବା ପରେ ମାଓବାଦୀମାନେ ଆରମ୍ଭ କରି ଦେଇଥିଲେ ଅନ୍ଧାଧୁନ୍ ଫାୟାରିଂ । କେହି କିଛି ବୁଝିବା ପୂର୍ବରୁ ଗର୍ଜି



ଉଠିଥିଲା ମାଓବାଦୀଙ୍କ ଏଲଏମଜି ଓ ରକେଟ ଲଂଚର । ଭୀଷଣ ଶବ୍ଦରେ ପୂରା ଜଙ୍ଗଲ ଥରି ଉଠିଥିଲା । ଯବାନମାନେ ପୋଜିସନ୍ ନେବା ବେଳକୁ ଜାଣିପାରିଲେ ସେମାନଙ୍କୁ ଇଂରାଜୀ ଅକ୍ଷର ୟୁ ଆକାରରେ ଆମ୍ବୁସ କରି ସାରିଛନ୍ତି ମାଓବାଦୀ । ଆସିବା ବାଟକୁ ଛାଡି ତିନି ପଟେ ଥିବା ପାହାଡ଼ ଓ ଘଂଚ ଜଙ୍ଗଲର ଆଢୁଆଳରେ ପ୍ରାୟ ୪୦୦ ମାଓବାଦୀ,

▶▶ପୃଷ୍ଠା ୭

## ଭୁବନେଶ୍ୱର ଏସବିଆଇ ବ୍ୟାଙ୍କକୁ ସିଲ୍ କଲା ବିଏମ୍‌ସି

ଭୁବନେଶ୍ୱର,୦୪/୦୪ (ନି.ପ୍ର): ୭ଜଣ କର୍ମଚାରୀ କୋଭିଡ୍ ପଜେଟିଭ୍ ବାହାରିବା ପରେ ଭୁବନେଶ୍ୱର ମହାନଗର ନିଗମ ରବିବାର ଦିନ ଏସ୍‌ବିଆଇ ମୁଖ୍ୟ ଶାଖାକୁ ଦୁଇଦିନ ପାଇଁ ସିଲ୍ କରିଛି । ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପରେ ୭ଜଣ କର୍ମଚାରୀ କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ତେଣୁ ଏହି ଶାଖାକୁ ଦୁଇଦିନ ପାଇଁ ସିଲ୍ କରାଯାଉଛି । ଏହି ସମୟ ମଧ୍ୟରେ ଆବଶ୍ୟକୀୟ ସାଇଟାଇଜେସନ୍ ଓ କଂଟାକ୍ଟ ଟ୍ରେସିଂ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଅନେକ କର୍ମଚାରୀଙ୍କର ପରୀକ୍ଷା କରାଯାଇଛି । ସେମାନଙ୍କର ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଇଛି ।

## ଭୟ ବଢ଼ାଉଛି କରୋନାର ଦ୍ୱିତୀୟ ସଂକ୍ରମଣ

### ଦିନକରେ ୯୩ ହଜାରରୁ ଅଧିକ ନୂଆ ଆକ୍ରାନ୍ତ ଚିହ୍ନଟ, ୫ଶହରୁ ଅଧିକ ମୃତ

ନୂଆଦିଲ୍ଲୀ,୦୪/୦୪ : ଦେଶରେ ବେକାବୁ ହେଉଛି କରୋନାର ସ୍ଥିତି । ଦ୍ରୁତ ବେଗରେ ବଢୁଛି କରୋନା ସଂକ୍ରମଣ । ଦିନ ଦିନକୁ ଦୈନିକ ସଂକ୍ରମଣ ସଂଖ୍ୟା ନୂଆଁ ନୂଆଁ ରେକର୍ଡ଼ କରୁଛି । ୫ ମାସ ପରେ ଦିନକରେ ୯୩ ହଜାରରୁ ଅଧିକ ନୂଆଁ ଆକ୍ରାନ୍ତ ଚିହ୍ନଟ ହୋଇଛି । ତେବେ ଗତ ୨୪ ଘଂଟାରେ ୯୩ ହଜାର ୨୪୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫୧୩ ଜଣଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ଦୈନିକ ସଂକ୍ରମଣ ମାମଲାରେ ପୁଣି ଥରେ ବିଶ୍ୱରେ ଭାରତ ପ୍ରଥମ ସ୍ଥାନରେ ପହଂଚି ଯାଇଛି । ତେବେ ଦେଶରେ ୬୦ ହଜାର ୪୮ଜଣ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଦେଶରେ ମୋଟ ସଂକ୍ରମଣ ସଂଖ୍ୟା ୧ କୋଟି ୨୪ ଲକ୍ଷ ୮୫ ହଜାର ୫୦୯ରେ



ପହଂଚିଛି । ସେହିପରି ମୃତ୍ୟୁ ସଂଖ୍ୟା ୧ ଲକ୍ଷ ୬୪ ହଜାର ୬୨୩ରେ ପହଂଚିଛି । ଭାରତ ପରେ ଆମେରିକାରେ ଦୈନିକ ୭୦ ହଜାର ଓ ବ୍ରାଜିଲରେ ୬୯ ହଜାର ୬୬୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜାତୀୟ ଗଣମାଧ୍ୟମରେ ଏନେଇ ରିପୋର୍ଟ ପ୍ରକାଶ ପାଇଛି । କରୋନାରେ ଦ୍ୱିତୀୟ ଲହରୀ ଦୈନିକ ସଂକ୍ରମଣ ୨୦ ହଜାରରୁ ୮୦ ହଜାରରେ ପହଂଚିବାକୁ ମାତ୍ର ୨୦ ଦିନ ସମୟ ଲାଗୁଛି । ଗତବର୍ଷ ଅର୍ଥାତ କରୋନାର ପ୍ରଥମ ଲହରର ସଂକ୍ରମଣ ୯୩ ହଜାର ଛୁଇଁବାକୁ ୬୪ ଦିନ ଲାଗିଥିଲା । ଦେଶରେ ଗତବର୍ଷ ୧୬ ଡିସେମ୍ବରରେ ଦୈନିକ ସଂକ୍ରମଣ ୯୭ ହଜାର ୮୬୦ ଚିହ୍ନଟ ହୋଇଥିଲା । ଯାହାକି ସର୍ବାଧିକ ଥିଲା । ସେପଟେ ମହାରାଷ୍ଟ୍ରର ସ୍ଥିତି ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି ।

## ଅକ୍ଷୟ କୁମାରଙ୍କୁ କରୋନା

ନୂଆଦିଲ୍ଲୀ,୦୪/୦୪: ବଲିଉଡ ଅଭିନେତା ଅକ୍ଷୟ କୁମାରଙ୍କୁ କରୋନା । ଖିଲାଡି କୁମାର କରୋନା ପିଜଟିଭ ଚିହ୍ନଟ ହୋଇଛନ୍ତି । ଏନେଇ ସୋସିଆଲ ମିଡ଼ିଆରେ ସୂଚନା ଦେଇଛନ୍ତି ଅକ୍ଷୟ କୁମାର । କରୋନା ପଜିଟିଭ ଚିହ୍ନଟ ହେବା ପରେ ନିଜକୁ ସଙ୍ଗରୋଧରେ ରଖିବା ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେଉଛନ୍ତି । ଏପରିକି ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ କରୋନା ଟେଷ୍ଟ କରାଇନେବାକୁ କହିଛନ୍ତି ଅକ୍ଷୟ । ଲକଡାଉନ ପରଠାରୁ ଫିଲ୍ମ ସୁଟିଂକୁ ଫେରିଥିଲେ ଅକ୍ଷୟ ।

## କରୋନା ସ୍ଥିତି ଓ ଟିକାକରଣ ନେଇ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା

### ବରିଷ୍ଠ ଅଧିକାରୀ, କ୍ୟାବିନେଟ ସଚିବ, ସ୍ୱାସ୍ଥ୍ୟ ସଚିବଙ୍କ ସହ ମୋଦିଙ୍କ ବୈଠକ

ନୂଆଦିଲ୍ଲୀ,୦୪/୦୪ (ନି.ପ୍ର): ଦେଶରେ କରୋନା ସଂକ୍ରମଣ ଓ ଟିକାକରଣର ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ, ପ୍ରମୁଖ ସଚିବ, କ୍ୟାବିନେଟ୍ ସଚିବ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ବୈଠକ କରୁଛନ୍ତି ପ୍ରଧାନମନ୍ତ୍ରୀ । ବର୍ତମାନ ଦେଶରେ ଦିନକରେ ଏକ ଲକ୍ଷ ଆଡକୁ ପହଁଚିଗଲାଣି ଦୈନିକ ନୂଆ ସଂକ୍ରମଣ ସଂଖ୍ୟା । ଏସବୁ ଭିତରେ ଦେଶରେ ମହାରାଷ୍ଟ୍ର, ପଂଜାବ, ପଶ୍ଚିମବଙ୍ଗ, ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର କରୋନା ସ୍ଥିତି ସବୁଠାରୁ ଅଧିକ ଚିନ୍ତାଜନକ



ରହିଛି । ଦେଶରେ ବର୍ତମାନ ମହାରାଷ୍ଟ୍ରର ସ୍ଥିତି ସବୁଠାରୁ ସାଂଘାତିକ ରହିଛି । ଦେଶରେ ଦୈନିକ ଆସୁଥିବା ମୋଟ୍ ସଂକ୍ରମଣର ଅଧାରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି କେବଳ ମହାରାଷ୍ଟ୍ରରୁ । ସ୍ଥିତିକୁ ମୁକାବିଲା କରିବାକୁ ମହାରାଷ୍ଟ୍ରରେ ୧୨ ଘଂଟିଆ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି । ଗୁଜରାଟର ୪ଟି ଜିଲ୍ଲାରେ ଲାଗୁ ହେଲାଣି ନାଇଟ୍ କର୍ଫ୍ୟୁ । ଛତିଶଗଡର ଅଧିକ ସଂକ୍ରମିତ ଜିଲ୍ଲା ଗୁଡିକରେ ଲାଗୁ ହୋଇଛି ନାଇଟ୍ କରଫ୍ୟୁ । ଅଧିକ ସଂକ୍ରମିତ ଅଂଚଳ ଛତିଶଗଡ ଦୁର୍ଗରେ ୭ ଦିନିଆ ତାଲାବନ୍ଦ ଲାଗୁ ହୋଇଛି । ଅନ୍ୟପଟେ ଓଡିଶାର ୧୦ ଜିଲ୍ଲାରେ ଆସନ୍ତାକାଲି ଠାରୁ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି । ବଢୁଥିବା କରୋନା ସ୍ଥିତି ଭିତରେ ଦେଶରେ ଜାରି ରହିଛି ଏପ୍ରିଲ ଟିକାକରଣ । ଏସବୁ ଭିତରେ ସଂକ୍ରମଣ ଦିନକୁ ଦିନ ବଢୁଥିବାରୁ ଆଜି ପ୍ରଧାନମନ୍ତ୍ରୀ ମୋଦି ଜରୁରୀ ବୈଠକ ଡାକି ସ୍ଥିତି ସମୀକ୍ଷା କରୁଛନ୍ତି ମୋଦି ।

## ପଶ୍ଚିମବଙ୍ଗର କମାରହାଟିରେ ନିର୍ବାଚନ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ

ପଶ୍ଚିମବଙ୍ଗ,୦୪/୦୪ (ନି.ପ୍ର): ଜୟ ଶ୍ରୀରାମ୍ ନାରାକୁ ଶୁଣି ଚିହିଁକି ଉଠୁଥିବା ମମତା ଦିଦି ସାମ୍ପ୍ରଦାୟିକ ରାଜନୀତି କରୁଛନ୍ତି ବୋଲି ରବିବାର ପଶ୍ଚିମବଙ୍ଗର କମାରହାଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉଲ୍ଲେଖନୀୟ, ଏହି ନିର୍ବାଚନ ପ୍ରଚାର କରିବା ଅବସରରେ ପଶ୍ଚିମବଙ୍ଗରେ ବାସ କରୁଥିବା ଓଡିଆ ଲୋକମାନେ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗୋଟିଏ ପଟେ



ପ୍ରଧାନମନ୍ତ୍ରୀ ମୋଦି ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସକୁ ମୂଳମନ୍ତ୍ର କରିଛନ୍ତି । ଏହି ମନ୍ତ୍ରରେ ପ୍ରଧାନମନ୍ତ୍ରୀ ହିନ୍ଦୁ କିମ୍ବା ମୁସଲିମ ପାର୍ଥକ୍ୟ ନଦେଖି ପଶ୍ଚିମବଙ୍ଗବାସୀଙ୍କୁ ଆବାସ ଯୋଜନାରେ ଘର, ଉଜ୍ଜଳା ଯୋଜନାରେ ଗ୍ୟାସ, କରୋନା

▶▶ପୃଷ୍ଠା ୭

## ଦିନ କର୍ଫ୍ୟୁର ଆବଶ୍ୟକତା ନାହିଁ : ଏସ୍‌ଆର୍‌ସି



ଭୁବନେଶ୍ୱର,୦୪/୦୪ (ନି.ପ୍ର): ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ଦିନ କର୍ଫ୍ୟୁ ଲାଗୁ ହେବାର କୌଣସି ଯୋଜନା ନାହିଁ ବୋଲି ଏସ୍‌ଆର୍‌ସି ପ୍ରଦୀପ ଜେନା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ, ସରକାର କରୋନା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସମସ୍ତେ କୋଭିଡ୍ ନିୟମ ମାନି ଚଳିବା ଦରକାର । ସୂଚନାଯୋଗ୍ୟ ରବିବାର ସକାଳେ ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ରାଜ୍ୟରେ ଦିନବେଳେ କର୍ଫ୍ୟୁ ଲାଗୁ ହୋଇପାରେ, ମୁଖ୍ୟମନ୍ତ୍ରୀ ଏ ନେଇ ଅନୁଧ୍ୟାନ କରୁଥିବା କହିଥିଲେ । ଯେତେଦୂର ସମ୍ଭବ ଦୁଇ ଚାରିଦିନ ମଧ୍ୟରେ କର୍ଫ୍ୟୁ ଜାରି ହେବାର ସମ୍ଭାବନା ରହିଛି ବୋଲି କହିଥିଲେ ।

## ଗୋଟିଏ ଦିନରେ ୪୭୧ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୧୭୭୨

ଭୁବନେଶ୍ୱର,୦୪/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୨୬୯୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୭୬୩୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୦୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ୪୭୧ ଜଣଙ୍କ ମଧ୍ୟରୁ ୨୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ

▶▶ପୃଷ୍ଠା ୭

## ୧୦ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା: ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୪/୦୪ (ନି.ପ୍ର): ରାଜ୍ୟର ୧୦ରୁ ଉର୍ଦ୍ଧ୍ୱ ଜିଲ୍ଲାରେ ଆଗାମୀ ୨୪ ଘଂଟା ମଧ୍ୟରେ କାଳବେ?ଶାଖୀ ସମ୍ଭାବନା ରହିଛି । ଏହା ବାଦ ୩୦ରୁ ୪୦କିମି ବେଗରେ ପବନ ବହିବା ନେଇ ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରା ଯାଇଛି । ଏହି ସବୁ ଜିଲ୍ଲା ମାନଙ୍କ ପାଇଁ ୟେଲୋ ୱାର୍ନିଂଗ ଜାରୀ କରା ଯାଇଛି ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ଅନୁଗୁଳ ସମେତ ନୟାଗଡ଼, ଖୋର୍ଧା, ଗଞ୍ଜାମ, ସୁବର୍ଣ୍ଣପୁର, ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି । ସେହିପରି କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରା ଯାଇଛି ଯେ ଆସନ୍ତା ୪ ତାରିଖରୁ ୫ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ସୁବର୍ଣ୍ଣପୁର, ସମ୍ବଲପୁର, ଦେଓଗଡ଼, ସୁନ୍ଦରଗଡ଼ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ସହିତ ବର୍ଷା ହେବାର ସମ୍ଭାବନା ରହିଛି । ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ଗଜପତି, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା, ବେ?ଦ୍ଧ ଆଦି ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଏଥିରେ କୁହା ଯାଇଛି ।

## ରାଜ୍ୟପାଳଙ୍କୁ ଭେଟିଲା ବିଜେପି ବିଧାୟକ ଦଳ

### ପାରିତ ହୋଇଥିବା ୬ଟି ବିଲ୍‌କୁ ପୁନର୍ବାର ବିଧାନସଭାକୁ ଫେରସ୍ତ କରାଯାଉ : ପ୍ରଦୀପ୍ତ ନାଏକ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଶାସକ ବିଜେଡି ଦ୍ୱାରା ବିଧାନସଭା ଗୃହରେ ଅଗଣତାନ୍ତ୍ରିକ ଭାବେ ବିଭିନ୍ନ ବିଲ୍ ପାସ୍ କରାଯାଉଛି । ଗତକାଲି ତରବରିଆ ଭାବେ ୬ ଗୋଟି ବିଲ୍ ପାରିତ କରାଗଲା । ବିଲ୍ ଗୁଡିକ ପାରିତ ହେବା ସମୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସମେତ ବିଜେପିର ଅନ୍ୟ ବିଧାୟକମାନଙ୍କୁ ବିଲ୍ ସଂପର୍କରେ ମତ ରଖିବା ପାଇଁ ଅନୁମତି ଦିଆଗଲା ନାହିଁ । ଖୋଦ୍ ବାଚସ୍ପତି ବିଧାନସଭା ଗୃହରେ ନିରପେକ୍ଷତା ଅବଲମ୍ବନ ନକରି ଶାସକ ବିଜେଡିର ସଦସ୍ୟ ଭାବେ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ବିଧାନସଭା ଗୃହରେ ବିରୋଧୀଙ୍କୁ ଅଣଦେଖା କରିବା ଏବଂ ବିଧାନସଭା ଗୃହର ଗାରିମାକୁ ବାଚସ୍ପତି ନଷ୍ଟ କରିଥିବାରୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ବିଜେପି ବିଧାୟକମାନେ ମହାମହିମ ରାଜ୍ୟପାଳଙ୍କୁ ଭେଟି ଗତକାଲି ପାରିତ ହୋଇଥିବା ୬ଟି ବିଲକୁ ତୁରନ୍ତ ଫେରସ୍ତ କରିବା ପାଇଁ ଅନୁରୋଧ କରିଛନ୍ତି । ବିଧାନସଭାରେ ବାଚସ୍ପତି ବିରୋଧୀଙ୍କୁ କହିବା ପାଇଁ ସୁଯୋଗ ଦେଉନାହାଁନ୍ତି ।

▶▶ପୃଷ୍ଠା ୭

## ବୈଦିକ ଗୁରୁକୁଳ ଆଶ୍ରମର ୩୨ ତମ ବାର୍ଷିକ ମହୋତ୍ସବ ଉଦଯାପିତ

ରୂପସା,୦୪/୦୪ (ନି.ପ୍ର): ରୂପସା ସ୍ଥିତ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ୩୨ ତମ ବାର୍ଷିକ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ ଯୋଗଦେଇ ବକ୍ତବ୍ୟରେ ପିଲାମାନଙ୍କୁ ନିର୍ମାଣ କରିବାରେ ଗୁରୁକୁଳ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଆଚାର୍ଯ୍ୟ ଡ. ଦେବବ୍ରତ ଜୀ ଆର୍ଯ୍ୟ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଆଶିର୍ବଚନ ଦେଇଥିଲେ । ଏହି ଅବସରରେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ପ୍ରଫେସର ଡ. ସ୍ମୃତିରଞ୍ଜନ ଦାସ, ଇଞ୍ଜିନିୟର ଧରଣୀଧର ମିଶ୍ର, ସମାଜସେବୀ ଅଞ୍ଜଳି ପଣ୍ଡା, ଶ୍ରୀଯୁକ୍ତ ବରଦା ପ୍ରସନ୍ନ ପଟ୍ଟନାୟକ, ଶ୍ରୀମାନ ସଞ୍ଜୟ




କୁମାର ସେଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ବେଦ ପୀୟୂଷର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଧର୍ମର ବାସ୍ତବିକ ସ୍ୱରୂପ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ, ଗୋ ମାତା ସେବା, ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ବୃକ୍ଷରୋପଣ ପ୍ରଭୃତି ପ୍ରଧାନ ଆଚାର୍ଯ୍ୟ ବିଜୟ ଜୀ ଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିଲା । ପରିଶେଷରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କବି ଗୀତାରାଣୀ ପୁରୀଙ୍କର ଦୁଇଟି ପୁସ୍ତକ 'ଟିକିଫୁଲ' ଓ 'ପିଲାଙ୍କ ପାଇଁ ସଂକ୍ଷିପ୍ତ ସତ୍ୟାର୍ଥ ପ୍ରକାଶ' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।

## ଗତବର୍ଷ ଭଳି ଏଥରବି ବିନା ଦର୍ଶକରେ ଖେଳାଯିବ ଆଇପିଏଲ୍

ନୂଆଦିଲ୍ଲୀ,୦୪/୦୪: ଗତବର୍ଷ ଭଳି ଏଥର ବି ବିନା ଦର୍ଶକରେ ଖେଳାଯିବ ଆଇପିଏଲ୍ । କରୋନା ସଂକ୍ରମଣ ବଢୁଥିବା ଦେଖି ବିସିସିଆଇ ଏନେଇ ବଡ ନିଷ୍ପତ୍ତି ନେଇଛି । ଦେଶରେ ଏବେ କରୋନା ସଂକ୍ରମଣ ପୁଣି ଥରେ ବଢିବାରେ ଲାଗିଛି । ବିଶେଷ କରି ମହାରାଷ୍ଟ୍ରରେ ସଂକ୍ରମଣ ସୀମା ଲଙ୍ଘିବାରେ ଲାଗିଲାଣି । ତେଣୁ ଏପରି ସ୍ଥିତିରେ ଷ୍ଟାଡିୟମରେ ଦର୍ଶକ ଭର୍ତ୍ତି ହେବା ଦ୍ୱାରା ସଂକ୍ରମଣ ବଢିବାର ଆଶଙ୍କା ରହୁଛି । ତେଣୁ ଏହା ଉପରେ ଦୃଷ୍ଟି ରଖି ଗତବର୍ଷ ଭଳି ଏଥର ମଧ୍ୟ ବିନା ଦର୍ଶକରେ ଆଇପିଏଲ୍

▶▶ପୃଷ୍ଠା ୭

# ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ନେଇ କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ ପରେ ରାଉରକେଲା ଆଶା ମଉଳିଲା ଜିଲ୍ଲାରେ ନେତୃତ୍ୱକୁ ନେଇ ଉଠିଲା ପ୍ରଶ୍ନ

ରାଉରକେଲା,୦୪/୦୪ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ଏନଟିପିସି ଦ୍ୱାରା ନିର୍ମିତ ଡାକ୍ତରଖାନାକୁ ଏମ୍ସର ମାନ୍ୟତା ଓ ଦ୍ୱିତୀୟ ଏମ୍ସ କରାଜିବା ନେଇ ଦାବି ହେଉଥିବା ବେଳେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବାରୁ ଆଜି ଏମ୍ସର ଏକ ଟେକ୍ନିକାଲ ଟିମ୍ ଏହି ଡାକ୍ତରଖାନାର ପରିଦର୍ଶନରେ ଆସିବା ପରେ ରାଉରକେଲାରେ ଥିବା ସୁପର ସ୍ପେସାଲିଟି ଡାକ୍ତରଖାନାରେ ଏମ୍ସ କରାଜିବା ନେଇ ଯେଉଁ ଦାବି ହେଉଥିଲା ତାହା ମଉଳି ଜିବା ସହ ସୁନ୍ଦରଗଡ ଓ ରାଉରକେଲାର ନେତୃତ୍ୱ ଓ ଲୋକଙ୍କ ଲାଗି ଲଢୁଥିବା ଲିଡରସିପକୁ ନେଇ ଏବେ ଜିଲ୍ଲା ବ୍ୟାପୀ ନାନା ଆଲୋଚନା ଆରମ୍ଭ ହୋଇଛି । ଏହା ପରେ ବାସ୍ତବରେ ରାଜନୀତି ନାମରେ ବେପାର କରି ସୁଖରେ ରହିବାକୁ ଚାହୁଁଥିବା ନେତା ମାନଙ୍କ ମୁହଁ ସୁଖିଯାଇଥିବା ବେଳେ ସଫଳ ହୋଇଥିବା ନେତାଙ୍କୁ ଫୁଲମାଳରେ ଲୋକେ ଆଜି ସ୍ୱାଗତ କରିଛନ୍ତି । ରାଉରକେଲା ସହର ଜିଲ୍ଲା ଆରମ୍ଭ ରୁ ହୋଇଥିବା ବେଳେ ଏଠାରେ ଥିବା ଆଇଜିଏଚ ବହୁ ପୁରାତନ । ହେଲେ ଦୁଃଖର ବିଷୟ ଯେ, ଏହା ଏବେ ରେଫରାଲ ଡାକ୍ତରଖାନାରେ ପରିଣତ ହୋଇଛି । ସ୍ମାର୍ଟ ସିଟି ହେବା ପରେ ଆଶା କରାଯାଉଥିଲା କିଛି ପରିବର୍ତ୍ତନ ହେବ, କିନ୍ତୁ ନିକଟରେ ହୋଇଥିବା ସୁପରସ୍ପେସାଲିଟି ଡାକ୍ତରଖାନା କେବଳ ନାମକୁ ମାତ୍ର । ଚକ ଚକିଆ କୋଠାଟିଏ ସିନା ହେଲା କିନ୍ତୁ ସେଠାରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତର ରହିଲେ ନାହିଁ । ଫଳରେ ଆଜି ବି ଲୋକେ ଭୁବନେଶ୍ୱର କଟକ ଉପରେ ନିର୍ଭର କଲେ । ତେବେ ଏହାକୁ ଏମ୍ସର ମାନ୍ୟତା ଲାଗି ନିକଟରେ କିଛି ନେତା ଦାବି କରି ବହୁ ହୋ ହଲ୍ଲା କଲେ, ତାପରେ ସବୁ ଚୁପ୍ । ଏତିକି ବେଳେ ଆଜି ସୁନ୍ଦରଗଡ ଏନଟିପିସି ଡାକ୍ତରଖାନାକୁ ଏମ୍ସର ଟିମ୍ ଗସ୍ତ କରିବା ପରେ ଏଠାରେ ୨ୟ ଏମ୍ସ ହେବା ନେଇ ଲୋକଙ୍କ ମନରେ ଖୁସିର ଲହରି ଦେଖାଯାଇଛି । ଅନ୍ୟପକ୍ଷରେ ଏହି ଜିଲ୍ଲାର ରାଉରକେଲା ଓ ସୁନ୍ଦରଗଡ଼ରେ ରାଜନୀତି କରୁଥିବା ବିଭିନ୍ନ ନେତାଙ୍କର ପାରିବା ପଣିଆ ଉପରେ ମଧ୍ୟ ଅନେକ ଆଲୋଚନା ଚାଲିଥିବା ଜଣାପଡିଛି । ଲୋକେ କହୁଛନ୍ତି ଲୋକଙ୍କୁ ବର୍ଷ ବର୍ଷ ଧରି ଫାଙ୍କା ଲୋଭ ଦେଖାଇ ରାଜନୀତିରେ ସବୁ ବେଳେ ଛକ୍କା ମାରୁଥିବା ନେତାଙ୍କର ପରିଚୟ ଆଜି ମିଳିବା ସହ ବାସ୍ତବରେ ସେହିଁ ନେତା, ଯିଏ କେବଳ ରାଜନୀତି କରନ୍ତି ନିଜ ଲାଗି ଲୋକଙ୍କ ଲାଗି ନୁହେଁ ତାହା ପ୍ରମାଣ ହୋଇଛି । ବାସ୍ତବରେ ଯେଉଁମାନେ ଲୋକଙ୍କ ଲାଗି ଲଢନ୍ତି ସେମାନେ ଆଜି ଜିଲ୍ଲା ଲାଗି ତାଙ୍କ ପାରିବା ପଣିଆ ଦେଖାଇ ଦେଇଛନ୍ତି ବୋଲି ଆଲୋଚନା ଚାଲିଛି । ମୋଟା ମୋଟି ଏହି ଶ୍ରେୟ ବିଶେଷ କରି ସୁନ୍ଦରଗଡ ଜିଲ୍ଲାର ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ସୁନ୍ଦରଗଡ ଅଂଚଳର ବିଧାୟକ ମାନଙ୍କୁ ଲୋକେ ଅଧିକ ଶ୍ରେୟ ଦେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି । ତେବେ ଆଗକୁ କଣ ହେବ ନହେବ ତାହା ସମୟ କହିବ, ଏହାକୁ ନେଇ ଜିଲ୍ଲାରେ ରାଜନୀତି ଜୋର୍ ଧରିବା ଆରମ୍ଭ ହୋଇଛି । ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିବା କଥା ମଧ୍ୟ ସାଧାରଣ ଓ ରାଉରକେଲାରେ ଆଲୋଚନା ମଧ୍ୟରେ ରହିଛି । ତେବେ ସୁନ୍ଦରଗଡ଼ରେ କାହିଁକି ରାଉରକେଲା କାହିଁକି ନୁହେଁ ? ନେଇ କେତେକ ଏକ୍ସପୋର୍ଟଙ୍କ କହିବା କଥା, ସୁନ୍ଦରଗଡ଼ ନିକଟରେ ଝାରସୁଗୁଡ଼ାର ବଡ ଏୟାରପୋର୍ଟ, ଖୋଲା ଏରିଆ ଭିତରେ ଏହି ଡାକ୍ତରଖାନା ରହିଛି । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲା ପାଖରେ ଏହା ଅବସ୍ଥିତ । ସେଠାରେ ଛତିଶଗଡ଼, ରାୟପୁର ମଧ୍ୟ ନିକଟତର, ତେଣୁ ଏହାକୁ ପ୍ରାଥମିକତା ମିଳିଥାଇପାରେ । ତେବେ ରାଉରକେଲାରେ ଏୟାରପୋର୍ଟ ସରିବ ସରିବ ବୋଲି ୬ ବର୍ଷ ହୋଇଗଲା, ଏଯାଏ ସବୁ କିଛି ନୀରବ । ରାଉରକେଲା ସହରରେ ଅନେକ ଡାକ୍ତରଖାନା ସାଙ୍ଗକୁ ନିକଟରେ ସୁପରସ୍ପେସାଲିଟି ଡାକ୍ତରଖାନା ହୋଇଛି । ସବୁଠାରୁ ବଡ କଥା ହେଲା ବେଦବ୍ୟାସ ଅଂଚଳରେ ନିକଟରେ ହୋଇଥିବା ଏକ ବଡ ଡାକ୍ତରଖାନା ରାଉରକେଲାରେ ସ୍ୱାସ୍ଥ୍ୟ ସେବା ଅଧିକ ଉନ୍ନତ ହେବା କ୍ଷେତ୍ର ମୁଖ୍ୟ ପ୍ରତିବନ୍ଧକ ବୋଲି କୁହାଯାଉଛି । ଯଦି ରାଉରକେଲା ସୁପର ସ୍ପେସାଲିଟି ଡାକ୍ତରଖାନା ସାଙ୍ଗକୁ ଏଠାରେ ଏମ୍ସ ହୁଏ ତେବେ ଅନ୍ୟ ଡାକ୍ତରଖାନା ଗୁଡିକ କେବଳ ଲୁହା ଲକଡ୍ ଲାଗି ଗୋଦାମ ଘରରେ ପରିଣତ ହେବାର ଆଶଙ୍କା ରହୁଛି । ତେଣୁ ରାଉରକେଲାରେ ସ୍ୱାସ୍ଥ୍ୟ ସେବା କେବଳ ନାମକୁ ମାତ୍ର ରହିବ ଅଧିକ ସ୍ୱପ୍ନ ଦେଖିବା ବୃଥା, ସବୁଠାରୁ ବଡ କଥା ହେଲା ଏହି ସହରରେ ରହୁଥିବା ଲୋକେ ପ୍ରାୟ ବାହାରୁ ଆସିଛନ୍ତି, ତେଣୁ ଏଠାକାର ଏକତା ଓ ନେତୃତ୍ୱ ମଧ୍ୟ ସେତେଟା ଦୃଢ଼ ନୁହେଁ, ତେଣୁ ଏତେ ଅଧିକ ଆଶା କରିବା ବୃଥା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ସମାଜ ସଂସ୍କାରକ ମାଧବାନନ୍ଦ ଷଡଙ୍ଗୀଙ୍କ ଜନ୍ମ ଶତବାର୍ଷିକ ପାଳନ

କୋରାଇ,୦୪/୦୪ (ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୬ ତମ ବାର୍ଷିକ ଓ ବିଶିଷ୍ଟ ସମାଜସେବୀ ସମାଜ ସଂସ୍କାରକ, ସାମ୍ୟବାଦୀ ନେତା, ପ୍ରାକ୍ତନ ଶିକ୍ଷକ ମାଧବାନନ୍ଦ ଷଡଙ୍ଗୀଙ୍କ ଜନ୍ମ ଶତବାର୍ଷିକ ଭୁବନେଶ୍ୱରପୁର ସ୍ଥିତ ସମାୟଭବନ ପରିସରରେ ପାଳିତ ହୋଇଛି । ମାଧବାନନ୍ଦ ଷଡଙ୍ଗୀ ଫାଉଣ୍ଡେସନର ସଭାପତି ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଂଚ ତଥା ବରିଷ୍ଠ ନାଗରିକ ମଂଚର ଉପଦେଷ୍ଟା ଅଦ୍ୱୈତ ଚରଣ ଦାଶ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ, ବରିଷ୍ଠ ନାଗରିକ ମଂଚର କର୍ମକର୍ତ୍ତା ବୈଷ୍ଣବ ଚରଣ ସାହୁ, ମଦନ ମୋହନ ବେହେରା. ଗୋକୁଳାନନ୍ଦ ମହାରଣା, ରବିନ୍ଦ୍ର ସାହୁ ବିଶିଷ୍ଟ ସମାଜସେବୀ ଲଳିତ ମୋହନ ବୈରୀଗଂଜନ ମହାପାତ୍ର ପ୍ରମୁଖ ନିଜସ୍ୱ ମତ ପ୍ରଦାନ କରିଥିଲେ । ଉଭୟ କାର୍ଯ୍ୟକ୍ରମର ମୁଖ୍ୟ ଉଦଗାତା ସାମ୍ୟବାଦୀ ନେତା ମାଧବାନନ୍ଦ ଷଡଙ୍ଗୀଙ୍କ ପଟଶିଷ୍ୟ ସନ୍ତୋଷ ଦାସ ଉପସ୍ଥିତ ରହି ମାଧ ସାରଙ୍କ ନତୀ, ଆଦର୍ଶ, ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା, ଏଭଳି ଏକ ଉପାନ୍ତ ଅଂଚଳରେ କୁସଂସ୍କାର ଓ ଅସ୍ପୃଶ୍ୟତା ବିରୋଧି ଆନ୍ଦୋଳନର ପୁରୋଧା ଉଚ୍ଚାରଣ ଓ ଆଚରଣରେ ଫରକ ନଥିବା ଦର୍ଶାଇଥିଲେ । ଉତ୍କଳର ଆର୍ଥିକ ବିକାଶ ଓ ଭାଷା ସୁରକ୍ଷା ପାଇଁ ଯଥାର୍ଥ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିବା ସହିତ ମାଧ ସାରଙ୍କ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା ରଖିଥିଲେ । ମାଧବାନନ୍ଦ ଫାଉଣ୍ଡେସନର ସମ୍ପାଦକ ତଥା ରାଜଧାନୀ ଯାନ୍ତ୍ରୀକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିମଳ ଷଡଙ୍ଗି ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରିଚାଳନାରେ ଗଣେଷ ସାହୁ, ସୁରେଶ ସାହୁ, ମାଧବାନନ୍ଦ କୁଣ୍ଡୁ, ବ୍ରହ୍ମାନନ୍ଦ ବାରିକ, ପ୍ରତ୍ୟୁଷ ସାହୁ, ଅଭୟ ଓଝା, କୀର୍ତ୍ତନ ବାରିକ, ମହେନ୍ଦ୍ର ସାହୁ, ସୁବ୍ରତ ଜେନା, କୀର୍ତ୍ତନ ସାହୁ, ନରେନ୍ଦ୍ର ସାହୁ, ଅନନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସୁକନ୍ୟା ଫାଉଣ୍ଡେସନ ପକ୍ଷରୁ ଆଲୋଚନା ଚକ୍ର

ପୁରୀ,୦୪/୦୪ (ନି.ପ୍ର): ସୁକନ୍ୟା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅନୁଷ୍ଠାନର ସମ୍ପାଦିକ ଗୀତାଞ୍ଜଳି ଦୁବେଙ୍କ ଦ୍ୱାରା ଆୟୋଜିତ ଓ ପରିଚାଳନା କରିଥିଲେ । ଏଥିରେ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସଭାପତିତ୍ୱ କରି ଉତ୍କଳ ଦିବସ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ । ମୁଖ୍ୟ ଅତିଥି ଭାବେ ସଂଗଠକ ବିଶ୍ୱନାଥ ଜେନା, ମୁଖ୍ୟବକ୍ତା ଭାବେ ଗୋପ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଦିପ୍ତି ମିଶ୍ର, ଯୋଗାଚାର୍ଯ୍ୟ ରମାକାନ୍ତ କର , ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ପ୍ରମୁଖ ଯୋଗଦେଇ ଉତ୍କଳ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କନିଷ୍ଠ ବିଭାଗରେ ପ୍ରତ୍ୟୁଷା ମହାନ୍ତି ପ୍ରଥମ, ସିଓନା ପାତ୍ର ଦିତ୍ୱିୟ, ସଂଚିତ ସାହୁ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । ସେହିପରି ସବଜୁନିୟର ବିଭାଗରେ କ୍ରିତାଂଶୁ ସାମନ୍ତରାୟ ପ୍ରଥମ, ଅର୍ପିତ ଦାସ ଦ୍ୱିତୀୟ ଓ ଅଂଶୁମାନ ସେଠୀ ତୃତୀୟ ହୋଇଥିଲେ । ଜୁନିୟର ବିଭାଗରେ ଆୟାନ ଅଂଶୁମାନ ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ମହିଳାମାନେ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ । ବୁଢା ସାର ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଚାରପତି ଭାବେ ଯୋଗଦାନ କରିଥିଲେ । ପୂଜା ପ୍ରଧାନ ଓ କଳ୍ପନା ମୁଦୁଲି କବିତା ପାଠସହ ସଙ୍ଗୀତ ପରିବେଷଣ କରିଥିଲେ । ସୁନୀତା ପଟ୍ଟନାୟକ, ସୋନାଲି ଦାସ, ଜ୍ୟୋସ୍ନାରାଣୀ ଦୁବେ, ବିଶ୍ୱରଞ୍ଜନ ପଟ୍ଟନାୟକ,ସନ୍ତୋଷ କୁମାର ବାରିକ ପରିଚାଳନାରେ ସହଯୋଗ କରିଥିଲେ ।

## ତଣ୍ଡାକୂଳରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ ନିମନ୍ତେ ଦାବି-

କଣାସ,୦୪/୦୪ (ନି.ପ୍ର): ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଚିଲିକା ଓ ସମୁଦ୍ରର ସଙ୍ଗମ ସ୍ଥଳ ତଣ୍ଡାକୂଳକୁ ପ୍ରତିଦିନ ବିଭିନ୍ନ ରାଜ୍ୟରୁ ଶହ ଶହ ପର୍ଯ୍ୟଟକ ଆସି ଚିଲିକାରେ ପକ୍ଷୀ ବିଚରଣ ଉପଭୋଗ କରିବା ସହିତ ସାତପଡା ଠାରେ ଡଲଫିନ୍ ଦେଖିବା ଓ ତଣ୍ଡାକୂଳକୁ ଯାଇ ଚିଲିକା ଓ ସମୁଦ୍ରର ଦୃଶ୍ୟ ଉପଭୋଗ କରିଥାନ୍ତି । ହେଲେ ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ରାମଗୃହ ଓ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରୌଦ୍ରତାପ ସମୟରେ ଠାଆକୁ ଠାଆ ବରଡା ପକାଯାଇ ବିଭିନ୍ନ ଦୋକାନ କରିଥିବା ଉଠାଦୋକାନି ମାନଙ୍କ ବରଡାତାଟି ତଳେ ପର୍ଯ୍ୟଟକମାନେ ଆଶ୍ରୟ ନେଉଛନ୍ତି । ବିଶେଷକରି ମହିଳା ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀକୁ ଆକର୍ଷଣୀୟ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତଣ୍ଡାକୂଳରେ ପର୍ଯ୍ୟଟକମାନଙ୍କ ପାଇଁ କୌଣସି ସୁବିଧା କରାଯାଉନଥିବାରୁ ପର୍ଯ୍ୟଟକଙ୍କ ସମେତ ଆଖପାଖ ଗ୍ରାମବାସୀ ଶିପକୁଦ, ଆଳୁପାଟଣା, ସାତପଡା ଅଂଚଳର ଜନସାଧାରଣ ମଧ୍ୟ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୈନନ୍ଦିନ ସାତପଡା, ଆଳୁପାଟଣା, ଶିପକୁଦ ଗ୍ରାମକୁ ଶହଶହ ପର୍ଯ୍ୟଟକ ଚାରିଚକିଆ ଯାନରେ ଆସି ସେଠାରୁ ଡ଼ଙ୍ଗା ସାହାଯ୍ୟରେ ଚିଲିକାରେ ଭ୍ରମଣ କରିବା ସହିତ ପକ୍ଷୀମାନଙ୍କ ଦୃଶ୍ୟ, ଡଲଫିନ୍ ଦେଖି ତଣ୍ଡାକୂଳରେ ଘଂଟା ଘଂଟା ଧରି ଚିଲିକା ଓ ସମୁଦ୍ରର ଦୃଶ୍ୟକୁ ଉପଭୋଗ କରନ୍ତି । ରାତ୍ରୀ ଯାପନ ପାଇଁ ବିଶ୍ରାମଗୃହ ନଥିବାରୁ ସଂଧ୍ୟା ହେଲେ ପର୍ଯ୍ୟଟକ ଓ ଉଠାଦୋକାନୀମାନେ ତଣ୍ଡାକୂଳରୁ ଫେରିଯାଆନ୍ତି । ତୁରନ୍ତ ରାଜ୍ୟ ସରକାର ତଣ୍ଡାକୂଳରେ ଯାତ୍ରୀ ବିଶ୍ରାମଗୃହ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା କରିବାକୁ ଆଖାପାଖ ଗ୍ରାମବାସୀଙ୍କ ସହିତ ଚିଲିକାକୁ ଆସୁଥିବା ପର୍ଯ୍ୟଟକ ମାନେ ଦାବି କରିଛନ୍ତି ।

## ପ୍ରତି ରବିବାର ଶ୍ରୀମନ୍ଦିର ଦର୍ଶନ ବନ୍ଦ: ଏସଓପି ଜାରି କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୦୪/୦୪ (ନି.ପ୍ର): କରୋନା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଗାଇଡ ଲାଇନ୍ ଜାରି କରିଛି । ଏଥିପାଇଁ ଛତିଶାନିଯୋଗ ଓ ପରିଚାଳନା କମିଟିରେ ଆଲୋଚନା ହୋଇଥିଲା । ଆଜି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିସନ କୁମାର ଏଥିନେଇ ଏକ ସ୍ୱତନ୍ତ୍ର ସର୍କୁଲାର ଜାରି କରିଛନ୍ତି । ମୁଖ୍ୟପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ବିଚାର ବିମର୍ଶ ପରେ ଏହି ଏସଓପି ଜାରି ହୋଇଛି । କରୋନା କଟକଣା ପାଇଁ ଏସଓପିରେ ସାମାନ୍ୟ ପରିବର୍ତ୍ତନ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତାକାଲିଠାରୁ ଏହି ପ୍ରକ୍ରିୟା ଜାରି ରହିବ । ପ୍ରତି ରବିବାରଦିନ ଶ୍ରୀମନ୍ଦିର ଭିତର ଓ ବାହାର ସାନିଟାଇଜ କରାଯିବ । ଏଥିପାଇଁ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ । କିନ୍ତୁ ସେବକଙ୍କ ଦ୍ୱାରା ଶ୍ରୀମନ୍ଦିରର ନୀତିକାନ୍ତ ଯଥାରିତୀ ଚାଲିବ । ଅନ୍ୟଦିନ ମାନଙ୍କରେ ସକାଳ ୬ଟାରୁ ଯଥାରିତୀ ଦର୍ଶନ ଚାଲୁରହିବ । ସପ୍ତାହର ଦୁଇଦିନ ରାତିରେ ମନ୍ଦିର ଶୋଧ ପରେ ସାନିଟାଇଜ କରାଯିବ । କୋଭିଡ କଟକଣା ମାନି ଭକ୍ତମାନେ ଦର୍ଶନ କରିବେ । ମୁହଁରେ ମାସ୍କ ବାନ୍ଧିବା, ହାତ ସାନିଟାଇଜେସନ କରିବା, ଶାରୀରିକ ଦୂରତା ରଖି ଭକ୍ତ ଦର୍ଶନ କରିପାରିବେ । ରାଜ୍ୟ ସରକାରଙ୍କ କୋଭିଡ ଗାଇଡ ଲାଇନ ଅନୁଯାୟୀ ଭକ୍ତମାନେ ଦର୍ଶନ କରିପାରିବେ । ଭକ୍ତମାନେ ଶ୍ରୀମନ୍ଦିର ଭିତରେ କୌଣସି ବିଗ୍ରହ କିମ୍ବା ଅନ୍ୟସ୍ଥାନରେ ସ୍ୱର୍ଶ କରିପାରିବେ ନାହିଁ । ପାଟିରେ ପାନ କିମ୍ବା ଗୁଟଖା ଖାଇ ମନ୍ଦିର ଭିତରକୁ ଯାଇପାରିବେ ନାହିଁ । ଯଦି ଧରାପଡନ୍ତି ତେବେ ୧ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ । ଶ୍ରୀମନ୍ଦିର ଭିତରେ ପଲିଥିନକୁ ସଂପୂର୍ଣ୍ଣ ବାରଣ କରାଯାଇଛି । ପଲିଥିନ ଭକ୍ତଙ୍କ ହାତରେ ଦେଖିଲେ ୧୦୦ଟଙ୍କା ଜୋରିମାନା ଆଦାୟ କରାଯିବ । ନିର୍ଦ୍ଦିଷ୍ଟ ଦୀପ ଜଳିବା ସ୍ଥାନରେ ଭକ୍ତମାନେ ଦୀପ ଜାଳିପାରିବେ । ଆନନ୍ଦବଜାର ନିର୍ଦ୍ଦିଷ୍ଟ ସ୍ଥାନରୁ ଭକ୍ତମାନେ ମହାପ୍ରସାଦ କିଣିପାରିବେ । ସମସ୍ତ ଭକ୍ତମାନେ ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ କରିପାରିବେ । ଏହାସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଗାଇଡ ଲାଇନକୁ ଭକ୍ତମାନେ ମାନି ଦର୍ଶନ କରିପାରିବେ ବୋଲି ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି ।

## ଚୋରା ମଦ ଜବତ, ବେପାରୀ କୋର୍ଟ ଚାଲାଣ

କୋରାଇ,୦୪/୦୪ (ନି.ପ୍ର): ପାଣିକୋଇଲି ପୁଲିସ ଚୋରା ଦେଶୀ ଓ ବିଦେଶୀ ମଦ ଧରିବା ସହ ବେପାରୀକୁ କୋର୍ଟ ଚାଲାଣ କରିଛି । ସାହାପୁର ମିଳନ ଉତ୍ସବ ଅବସରରେ ସାହାପୁର ବନ୍ଧ ଉପରେ ଥିବା ଏଟିଏମ କଡରେ ମଦ ବିକ୍ରି ଖବର ପାଇ ପୁଲିସ ଚଡାଉ କରିଥିଲା । ଏସଆଇ କୈଳାସ ଚନ୍ଦ୍ର ଭୋଇ ସଦଳବଳେ ଚଡାଉ ସମୟରେ ସେଠାରେ ଯାଜପୁର ସଦର ଥାନା ଅନ୍ତର୍ଗତ ତାଳଗଡିଆ ଗ୍ରାମର ଅକ୍ଷୟ ସାହୁଙ୍କ ପୁଅ ଅର୍ଜ୍ଜୁନ(୨୫)କୁ ଧରିବାକୁ ସକ୍ଷମ ହୋଇଥିଲା । ତା ନିକଟରୁ ୫ ବୋତଲ ମ୍ୟାକଡଲ ରମ, ୯ ବୋତଲ ମ୍ୟାକଲ ହୁସ୍କି ଓ ୧୬ ବୋତଲ ଆସ୍କା ଫଟି ଜବତ କରିଥିଲା । ଅର୍ଜ୍ଜୁନକୁ ଥାନାକୁ ମଦ ସହ ଆଣିବା ପରେ ଏକ ମାମଲା ୧୧୩/୨୧ ରୁଜ୍ଜୁ କରାଯାଇ ୫୨(ଏ) ଓଡିଶା ଏକ୍ସସାଇଜ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି ।

## ଅଗ୍ନିବିପନ୍ନଙ୍କୁ ସହାୟତା କଲେ ଇଣ୍ଡିଆନ ରେଡକ୍ରସ ସୋସାଇଟି

ବାସୁଦେବପୁର,୦୪/୦୪ (ନି.ପ୍ର): ବାସୁଦେବପୁର ପୌରପାଳିକା ନିକଟସ୍ଥ ଉଚ୍ଛଡିହା ଗ୍ରାମରେ ଘଟିଯାଇଛି ଭୟାବହ ଅଗ୍ନିକାଣ୍ଡ । ଏହି ଅଗ୍ନିକାଣ୍ଡରେ ବିପନ୍ନ ପରିବାରବର୍ଗଙ୍କୁ ସହୟତାର ହାତ ବଢ଼ାଇଛନ୍ତି ଭୁବନେଶ୍ୱରର ଇଣ୍ଡିଆନ ରେଡକ୍ରସ ସୋସାଇଟି । ମୟୂରଭଞ୍ଜ ରେଡକ୍ରସ କାଉନସିଲର ଅଧାପକ ବସନ୍ତ କୁମାର ଦାଶ, ସଂଯୋଜକ ଅଧାପକ ଡକ୍ଟର ଦିଲ୍ଲୀପ ଭୋଇ, ବାଲେଶ୍ୱର ରେଡକ୍ରସ ସଂଯୋଜକ ଅଧାପକ ସୁଧୀର ମୁଦୁଲି ପ୍ରମୁଖ ଯୋଗ ଦେଇ ବିପନ୍ନ ପରିବାରବର୍ଗଙ୍କୁ ଶୀତବସ୍ତ୍ର, ପିନ୍ଧାଲୁଗା, ରୋଷେଇ ଉପକରଣ, ତମ୍ବୁ, ପଲିଥିନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଶରତ ଚନ୍ଦ୍ର ପଣ୍ଡା ଶିକ୍ଷାବିତ୍ ରତ୍ନାକର ମଲ୍ଲିକ ଓ ଅନ୍ୟାନ୍ୟ ବନ୍ଧୁ ଉପସ୍ଥିତ ଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଉଚ୍ଛଡିହା ଗ୍ରାମରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟି ସୁରେନ୍ଦ୍ର ବାରିକ, ଗୌରାଙ୍ଗ ବାରିକ, ନରେନ୍ଦ୍ର, ନିଶାକର ପ୍ରମୁଖଙ୍କ ୧୦ ବଖରା ଘର ଜଳିଯାଇଥିଲା । ଲକ୍ଷାଧିକ ଟଙ୍କାର ଜନସମ୍ପତ୍ତି ଏଥିରେ ନଷ୍ଟ ହୋଇଛି । ଏହି ଘଟଣାରେ ସମସ୍ତେ ଦୁଃଖ ପ୍ରକାଶ କରିଛନ୍ତି ।

## ପିପିଲି ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଂଚ ପରେ ୧୦ ପ୍ରାର୍ଥୀ ମଇଦାନରେ

ପୁରୀ,୦୪/୦୪ (ନି.ପ୍ର): ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ୧୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ମାର୍ଚ୍ଚରେ ୩୧ରେ ଯାଂଚ ପରେ ସନ୍ତୋଷ ଦାସ, ପ୍ରିୟରଞ୍ଜନ ମିଶ୍ର ଓ ସନ୍ତୋଷ କୁମାର ମହାପାତ୍ର ନାମାଙ୍କନ ପତ୍ର ନାକଚ ହୋଇଥିଲା । ଆଉ ୧୨ଜଣଙ୍କ ମଧ୍ୟରୁ ଆଜି ୩ତାରିଖ ୩ଟା ସୁଦ୍ଧା ୨ଜଣ ପ୍ରାର୍ଥୀ ଦୀପକ ଦାସ ଓ ସମ୍ବିତ ପଟ୍ଟନାୟକ ତାଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିଲେ । ଏବେ ୧୦ଜଣ ପ୍ରାର୍ଥୀ ଉପିନିର୍ବାଚନରେ ଭୋଟରଙ୍କ ସମ୍ମୁଖୀନ ହେବେ । ଏଥିପାଇଁ ପୋଷ୍ଟାଲ ବ୍ୟାଲେଟ ଓ ବ୍ୟାଲେଟ ପେପର ଛପାଇବା ପାଇଁ ପ୍ରକିୟା ଜାରି ରହିବ ବୋଲି ରିଟର୍ଣ୍ଣି ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ୍ତ କୁମାର ସାହୁ ଗଣମାଧମକୁ ସୂଚନା ଦେଇଛନ୍ତି । ଆସନ୍ତା ୧୭ ତାରିଖ ଦିନ ଭୋଟ ଗ୍ରହଣ କରାଯିବ । ଏହାର ୧୫ଦିନ ପରେ ମେ ୨ ତାରିଖରେ ଭୋଟ ଗଣତି ଓ ଫଳାଫଳ ପ୍ରକାଶ ପାଇବ ।

## କୋଭଡ ଟିକା କରଣ ବେଳେ ଡାକ୍ତରଖାନା କର୍ମଚାରୀଙ୍କୁ ଦୁର୍ବବ୍ୟହାର: ମାମଲା ରୁଜ୍ଜୁ

କୋରାଇ,୦୪/୦୪ (ନି.ପ୍ର): କୋଭଡ ଟୀକା କରଣ ବେଳେ ଡାକ୍ତରଖାନା କର୍ମଚାରୀଙ୍କୁ ଦୁର୍ବବ୍ୟହାର କରିବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜ୍ଜୁ ହୋଇଛି । ପ୍ରକାଶଯେ ବରୁଣ୍ଡାଇ କଲ୍ୟାଣ ମଣ୍ଡପ ଠାରେ କୋଭିଡ ଟୀକା କରଣ କାର୍ଯ୍ୟ ଚାଲୁଥିବା ବେଳେ ଅମୃତିଆ ପଂଚାୟତ ଭାଟ ସୋଲପଟା ଗ୍ରାମର ନଟବର ମହାପାତ୍ର ନାମକ ଜଣେ ବ୍ୟକ୍ତି ପହଂଚି ଗଣ୍ଡଗୋଳ କରିଥିଲେ । ଫଳରେ ବରୁଣ୍ଡାଇ ଜୋନର ମେଡିକାଲ କର୍ମଚାରୀ ସଇଫୁଲା ଜୁଲଫିକରଙ୍କ ଭ୍ୟାକସିନ ବାକ୍ସ ଛିଡାଇବା, ମୋବାଇଲ ଛଡାଇବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ଏନେଇ ସଇଫୁଲା ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୧୨/୨୧ ରୁଜ୍ଜୁ କରି ତଦନ୍ତ ଜାରି ରଖିଛି ।

## ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ସ୍ୱନକ୍ଷତ୍ର ଉତ୍ସବ ପାଳିତ



ବାସୁଦେବପୁର,୦୪/୦୪ (ନି.ପ୍ର): ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ପଞ୍ଚାୟତର କମାରଗାଁ ଗ୍ରାମରେ ଥିବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପୁସ୍ତକ ଲୋକାର୍ପଣ, ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କବି ସୁଦର୍ଶନ ଅଗସ୍ତି ଏହି ସଭାରେ ଅନୁଷ୍ଠାନର ସଭାପତି ଭାବେ ସଭାପତିତ୍ୱ କରିଥିଲା । ଶିକ୍ଷାବିତ୍ ଦୁଃଶାସନ ରାଉତ, କବି ସୁଧାଂଶୁ ଶେଖର ମିଶ୍ର, ଶିକ୍ଷାବିତ୍ ଡକ୍ଟର ରାମଚନ୍ଦ୍ର ନାୟକ, ବିକାଶ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଓ କଳାସଂସ୍କୃତିର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ତଥା ସାରଳା ପୁରସ୍କାରପ୍ରାପ୍ତ ବରିଷ୍ଠ କବି ନିତ୍ୟାନନ୍ଦ ନାୟକଙ୍କୁ ସ୍ମୃତି ସ୍ୱାକ୍ଷର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଆଦର୍ଶ ଶିକ୍ଷକ ବିଷ୍ଣୁମୋହନ ପଣ୍ଡା, ସମାଜସେବୀ କୃପାସିନ୍ଧୁ ନାୟକ, ସଫଳ ବିଦ୍ୟାର୍ଥୀ କୃଷ୍ଣାପିତା ଦାସ, ନୃତ୍ୟଶିଳ୍ପୀ ସଂଗୀତା ମଂଜରୀ ପଣ୍ଡା ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ମୁଖକତ୍ର 'ସ୍ମୃତି ସ୍ୱାକ୍ଷର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସଦାନନ୍ଦ ପାଣିଗ୍ରାହୀ, କବି ରଂଜନ ନାୟକ, କବି ମାନସ ପାଢ଼ୀ ସଂଯୋଜନା କରିଥିଲେ । କବି ସମାଜସେବୀ ଶତ୍ରୁଘ୍ନ ଧନୀ, ଶିକ୍ଷାବିତ୍ ରବି ନାରାୟଣ ସେନାପତି, ଗୀତିକାର ପୀତାମ୍ବର ମିଶ୍ର, ଆଇନଜିବୀ ସ୍ମୃତି ରଂଜନ ପଲିତା, ସଂଜୟ ଜେନା, ସରୋଜ ସେଠୀ, ମଧୁସୂଦନ ପାଢ଼ୀ, କବି ଧ୍ରୁବ ଚରଣ ପାଣିଗ୍ରାହୀ, କବି ମଳଧର ମହାପାତ୍ର, ଶିବପ୍ରସାଦ ଦାଶ, ତପନ ମିଶ୍ର, ଭଗବାନ ମିଶ୍ର, ବିପଦ ଭଂଜନ ପାଢ଼ୀ, ଭାଗୀରଥୀ ପଣ୍ଡା, ଭାଗିରଥୀ ମଇନି, କୈଳାସ ପାଢ଼ୀ, କମଳାକାନ୍ତ କର, କୁନ୍ତଳା କୁମାରୀ ମହାପାତ୍ର, ନିଶାକର ସେଠୀ, ବଂଶୀଧର ଡାଙ୍ଗୁଆ, ସୌମେନ୍ଦ୍ର ପଣ୍ଡୁଆ, ଅଭିମନ୍ୟୁ ସାହୁ ପ୍ରମୁଖ ବହୁ କବି କବିତା ପାଠ କରିଥିଲେ । ବାଇଚଢ଼େଇର ସଂପାଦକ କବି ବିକାଶ ଶତପଥୀ ମଞ୍ଚ ସଂଚାଳନ କରିଥିଲା ବେଳେ ସଂପାଦକ ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ସଂଖ୍ୟାରେ କବି ଲେଖକ କଳାକାର ଜନସାଧାରଣ ଯୋଗଦେଇଥିଲେ ।

## କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଅଭାବ: ରୋଗୀ ହନ୍ତସନ୍ତ

କଣାସ,୦୪/୦୪ (ନି.ପ୍ର): ପୁରୀ ଜିଲ୍ଲାର ସର୍ବାଧିକ ଅନୁନ୍ନତ ଅଂଚଳ ରୂପେ ପରିଚିତ ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକ । ଏହି ବ୍ଲକର ଚର୍ତୁପାର୍ଶ୍ୱରେ ଅନେକ ନଦୀନାଳ ରହିଛି । ଚିଲିକା ଓ ନଦୀନାଳ ଲାଗି ରହିଥିବାରୁ ବର୍ଷସାରା ଏହି ଅଂଚଳରେ ଝାଡ଼ାବାନ୍ତି ପିଛାଛାଡୁ ନାହିଁ । କଣାସ ବ୍ଲକର ୨୮ଗ୍ରାମପଚାଂୟତର ୧୩୯ଟି ରାଜସ୍ୱ ଗ୍ରାମ, ୧୦୮ଟି ପଡାଗ୍ରାମର ୧ ଲକ୍ଷ ୬୦ ହଜାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ କଣାସ ଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମନ୍ଦାରବସ୍ତ, ବୀରକେଶରପୁର, ସାହୁପଡା, ଗଡିଶାଗୋଦା, ନନ୍ଦିଗୋଦା ଠାରେ ୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିବା ବେଳେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଜଣ ଏବଂ ଗଡିଶାଗୋଦା, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରମାନେ ନ ଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ରୋଗୀମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୀ-ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇ ଦିଆଯାଉଥିବାରୁ ରୋଗୀମାନଙ୍କ ସହିତ ଯାଉଥିବା ସେମାନଙ୍କ ସମ୍ପର୍କୀୟ ଓ ପରିବାର ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେବା ସହ ଗରିବ ରୋଗୀମାନଙ୍କ କଥା କହିଲେ ନ ସରେ । ଖବରନେବାରେ ଜଣାପଡିଛି, ଦୀର୍ଘ ଦିନ ହେଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ, ଶୈଲ୍ୟ ବିଶେଷଜ୍ଞ ପଦବୀ ଖାଲି ରହିଥିବା ବେଳେ ଗଡିଶାଗୋଦା ଏବଂ ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦବୀ ଖାଲିପଡିଛି । ସେହିପରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଷ୍ଟାଫନର୍ସ ପଦବୀ ଖାଲିପଡିଥିବା ବେଳେ ଜଣେ ପୁରୁଷ ସୁପରଭାଇଜର ଏବଂ ଜଣେ ମହିଳା ସୁପରଭାଜର ପଦବୀ ଖାଲିପଡିଛି । ଜନ୍ମ-ମୃତ୍ୟୁ ପଞ୍ଜିକରଣ କ୍ଲର୍କ ପଦବୀ ଦୀର୍ଘ ଦିନ ହେଲା ଖାଲିପଡିଥିବାରୁ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଲୋକମାନେ ପାଇପାରୁନଥିବା ଅଭିଯୋଗ ହେଉଛି । ଜଣେ ଚକ୍ଷୁ ସହାୟକ, ୩ ଜଣ ଆଟେଣ୍ଡାଂଟ ପଦବୀ ଖାଲିଥିବା ବେଳେ ୮ ଜଣ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୫ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ମହିଳା ସୁପରଭାଇଜର ୨ ଜଣ, ବ୍ଲକ କୋ-ଅଡିନେଟର ୧ଟି ପଦବୀ ଖାଲିପଡିଥିବା ଜଣାପଡିଛି । ନିକଟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୨୦ ବର୍ଷ ତଳେ କାର୍ଯ୍ୟ କରୁଥିବା ସୁନାମଧନ୍ୟ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ ମାସ ତଳେ ଅଣା ଯାଇଥିବାରୁ ରୋଗୀମାନେ ଡାକ୍ତର ଶ୍ରୀ ବେହେରା ଆସିବା ଦିନକୁ ଚାତକ ପରି ଚାହିଁ ରହୁଛନ୍ତି । ଡାକ୍ତର ଶ୍ରୀ ବେହେରା ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ହୋଇଥିବାରୁ ସପ୍ତାହକୁ ଦୁଇ ଦିନ ଫ୍ୟାମିଲି ପ୍ଲାଙ୍ଗି ଆପେରେସନ୍ ଦାୟିତ୍ୱ ତୁଲାଇବା ସହ ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ମୁଖ୍ୟତଃ ବିଶେଷଜ୍ଞ ଡାକ୍ତରମାନେ ନଥିବାରୁ ସେମାନଙ୍କ ସ୍ଥାନରେ ତାଲିମ୍ ନେଉଥିବା ଡାକ୍ତରମାନଙ୍କୁ ନିଯୁକ୍ତି ଦେଉଥିବାରୁ ରୋଗୀମାନେ ସେହି ଡାକ୍ତରମାନଙ୍କ ନିକଟକୁ ଯାଉନଥିବା ଜଣାପଡିଛି । ଡାକ୍ତରଖାନାର ଆବଶ୍ୟକୀୟ ଗୃହ, ରୋଗୀମାନଙ୍କ ବେଡ୍, ପ୍ରଶସ୍ତ ଜାଗା, ପରିଷ୍କାର ପରିଚ୍ଛନ୍ନ ଥିବାରୁ ଇତିମଧ୍ୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇ.ଏସ୍. ମାନ୍ୟତା ମିଳିଥିବା ବେଳେ ରୋଗୀମାନଙ୍କ ସେବାପାଇଁ ଆବଶ୍ୟକ ଅଭିଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି । ତୁରନ୍ତ ଖାଲିଥିବା ବିଶେଷଜ୍ଞ ପଦବୀ ଷ୍ଟାଫନର୍ସ, ପୁରୁଷ ଓ ମହିଳା ସୁପରଭାଜର, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ, ଚକ୍ଷୁ ସହାୟକ, ଆଟେଣ୍ଡାଂଟ, ଜନ୍ମ-ମୃତ୍ୟୁ ପଞ୍ଜିକରଣ କ୍ଲର୍କ ପଦବୀ ପୂରଣ କରିବାକୁ ଅଂଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# ଭୂତ



ଶିବ ପ୍ରସାଦ ବାହିନୀପତି

ରାତ୍ରି ଆସିଗଲେ ନିଛାଟିଆ ପାଲଟି ଯାଏ ସବୁଆଡେ । ମଣିଷ ମାନଙ୍କ ଠାରୁ ଆରମ୍ଭ କରି କୀଟ-ପତଙ୍ଗ ଯାଏଁ ସମସ୍ତେ ବିଶ୍ରାମରତ । ଏକୁଟିଆ ବାହାରକୁ ବାହାରିବାକୁ ଭୟ ଲାଗେ । କାରଣ ଆମ ପୂର୍ବଜ ମାନଙ୍କ ଠାରୁ ଆମେ ଭୂତ- ପ୍ରେତର କଥା ଶୁଣିଛୁ । ସେମାନେ କହୁଥିଲେ ଭୂତ ମାନଙ୍କର ପ୍ରାଦୁର୍ଭାବ ଦିନ ଅପେକ୍ଷା ରାତ୍ରିରେ ବେଶି । ଶୂନ୍‌ଶାନ ସ୍ଥାନରେ, ଶ୍ମଶାନ ଓ ସମାଧି ସ୍ଥଳରେ, ନିବାଡ଼ିଆ ଗଛରେ ସେମାନଙ୍କ ବାସ ବୋଲି ବାପ-ଗୋସିବାପଙ୍କଠାରୁ ଶୁଣିବା ପାଇଁ ମିଳୁଥିଲା ଓ ରାତ୍ରିରେ ଭୂତ-ପ୍ରେତଙ୍କର ଶକ୍ତି ଦ୍ୱିଗୁଣିତ ହୋଇଯାଏ ବୋଲି ଶୁଣିଥିଲୁ । ଦେବତାମାନଙ୍କ ପରି ସେମାନେ ରୂପ ପରିବର୍ତ୍ତନ କରିପାରନ୍ତି ବୋଲି ଜାଣିଥିଲୁ ପୂର୍ବଜଙ୍କଠୁଁ । କୁହାଯାଏ ଯେ ରାତ୍ରି ୧୨ଟା ପରେ ଅଶୁଭ ବେଳାର ପ୍ରାରମ୍ଭ। ଏହି ବେଳାରେ ପ୍ରାୟ ୭୦% ଲୋକ ଭୟଭୀତ ହୋଇଥା'ନ୍ତି । ଏବେ ବି ସୁଦ୍ଧା ଛୋଟ ପିଲାମାନଙ୍କୁ ତାଙ୍କ ଗୁରୁଜନ ଭୂତ-ପ୍ରେତର ଭୟ ଦେଖାଇ ବୁଝାଉଥିବାର ଶୁଣିବାକୁ ମିଳେ । ତେବେ ଏଠି ପ୍ରଶ୍ନ ଉଠେ- 'ସତରେ ଏ ସୃଷ୍ଟିରେ ଭୂତ-ପ୍ରେତ ଅଛନ୍ତି ? 'ଆମ ମଣିଷ ସମାଜରେ କେଉଁଠି ନା କେଉଁଠି ମନରେ କିଛି ଦୁର୍ଭାବନା ଆନ୍ଦୋଳନ ସୃଷ୍ଟି ହୁଏ । ସମସ୍ତେ ଭୂତ-ପ୍ରେତର ବାସ୍ତବତାକୁ ଉପଲବ୍ଧି କରିବାକୁ ଚାହାନ୍ତି ।

ଏହି ଭୂତ-ପ୍ରେତ ଶବ୍ଦ ପୁରାତନ, ଏହି ଶବ୍ଦ କୋଉଠି ନା କୋଉଠି ନିଶ୍ଚିତ ରୂପେ ଧର୍ମ ସହ ଯୋଡ଼ି ହୋଇ ରହିଛି । ସମସ୍ତ ଧର୍ମର ଗୋଟିଏ ଲକ୍ଷ୍ୟ ହେଉଛି 'ମୋକ୍ଷ ପ୍ରାପ୍ତି'। ଧର୍ମ ପ୍ରମାଣାନୁସାରେ ଇଶ୍ୱର ହେଉଛନ୍ତି ପରମାତ୍ମା । ଭୂତ ଶବ୍ଦଟି 'ଆତ୍ମତତ୍ତ୍ୱ'ରୁ ଆନୀତ । କେବଳ ହିନ୍ଦୁ ନୁହେଁ ବରଂ ଅନ୍ୟ ସମସ୍ତ ଧର୍ମ ବି 'ଆତ୍ମତତ୍ତ୍ୱ'ର ବିଶ୍ୱାସୀ। ହିନ୍ଦୁ ଶାସ୍ତ୍ରାନୁସାରେ ପରମାତ୍ମାଙ୍କଠାରୁ ଆତ୍ମାର ସୃଷ୍ଟି। ଆତ୍ମା ଏକ ଅଦୃଶ୍ୟ ରଶ୍ମୀ । ଅର୍ଥାତ୍ ଏକ ଆଲୋକ ବିନ୍ଦୁ ଯାହାର ରୂପ, ରଙ୍ଗ, ବର୍ଣ୍ଣ, ଜାତି କିଛି ବି ନାହିଁ । ପରବର୍ତ୍ତୀ ସମୟରେ ପରମାତ୍ମା ପଞ୍ଚତତ୍ତ୍ୱର ସମିଶ୍ରଣରେ ଶରୀରର ସର୍ଜନା କଲେ ଏବଂ ଆତ୍ମା ପରମାତ୍ମାଙ୍କ ନିର୍ଦ୍ଦେଶରେ ଶରୀରରେ ପ୍ରବେଶ କଲେ । ଏପରି ଆତ୍ମା ପରିବର୍ତ୍ତିତ ହୁଏ ଏକ ପ୍ରାଣୀ ବା ଉଦ୍ଭିଦ ରୂପରେ । ହିନ୍ଦୁ ଶାସ୍ତ୍ରାନୁସାରେ ଇଶ୍ୱର ୫୬କୋଟି ଭିନ୍ନ ଭିନ୍ନ ଜୀବର ସର୍ଜନାକାରୀ । ତନ୍ମଧ୍ୟରୁ ୧୪କୋଟି ଜୀବ ଜଳରେ, ୧୪କୋଟି ଜୀବ ସ୍ଥଳରେ, ୧୪ କୋଟି ଜୀବ ବାୟୁରେ ଏବଂ ୧୪ କୋଟି ଜୀବ ପାତାଳପୁରବାସୀ। ଏମାନଙ୍କ ପାଇଁ ତିନୋଟି ଲୋକର ଗଠନ ଇଶ୍ୱରଙ୍କ ଦ୍ୱାରା କରାଯାଇଛି । ଏହି ଲୋକ ପୃଥିବୀର ଉପରକୁ ତିନିଲୋକ ଓ ପୃଥିବୀ ତଳକୁ ତିନିଲୋକ ଅଛି । ଉପରକୁ ସୂର୍ଯ୍ୟାଲୋକ, ସ୍ୱର୍ଗଲୋକ, ବ୍ରହ୍ମଲୋକ ଥିବା ବେଳେ ତଳକୁ ନାଗଲୋକ, ଯକ୍ଷଲୋକ ଓ ପାତାଳଲୋକ ଅବସ୍ଥିତ । ତେବେ ଏହା କେବଳ ହିନ୍ଦୁ ଧର୍ମର ବେଦ ପୁରାଣ ଅନ୍ତର୍ଗତ । ଅନ୍ୟ ସମସ୍ତ ଧର୍ମ ଆତ୍ମାକୁ ଭିନ୍ନ ଭିନ୍ନ ନାମ ରୂପରେ ବର୍ଣ୍ଣନା କରନ୍ତି । କିନ୍ତୁ ଆତ୍ମା ଅଦୃଶ୍ୟ ବୋଲି ସମସ୍ତଙ୍କ ସ୍ୱୀକାରୋକ୍ତି । ସର୍ବଧର୍ମର ଚିନ୍ତକଗଣ ଆତ୍ମାର ରୂପକୁ ଭିନ୍ନ ଭିନ୍ନ ରୂପମତ ପ୍ରଦାନ କରିଛନ୍ତି । ଆତ୍ମା ହେଲା ବାୟୁ ଓ ରଶ୍ମୀର ସମିଶ୍ରଣ ରୂପ, ଯାହା କେବଳ ଇଶ୍ୱରଙ୍କ ଦ୍ୱାରା ସୃଷ୍ଟି ଅଟେ ।

ଆତ୍ମା ଶରୀର ପ୍ରାପ୍ତ କରି ଇଶ୍ୱରଙ୍କର କିଛି ଉଦ୍ଦେଶ୍ୟ ପୂରଣ ପାଇଁ ଭୂପୃଷ୍ଠକୁ ଆସିଥାଏ ; କିନ୍ତୁ ସେ ଶରୀର ଧରି ଭୂପୃଷ୍ଠରେ ଓହ୍ଲାଇବା ମାତ୍ରେ ବିସ୍ମରଣ ହୋଇଯାଏ ତା'ର ଇଶ୍ୱରଙ୍କ ନିର୍ଦ୍ଦେଶନାମା । ସେଲାଗି ଭାଗ୍ୟର ରଚନା କରିଛନ୍ତି ଇଶ୍ୱର, ଯାହା ତାଙ୍କ ଉଦ୍ଦେଶ୍ୟ ପୂରଣ ଦିଗକୁ ଭିଡ଼ିନିଏ । ଆତ୍ମା ଭୂପୃଷ୍ଠ ଅବତରଣ କରିବା ପରେ ସଂସାରର ମୋହମାୟା ଜାଲରେ ଫସି ଦୁଃଖ-ଯନ୍ତ୍ରଣାଭୋଗୀ ପାଲଟି ଯାଏ । ବିଜ୍ଞାନ ବି ମାନି ନେଇଛି ଆତ୍ମାର ଅବସ୍ଥିତି । କିନ୍ତୁ ସେ ଆତ୍ମାକୁ ଏକ ଶକ୍ତି ବା ଉର୍ଜା ରୂପେ ବିବେଚନା କରିଛି । ବିଜ୍ଞାନ ପ୍ରମାଣ ଅନୁସାରେ ଶକ୍ତି କେବଳ ଏକ ରୂପରୁ ଅନ୍ୟ ରୂପକୁ ପରିବର୍ତ୍ତନ ହୋଇଯାଏ । ଅର୍ଥାତ ଯେବେ କୌଣସି ଜୀବର ମୃତ୍ୟୁ ଘଟେ, ତା' ଶରୀରଟାକୁ ଏକ ସ୍ଥାନରେ ପୋତି ଦିଆଯାଏ । କିଛିଦିନ ମଧ୍ୟ ଯେ ଶରୀରଟି ମାଟିରେ ମିଳେଇଯିବା ସହ ପୋଷକ ତତ୍ତ୍ୱ ଯୋଗୁଁ ସେଠାରେ ଗୁଡ଼ିଏ ବୃକ୍ଷ ଦେଖିବା ପାଇଁ ମିଳେ। ଏପରି ଏକ ରୂପରୁ ଅନ୍ୟ ରୂପକୁ ଆତ୍ମାର ପରିବର୍ତ୍ତନ। ତେବେ ଆମେ ଭୂତମାନଙ୍କ ବିଷୟରେ ଜାଣିବା। ଭୂତଙ୍କ ବିଷୟରେ ବିଜ୍ଞାନର ମତ ଏକ ଭିନ୍ନ ପ୍ରକାରର । ବିଜ୍ଞାନ ଭୂତମାନଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରେନି ।

ସାଧାରଣତଃ କୁହାଯାଏ କି, କୁକୁର ଓ ବିଲେଇ ମାନଙ୍କୁ ଭୂତ ମାନଙ୍କର ଅନୁଭବ ବହୁତ ଜଲ୍‌ଦି ହୋଇଥାଏ । ମନୁଷ୍ୟମାନେ ୨୦ଐତରୁ ନେଇକି ୨୦,୦୦୦ଐତ ପର୍ଯ୍ୟନ୍ତ ଫ୍ରିକ୍ୱେନ୍ସିର ଶବ୍ଦ ଶ୍ରବଣ କରିପାରନ୍ତି। ୨୦,୦୦୦ଐତ ଫ୍ରିକ୍ୱେନ୍ସିର ତଳକୁ ଶବ୍ଦ ଶୁଣିବା ଜଟିଳସାଧ୍ୟ ; ଏହାକୁ କହନ୍ତି ଇନ୍‌ଫ୍ରା ସଉଣ୍ଡ୍ । ଏହି କମ୍ ସାଉଣ୍ଡ୍‌କୁ କୁକୁର ଓ ବିଲେଇମାନେ ଶୁଣି ପାରନ୍ତି । ଡ଼କ୍ଟର ରିଚାର୍ଡ ୱାଇଯମେନଙ୍କ ମତାନୁସାରେ ଆମେ ଇନ୍‌ଫ୍ରା ସାଉଣ୍ଡ୍‌କୁ ଶୁଣି ପାରିବା ନାହିଁ କିନ୍ତୁ ଅନୁଭବ କରିପାରିବା । ଏହା ଆମ ମନରେ ନକରାତ୍ମକ ଓ ସକରାତ୍ମକ ଚିନ୍ତାଧାରା ଉତ୍ପନ୍ନ କରାଇଥାଏ । ଆମ ଆଖିର ଚଞ୍ଚଳତା ବି ଇନ୍‌ଫ୍ରା ସାଉଣ୍ଡ୍‌କୁ ଉତ୍ପନ୍ନ କରିଥାଏ । କେବେ କେବେ ଇନ୍‌ଫ୍ରା ସାଉଣ୍ଡ୍ କାରଣରୁ ଆମ ମନରେ ନେଗେଟିଭ୍ ? ଭାବନା ଆସିଥାଏ । ଯଦି ହଠାତ ଆମେ ଶୂନଶାନ ଜାଗାରେ ଥିବା ତେବେ ଆମେ କହିପାରନ୍ତେ କି ସେଠି ଭୂତ ମାନଙ୍କର ସାୟା ଅଛି । ଏଭଳି ଚଞ୍ଚଳତାର ଅନୁଭବ ଜୀବଜନ୍ତୁ ମାନଙ୍କୁ ତୁରନ୍ତ ହୁଏ । କୁହାଯାଏ କି, ଭୂତ ମାନଙ୍କ ବାସସ୍ଥାନ ସ୍ଥଳୀରେ ଥଣ୍ଡା ଅନୁଭୂତ ହୁଏ ଏବଂ ସେ ଜାଗାରେ ଯଦି ଗୋଟେ ପାଦ ଆଗକୁ ଯାଇ ଗୋଟେ ପାଦ ପଛକୁ ଆସିବେ ତେବେ ତାପମାତ୍ରା ପୁନରାୟ ନର୍ମାଲ ହୁଏ । ଘୋଷ୍ଟ ହଣ୍ଟରଙ୍କ ଅନୁସାରେ ଏକ ଥଣ୍ଡା ସ୍ଥାନ ଅସାଧାରଣ ଗତିବିଧିର ସଂକେତ ହୋଇଥାଏ । ବିଜ୍ଞାନ କହେ ସବୁ ଜିନିଷର ନିଜର ତାପମାତ୍ରା ଥାଏ ।

ବିନା ରଙ୍ଗ ଓ ବିନା ଗନ୍ଧ ବାଲା ଗ୍ୟାସ 'କାର୍ବନ ମନୋକ୍ସାଇଡ୍' , ତେଣୁ ଏହାର ପତା ଲଗାଇବା ବହୁ ଜଟିଳ । ଏହି ଗ୍ୟାସ୍ ବିଷାକ୍ତ ; ଆମର ନାଳି ରକ୍ତର କୋଷ ଗୁଡ଼ିକ ଅକ୍ସିଜେନ ତୁଳନାରେ କାର୍ବନ ମନୋକ୍ସାଇଡ୍ ଗ୍ୟାସକୁ ଗ୍ରହଣ କରେ, ଫଳତଃ ଶରୀରରେ ଅକ୍ସିଜେନ ମାତ୍ରା କମିଯାଏ । ଅକ୍ସିଜେନ ମାତ୍ରା କମିବା ହେତୁ ବହୁ ହାଲିଆ ଲାଗେ, ଅଦ୍ଭୂତ ପ୍ରକାରର ଜିନିଷ ସବୁ ଦେଖାଯାଏ ଯାହାକୁ ସମସ୍ତେ ଭୂତ ଭାବନ୍ତି । ପରେ ସେହି ଲୋକର ମୃତ୍ୟୁ ହୋଇଯାଏ । Quantum Mechchanicsରେ କୌଣସି ବି ପଦାର୍ଥକୁ Atom ଲେବୁଲରେ Study କରାଯାଏ । ଡକ୍ଟର ହାମରୋ ଓ ତାଙ୍କ ଭୌତିକ ବିଜ୍ଞାନୀ ବନ୍ଧୁ ରୋଜର ପେନରୋଜଙ୍କ ମତାନୁସାରେ - ମନୁଷ୍ୟର ଚେତନା ଆମ ମସ୍ତିଷ୍କର କୋଷଗୁଡ଼ିକ ଭିତରେ ଥିବା ନଳମୁଣ୍ଡରୁ ଆସିଥାଏ ଓ ଏହି ନଳିକା ଦ୍ୱାରା Quantum processing ହୋଇଥାଏ । ମଣିଷର ମୃତ୍ୟୁ କାଳ ନିକଟତର ହେଲେ ମସ୍ତିଷ୍କ ସ୍ଥିତ ସମସ୍ତ Quantum In-formations ସବୁ ବାହାରକୁ ବାହାରିବାକୁ ଲାଗେ । କିନ୍ତୁ Quantum In-formations ବାହାରିଥିବା ପରେ ବି ଅସ୍ତିତ୍ୱରେ ରହିଥାଏ ।ଏଥିଲାଗି କିଛି ଲୋକ out of body experience କଥା କୁହନ୍ତି ଏବଂ ଗୋଟେ ଆଲୋକକୁ ଦେଖିଥା'ନ୍ତି ।

୨୦୧୩ରେ ବଙ୍ଗଳା ଦେଶରେ ଏକ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ ୩୦୦୦ କର୍ମଚାରୀ ଆନ୍ଦୋଳନ କରିଥିଲେ । ଆନ୍ଦୋଳନର କାରଣ ଭିନ୍ନ ପ୍ରକାରର ଥିଲା । କାରଣ ଥିଲା ଯେ, ଲେଡ଼ିସ୍ ଟଏଲେଟ୍‌ରେ ଜଣେ ଅତୃପ୍ତ ଆତ୍ମା ଜଣେ ମହିଳା କର୍ମଚାରୀ ଉପରେ ଆକ୍ରମଣ କରିଥିଲା । ଯଦ୍ୱାରା ସମସ୍ତ କର୍ମଚାରୀ ସେଠି ଆନ୍ଦୋଳନ କଲେ । ସମସ୍ତଙ୍କୁ ଆୟତରେ ଆଣିବାକୁ ପୁଲିସି ବି ଲାଠି ମାଡ଼ କରିଥିଲା । କର୍ମଚାରୀ ମାନଙ୍କ ଇଚ୍ଛା ଭୂତକୁ ସେଠୁ ବାହାର କରାଯାଉ । ଏମିତି ଏକ ଘଟଣା ପଟାଙ୍ଗର ଏକ ବିଦ୍ୟାଳୟରେ ବି ହୋଇଥିଲା । ଯେବେ ଜଣେ ବୃଦ୍ଧା ଭୂତକୁ ଦେଖିଲେ ତେବେ ବିଦ୍ୟାଳୟର ୨୨ଜଣ ଛାତ୍ର - ଛାତ୍ରୀଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଗଲା । ଏ ଦୁଇଟି ଘଟଣାରେ କର୍ମଚାରୀ ଓ ଛାତ୍ର-ଛାତ୍ରୀ ମାନେ ସାଇକୋଲୋଜିକାଲ ଘଟଣାର ଅନୁଭବୀ ଥିଲେ । ଯାହାକୁ Mass Hysteria କୁହାଯାଏ । କେବେ କେବେ ଫଟୋ ଉତ୍ତୋଳନ ବେଳେ ଆଲୋକର କିଛି ଅଂଶ କ୍ୟାପ୍‌ଚର ହୋଇଯାଏ, ଏ ଦୃଶ୍ୟ ଲୋକ ମାନଙ୍କ ମନରେ ଭୂତର ଭ୍ରମ ସୃଷ୍ଟି କରେ । ଯଦି କିଛି ପୋକ କ୍ୟାମେରା ଆଗକୁ ଚାଲିଆସେ ତେବେ ଉଠିଥିବା ଫଟୋରେ ବ୍ଲର ଆସେ ଓ ଏହା ମସକ୍ୱମକ୍ଷର ଆକୃତିର ଦିଶେ, କ୍ୟାମେରା ପ୍ଲାସ୍ ଯୋଗୁଁ ଏହା ଚମକୁଥାଏ । ଏହାକୁ ଲୋକେ ଭୂତ ଆଖ୍ୟା ଦିଅନ୍ତି ।

ଦୁନିଆରେ କିଛି ଲୋକ ଭୂତକୁ ଦେଖିଥିବାର କହନ୍ତି । ତାଙ୍କ ମତାନୁସାରେ ତାଙ୍କ ଆଡ଼କୁ କିଛି ଛାଇ ପରି ଅଣେଇ ହୋଇ ରହିଥାଏ । ଏହାକୁ ତାଙ୍କ ଭାଷାରେ ଭୂତ ଭାବନ୍ତି ଲୋକେ। ବୈଜ୍ଞାନିକଗଣ ଯେବେ ଏକ ବ୍ୟକ୍ତିର ମସ୍ତିଷ୍କ ପରୀକ୍ଷା କଲେ ଏକ ଭୟଂକର ଜିନିଷ ପାଇଲେ। ରୋଗୀଟି କହିଲା ତା' ପଛରେ ତା'ରି ଆକୃତିର କେହି ଜଣେ ଦଣ୍ଡାୟମାନ । ବାସ୍ତବ କଥା ହେଲା କି, ବୈଜ୍ଞାନିକମାନେ ରୋଗୀ ମସ୍ତିଷ୍କର ବାମପଟର ଏକ ଅଂଶକୁ ଉତ୍ତେଜିତ କରିଥିଲେ। ଏହା ଏମିତି ଏକ ଅଂଶ ଯାହା ନିଜ ବିଚାରକୁ ପରିଭାଷିତ କରେ । କେବେ କେବେ ଆମେ ଅଜଣା ଛାଇକୁ ଅନୁଭବ କରୁ ; ସେ ସବୁ ଭ୍ରମ ଧାରଣା ହୋଇଥାଏ ।

ଶ୍ରୀମଦ ଭଗବତ ଗୀତାରେ ଆତ୍ମା ବିଷୟରେ ବହୁ ତଥ୍ୟ ଉପସ୍ଥାପନ ହୋଇଛି । କୁହାଯାଏ ଯେ ଆତ୍ମା ଅବିନାଶୀ, ଏହାର ପ୍ରଭାବ କାହା ଉପରେ ପଡ଼େନି । ସ୍ୱାଭାବିକ ଭାବେ ଇଶ୍ୱରଙ୍କ ଠାରେ ବିଲୀନ ହେବା ଆତ୍ମାର ଗୁଣ । ଯେ ପର୍ଯ୍ୟନ୍ତ ସେ ଇଶ୍ୱରଙ୍କ କତିରେ ବିଲୀନ ନ ହୋଇଛି, ସେ ପର୍ଯ୍ୟନ୍ତ ଆତ୍ମା ଏକ ଘଟରୁ ଅନ୍ୟ ଘଟକୁ ଘୂରି ବୁଲେ । ଇଶ୍ୱରଙ୍କ ବିନା କୃପାରେ ଆତ୍ମାକୁ ଦେଖି ହୁଏନା । ଆତ୍ମା ନିରାକାର, ବାୟୁ ପରି ଗତିଶୀଳ । ଏହାର କୌଣସି ପଞ୍ଚତତ୍ତ୍ୱ ନଥାଏ । ଅନୁଭବ କରିହୁଏ ସିନା ଦେଖି ହୁଏନି ଆତ୍ମାକୁ । ସର୍ବଦା ଶରୀର ବଦଳକାରୀ ଏଇ ଆତ୍ମା । ଶେଷ ସମୟ ଆସିଲେ ଆତ୍ମା ଭଗବାନଙ୍କଠାରେ ଲୀନ ହୋଇଯାଏ। ଆତ୍ମା ଖରାପ କି ଭଲ ହୋଇନଥାଏ । ଏହା ସହ ଯୋଡ଼ି ହୋଇ ରହିଥିବା ଶରୀରର ମନ ବା ସଂସ୍କାର ଖରାପ ହୋଇଥାଏ । ଯେଉଁ ଆତ୍ମାର ଖରାପ ସଂସ୍କାର ଥାଏ ସେ ଆତ୍ମାର ମନ ଏବଂ ବିଚାର ଖରାପ ହୋଇଥାଏ । ତାନ୍ତ୍ରିକମାନେ ଏହି ଆତ୍ମାର ଖରାପ ପ୍ରୟୋଗ କରିଥା'ନ୍ତି ।

ହିନ୍ଦୁ ପୁରାଣ ଅନୁସାରେ ମନୁଷ୍ୟ ମଲା ପରେ ଶବ ସଂସ୍କାର ହୋଇସାରିବା ପରେ ତା'ର ଆତ୍ମା ଅତିବାହିତ ବା ଲିଙ୍ଗ - ଶରୀର ଧାରଣ କରେ, ତତ୍ପରେ ତା' ଔର୍ଦ୍ଧଦୈହିକ କ୍ରିୟା (ପିଣ୍ଡଦାନ, ଶ୍ରାଦ୍ଧାଦି) ସମ୍ପାଦିତ ହେବା ବେଳେ ସେ ପ୍ରେତ - ଶରୀର ବା ଭୋଗ ଶରୀର ଧାରଣ କରେ । ସପିଣ୍ଡିକରଣ ଯାଏଁ ଏ ଶରୀର ରହେ, ସପିଣ୍ଡିକରଣାନ୍ତେ ମନୁଷ୍ୟ ପ୍ରତତତ୍ତ୍ୱରୁ ମୁକ୍ତ ହୋଇ ନିଜ କର୍ମାନୁସାରେ ସ୍ୱର୍ଗ ବା ନର୍କକୁ ଯାଏ। ଯେଉଁ ବ୍ୟକ୍ତିର ଶ୍ରାଦ୍ଧାଦି ଔର୍ଦ୍ଧଦୈହିକ କ୍ରିୟା ହୋଇ ନଥାଏ ସେ ପ୍ରେତ ହୋଇ ରହେ । ପୁରାଣ କହେ ପାପୀ, ଅଦାତା, ପରସ୍ତ୍ରୀଗାମୀ, ମିଥ୍ୟାବାଦୀ, ନିଷ୍ଠୁର, ମାଦକସେବୀ ଓ କୁକର୍ମକାରୀ ବ୍ୟକ୍ତିମାନେ ମୃତ୍ୟୁ ଅନ୍ତେ ପ୍ରେତ ହୋଇ ରହନ୍ତି । ପ୍ରେତ ମାନଙ୍କ ନିବାସ ମଳମୂତ୍ରାଦି ଅପରିଷ୍କୃତ ସ୍ଥାନ ଓ ସେମାନଙ୍କର ଖାଦ୍ୟ ଅପବିତ୍ର ବସ୍ତୁ ।

ଆଜିର ବିଜ୍ଞାନ ଯୁଗରେ ଭୂତ-ପ୍ରେତଙ୍କୁ ବିଶ୍ୱାସ ନକରୁଥିଲେ ବି, ବାସ୍ତବ କଥା ଭୂତ-ପ୍ରେତ ବୋଲି କିଛି ଅଛି । ଏମିତି କିଛି ଜାଗା ଅଛି ଯୋଉଠି ରାସ୍ତାରେ ବିଚରଣ କରନ୍ତି ଭୂତ-ପ୍ରେତ । ଜାତୀୟ ରାଜପଥରେ ଭୂତ-ପ୍ରେତଙ୍କ ବିଚରଣ ଶୁଣିଲେ ଲୋମ ଟାଙ୍କୁରି ଉଠିବ । ରାଞ୍ଚିର ଜାମସେଦପୁର ୩୩ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ମନ୍ଦିର ରହିଛି । କୁହାଯାଏ କି ଏ ବାଟ ଦେଇ ଯେଉଁ ବ୍ୟକ୍ତି ଯାତାୟତ କରନ୍ତି, ସେ ଯଦି ମନ୍ଦିରରେ ଠାକୁରଙ୍କୁ ଦର୍ଶନ ନ କରି ଚାଲିଯା'ନ୍ତି ତେବେ ସେ ଏକ ଅଦୃଶ୍ୟ ଶକ୍ତିର ଆକ୍ରମଣର ଶିକାର ହୁଅନ୍ତି । ଯାହାଦ୍ୱାରା ଦୁର୍ଘଟଣାରେ ପ୍ରାଣ ଯାଏ ।

ଦିଲ୍ଲୀର କ୍ୟାଣ୍ଟନମେଣ୍ଟ ରୋଡ଼କୁ ଭୂତଙ୍କ ଆବାସସ୍ଥଳୀ କୁହାଯାଏ । ରାତି ଗୋଟାଏରୁ ଦୁଇଟା ମଧ୍ୟରେ ଜଣେ ମହିଳା ଏ ରାସ୍ତାରେ ଯିବା ଆସିବା କରିବାର ଦେଖାଯାଏ।ସେ ପ୍ରଥମେ ଲିଫ୍ଟ ମାଗିଥାଏ। କୁହାଯାଏ ଯେଉଁମାନେ ତାକୁ ଲିଫ୍ଟ ଦେଇଛନ୍ତି ସେମାନେ ପୁନର୍ବାର ଆଉ ଫେରି ନାହାନ୍ତି । ଯେଉଁମାନେ ଲିଫ୍ଟ ଦେବାକୁ ମନା କରିଦିଅନ୍ତି, ତାଙ୍କ ଗାଡ଼ି ସହ ଭୂତଟି ସମାନ ଗତିରେ ଦୌଡ଼ିଥାଏ । ନଚେତ ଗାଡ଼ି ଉପରେ ବସିପଡ଼େ । ଏ ପ୍ରେତାତ୍ମା ବହୁବର୍ଷ ହେବ ସେଠି ବୁଲୁଛି ବୋଲି ସ୍ଥାନୀୟ ଲୋକେ କହନ୍ତି । ଆଉ ଗୋଟିଏ ରୋଡ଼ ହେଲା - ରାଜ୍ୟ ରାଜପଥ- ୪୯, ପୂର୍ବତଟ ରୋଡ଼ । ଏ ରାଜପଥ ତାମିଲ୍‌ନାଡୁକୁ ପଶ୍ଚିମବଙ୍ଗ ସହ ଯୋଡ଼ିଥାଏ । ଏ ରାଜପଥର ଚେନ୍ନାଇ ଓ ପଣ୍ଡିଚେରୀ ମଧ୍ୟରେ ଏକ ଭୟାନକ ଜାଗା ଅଛି । ଅନେକ ଗାଡ଼ି ଚାଳକଙ୍କ ମତ - ସେଠାରେ ପହଞ୍ଚିବା ମାତ୍ରେ ହଠାତ ଦେହ ଖରାପ ହୋଇଯାଏ । କିଛି ସ୍ଥାନୀୟ ଲୋକଙ୍କ ମତ ଅନୁସାରେ ଏ ରାସ୍ତାରେ ରାତ୍ରି କାଳରେ ହଠାତ୍ କେହି ଜଣେ ମହିଳା ଧଳା ଲୁଗା ପିନ୍ଧି ଗାଡ଼ି ସାମ୍ନାକୁ ଚାଲିଆସେ। ଏହାପରେ ଗାଡ଼ିଟି ଦୁର୍ଘଟଣାର ଶିକାର ହୁଏ । ଆଉ ଗୋଟିଏ ହେଉଛି ଦିଲ୍ଲୀ-ଜୟପୁର ଏନ୍.ଏଚ୍ । ରାଜସ୍ଥାନରେ ଥିବା ଭାନଗଡ଼ କିଲା ଦେଶର ସବୁଠାରୁ ଭୟଙ୍କର ସ୍ଥାନ ଭାବେ ଜଣାଯାଏ । କହନ୍ତି ଏହା ଅନେକ ଆତ୍ମାଙ୍କର ଆଶ୍ରୟସ୍ଥଳୀ । ଏହା ଦିଲ୍ଲୀ-ଜୟପୁର ହାଇୱେ ମଧ୍ୟବର୍ତ୍ତୀ ଅଞ୍ଚଳ । ଏଠାକାର ଲୋକ ମାନଙ୍କର କହିବାନୁସାରେ କିଛି ଅଦୃଶ୍ୟ ଶକ୍ତି ତାଙ୍କୁ ପଛପଟୁ ଧକ୍କା ଦେଇଥାଏ । ଆଧୁନିକ ସମାଜରେ ଅନେକ ଅନ୍ଧବିଶ୍ୱାସ ବା କୁସଂସ୍କାର ଭାବି ଏଡାଇ ଦେଇପାରନ୍ତି ; ତେବେ ଘଟଣା ଶିକାର ହୋଇଥିବା ଲୋକମାନେ ଏହାକୁ ଭୁଲି ପାରୁନାହାନ୍ତି । ପୁଣେର ଶନିବାର ୱାଡା କିଲା ଭୂତଙ୍କ ସ୍ଥାନ କହନ୍ତି । ଏ କିଲାକୁ ନେଇ କିଛି ରୋଚକ ତଥ୍ୟ ଶୁଣିବାକୁ ମିଳେ । ଏଠି ପେଶୱାର ରାଜକୁମାର ଛୁଆଙ୍କର ଆତ୍ମା ବାସ କରେ ବୋଲି କୁହାଯାଏ । ଶୁଣିବାକୁ ମିଳେ ଯେ, କ୍ଷମତାର ଲାଳସାରେ ଅଠର ବର୍ଷୀୟ ରାଜକୁମାର ନାରାୟଣ ରାଓଙ୍କୁ ଏ ମହଲରେ ହତ୍ୟା କରାଯାଇଥିଲା । ଏ ସମୟରେ କ୍ଷମତାରେ ପେଶୱା ଥିଲା ଓ ନାରାୟଣ ରାଓଙ୍କୁ ପେଶୱାଙ୍କର ରାଜକୁମାର କରାଯାଇଥିଲା । ଏଥିରେ ତାଙ୍କ ଖୁଡ଼ି ଆନନ୍ଦୀବାଇ ଖୁସି ନଥିଲେ ।ଷଡ଼ଯନ୍ତ୍ର ପୂର୍ବକ ସେ ତାଙ୍କୁ ହତ୍ୟା କରିଥିବାର ସୂଚନା ମିଳେ । ନିଜ ପ୍ରାଣରକ୍ଷା ପାଇଁ ନାରାୟଣ ରାଓ ପୂରା ମହଲରେ ଲୁଚିବାକୁ ଚେଷ୍ଟା କରିଥିଲା । ମାତ୍ର ହତ୍ୟାକାରୀ କବଳରୁ ବର୍ତ୍ତି ପାରିନଥିଲା । ସେ ନିଜକୁ ରକ୍ଷା କରିବାକୁ ଚିତ୍କାର କରି ନିଜର ଦାଦାଙ୍କୁ ଡ଼ାକିଥିଲା, ମାତ୍ର କେହି ବି ସହାୟତାର ହାତ ବଢ଼ାଇ ନଥିଲେ । ଏ ମହଲ ନିକଟରେ ବାସ କରୁଥିବା ଲୋକଙ୍କୁ ଆଜି ବି ଚିତ୍କାର ଶୁଣିବାକୁ ମିଳେ ଏ ମହଲରୁ । 'ବଚାଓ, ବଚାଓ' ଆୱାଜ କରି କେହି ଡ଼ାକୁଥିବାର ଶବ୍ଦ ଅମାବସ୍ୟା ରାତ୍ରିରେ ଶୁଭିଥାଏ। ପୂର୍ଣ୍ଣିମା ରାତ୍ରିରେ ଏ ଶବ୍ଦ ଆହୁରି ଭୟାନକ ଶୁଭେ ।

ଦୁନିଆର ସବୁଠାରୁ ସୁରକ୍ଷିତ ସ୍ଥାନ କୁହାଯାଉଥିବା ଆମେରିକାର ହ୍ୱାଇଟ ହାଉସରେ ବି ଆତ୍ମାଙ୍କର ନିବାସ, ବିଶ୍ୱାସ ନ ହେଲେ ବି କଥାଟି ସତ୍ୟ । ଏଠି ଅନେକ ଲୋକ ଆତ୍ମାକୁ ଅନୁଭବ କରିସାରିଛନ୍ତି । ହ୍ୱାଇଟ ହାଉସ ଆମେରିକା ରାଷ୍ଟ୍ରପତିଙ୍କର ନିବାସ ସ୍ଥାନ । ଏଠି ଏତେ କଡ଼ା ସୁରକ୍ଷା ଯେ ସେଠାରେ ବିନା ଅନୁମତିରେ ପକ୍ଷୀ ବି ପର ଉଡ଼ାଇ ପାରେନା । କିନ୍ତୁ ଏହାର ଅଗଣାରେ ଏମିତି ଏକ ରହସ୍ୟ ଅଛି ଯାହାକୁ ଜାଣିଲା ପରେ ଯେ କେହି ବି ହୋଇଥାଉ, ତା'ର ଲୋମ ଟାଙ୍କୁରି ଉଠିବ । କୁହାଯାଏ- ହ୍ୱାଇଟ ହାଉସରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କର ଆତ୍ମା ଆଜି ବି ଘୁରି ବୁଲେ । ଆବ୍ରାହମ ଲିଙ୍କନ ଆମେରିକାର ୧୬ତମ ରାଷ୍ଟ୍ରପତି ଥିଲେ । ୧୮୬୫ରେ ହ୍ୱାଇଟ ହାଉସ ଭିତରେ ହିଁ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣାର କିଛିଦିନ ପରେ ହିଁ ଲୋକମାନଙ୍କୁ ଆବ୍ରାହମ ଲିଙ୍କନଙ୍କର ଆତ୍ମା ଦେଖିବାକୁ ମିଳିଥିଲା ।

(କ୍ରମଶଃ)

+ସମ୍ପାଦକ ଉଦୟ ଭାନୁ,
ଭାଟପଡ଼ା, ନିରାକାରପୁର,
କଣାସ
ଫୋ- ୯୫୫୬୧୩୭୧୨୦

# ଜାଣନ୍ତୁ ମାଟି କପରେ ଚା' ପିଇବା ଫାଇଦା

ଅଧିକାଂଶ ଲୋକଙ୍କ ଚା'ରୁ ଆରମ୍ଭ ହୋଇଥାଏ ନୂଆ ସକାଳ। ଅଫିସ ବା କୌଣସି କାମରୁ ଥକି ଯାଇଥିବା କଛି ଲୋକଙ୍କ ପାଇଁ ଚା' ଏନର୍ଜି ଡ୍ରିଙ୍କ ଭଳି କାମ କରେ ତ ଆଉ କାହାର ପାଟିର ସ୍ୱାଦ ବଦଳାଇ ଦିଏ । ଯଦି ଏହି ଚା' ମାଟି କପରେ ଥାଏ ତେବେ ତା'ର ମଜା ଟିକେ ନିଆରା । କାଚ, ସେରାମିକ, ମେଟାଲ ବା ଡିସ୍ପୋଜାଲ କପ୍ ବଦଳରେ ଅନେକ ଲୋକେ ମାଟି କପରେ ଚା' ପିଇବାକୁ ପସନ୍ଦ କରିଥାନ୍ତି । ଏହି ଇକୋଫ୍ରେଣ୍ଡଲି ମାଟି କପରେ ଚା' ପିଇବା ଦ୍ୱାରା ସ୍ୱାଦ ବଢ଼ିବା ସହ ଏହାର ଅନେକ ଫାଇଦା ମଧ୍ୟ ରହିଛି। ତେବେ ଆସନ୍ତୁ ଜାଣିବା ଏ ବିଷୟରେ...



♦ମାଟି କପରେ ଗରମ ଚା' ପଡିବା କ୍ଷଣି ମାଟିର ସୁନ୍ଦର ବାସ୍ନା ବାହାରିଥାଏ। ଏହି ବାସ୍ନା ମନକୁ ବେଶ ଆନନ୍ଦିତ କରିଦେଇଥାଏ। ଅବସାଦରେ ଥିବା ଲୋକଙ୍କ ମନ ପ୍ରଫୁଲ୍ଲିତ ହୋଇଯାଏ।

♦ମାଟି କପ୍ ପୁରାପୁରି ହାଇଜେନିକ ହୋଇଥାଏ। ଏଥିରେ ଜୀବାଣୁ ବ୍ୟାପିବା ସମ୍ଭାବନା ବହୁ କମ। କାଚ ଗ୍ଲାସ ଅପେକ୍ଷା ମାଟି କପରେ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର। ମାଟି କପ ବଭିନ୍ନ ସଂକ୍ରମଣରୁ ମଧ ଦୂରେଇ ରଖିଥାଏ।

♦ମାଟି ପାତ୍ରରେ ଯେଉଁ ସୁକ୍ଷ୍ମ ତତ୍ତ୍ୱ ରହିଥାଏ, ତାହା ଆମ ଶରୀରର ହାଡ ପାଇଁ ଲାଭଦାୟକ । ମାଟିରେ କ୍ୟାଲସିଅମ ଭରପୁର ମାତ୍ରାରେ ରହିଥାଏ। ତେଣୁ ଏଥିରେ ଚା' ପିଇବା ଦ୍ୱାରା ଆମ ଶରୀରକୁ କିଛି ନା କିଛି ମାତ୍ରାରେ କ୍ୟାଲସିଅମ ମିଳିଥାଏ, ଯାହାଦ୍ୱାରା ଆମ ହାଡ ମଜଭୁତ ହୁଏ।

♦ମାଟି କପରେ ଚା' ପିଇଲେ ହଜମ ଶକ୍ତି ମଧ ବଢ଼ିଥାଏ।

ମାଟିରେ ତିଆରି କପରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ବା ଖରାପ ଜୀବାଣୁ ନଥାଏ। ଅନ୍ୟ ଡିସ୍ପୋଜାଲ କପ୍ ବଦଳରେ ଏହା ଅଧିକ ହିତକର। ଡିସ୍ପୋଜାଲ କପରେ ଗରମ ଚା' ପିଇବା ଦ୍ୱାରା ଏଥିରେ ଥିବା ଏସିଡ ପେଟକୁ ଯାଇ ଆମ ଅନ୍ତନଳୀରେ ଜମା ହୋଇଯାଏ। ଫଳରେ ପେଟ ଖରାପ ହେବା ସହ କ୍ୟାନସର ଭଳି ମାରାତ୍ମକ ରୋଗର ବିପଦ ରହିଥାଏ ।

♦ମଣିଷ ଶରୀରରେ ଆସିଡିଟି ହେବା ଫଳରେ ହଜମ ପ୍ରକ୍ରିୟା ସହ ଜଡିତ ଅନେକ ସମସ୍ୟା ଉତ୍ପନ୍ନ ହୋଇଥାଏ। ମାଟି ପାତ୍ରରେ କ୍ଷରିୟ ଗୁଣ ଭରପୁର ମାତ୍ରାରେ ଥାଏ। ତେଣୁ ମାଟି ପାତ୍ରରେ ଚା' ପିଇବା ଦ୍ୱାରା ପେଟ ଜନିତ ସମସ୍ୟା କମ ହେବା ସହ ପେଟ ପୋଡା ଜଳା ମଧ ହୁଏ ନାହିଁ ।

♦ପୂର୍ବେ ଗାଁ ଗହଳିରେ କେବଳ ମାଟ ପାତ୍ରର ବ୍ୟବହାର କରାଯାଉଥିଲା, ଏବେ ସହରରେ ମଧ ଏହାର ଡିମାଣ୍ଡ ବଢ଼ିଗଲାଣି। ଚା' ପିଇବା ପାଇଁ ଅଧିକାଂଶ ମାଟି କପର ବ୍ୟବହାର କରୁଛନ୍ତି। ବିଶେଷକରି କରୋନା କାଳରେ ସୁରକ୍ଷିତ ଓ ହାଇଜେନିକ ରହିବା ପାଇଁ ଏଥିରେ ଚା' ପିଇବା ପାଇଁ ଅଧିକାଂଶ ପସନ୍ଦ କରନ୍ତି। ଏହାଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା କମ ରହିଥାଏ।

# ବିଟ୍, ଗାଜର ଓ ସେଓରେ ରହିଛି ଅନେକ ଉପକାରୀ ଗୁଣ

ଥାଇରଏଡ୍ ଆଜିକାଲି ସମୟ ପାଇଁ ଏକ ସାଧାରଣ ରୋଗ। ଏହି ସମସ୍ୟା ଥିଲେ ଧୀରେ ଧୀରେ ଅନ୍ୟ ସମସ୍ୟା ସବୁ ମଧ ଉପୁଜିପାରେ। ଯଦି ଆପଣଙ୍କୁ ବାରମ୍ବାର ଥକ୍କାପଣ, ମୁଣ୍ଡ ବୁଲାଇବା, ଓଜନ ବଢିବା ଏବଂ ମାଂସପେଶୀ ଦୁର୍ବଳ ଲାଗିବା ଭଳି ସମସ୍ୟା ଅନୁଭବ ହେଉଛି ତେବେ ଆପଣଙ୍କର ଥାଇରଏଡ୍ ଥାଇପାରେ ବୋଲି ଧରିନିଅନ୍ତୁ। ଏଭଳି ସମୟରେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ। ଥାଇରଏଡ୍ ଭଳି ସମସ୍ୟାକୁ ନିଜଠାରୁ ଦୂରେଇବା ପାଇଁ ନିୟମିତ ଗାଜର ଖାଆନ୍ତୁ। ଏଥିରେ ଆଣ୍ଟିଅକ୍ସିଡେଣ୍ଟସ୍ ଏବଂ ବିଟରେ କେରୋଟିନ୍ ତତ୍ତ୍ୱ ଥାଏ, ଯାହା ଥାଇରଏଡ୍‌କୁ ନିୟନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଗୋଟିଏ ଲେଖାଏ ଗାଜର ଖାଇଲେ ଥାଇରଏଡ୍‌ରୁ ମୁକ୍ତି ମିଳିବ। ଏଥିରେ ଆଇରନ୍ ଏବଂ ଫାଇବର ଅଧିକ ଥିବାରୁ ଥାଇରଏଡ୍ ପାଇଁ ବହୁତ ଭଲ ହୋଇଥାଏ। ଯଦି ଆପଣ ୨୦ ଦିନ ଲଗାତାର ଗାଜର ଖାଇବେ ତେବେ ଆପଣଙ୍କ ଥାଇରଏଡ୍ ସମସ୍ୟା କମିଯିବ। ସେଓରେ ପେକ୍ଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥାଏ। ଦିନରେ ଗୋଟିଏ ବିଟ୍ ମଧ ଖାଇବାକୁ ଚେଷ୍ଟା କରନ୍ତୁ। ଏଥିରେ ଥାଇରଏଡ୍ କମ୍ କରିବାର ତତ୍ତ୍ୱ ଥାଏ। ଏହାକୁ ଖାଇଲେ ଇମ୍ୟୁନ୍ ସିଷ୍ଟମ୍ ଶକ୍ତିଶାଳୀ ଏବଂ ଥାଇରଏଡ୍ ହରମୋନ୍ ନିୟନ୍ତ୍ରିତ ହୋଇଥାଏ।



# ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟକରେ ବ୍ରୋକଲି

ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ। ପେଟରେ କ୍ୟାନ୍ସରର ଏକ କାରଣ ହେଉଛି ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ଲାଭପ୍ରଦ ହେବ। ବ୍ରୋକଲି ଏକ ଏପରି ଆଣ୍ଟିବାୟୋଟିକ ଯାହା ବହୁତ ମହଙ୍ଗା। ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ। ଜାନ୍ସ ହାପିକନ୍ସ ୟୁନିଭର୍ସିଟିର ବିଶେଷଜ୍ଞ ଓ ଦ ଫ୍ରେଞ୍ଚ ନ୍ୟାସନାଲ ସାଇଣ୍ଟିଫିକ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞ ଟିମଙ୍କ କହିବାନୁସାରେ ଏହି କ୍ଷତିକାରକ ବ୍ୟାକ୍ଟେରିଆ ଯୋଗୁଁ ଶରୀରରେ ଯେଉଁ ସଂକ୍ରମଣ ହେଉଛି ବ୍ରୋକଲି ତାକୁ ଦୂର କରିପାରିବ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମାନତା...

ପ୍ରତି ବର୍ଷ ବିଶ୍ୱ ଅର୍ଥନୀତିକ ମଂଚ (ୱାର୍ଲଡ୍ ଇକୋନୋମିକ୍ ଫୋରମ୍-ଡବ୍ଲୁଇଏଫ) ପ୍ରକାଶ କରିଥାଏ ବିଶ୍ୱ ଲିଙ୍ଗଗତ ଅନ୍ତର (ଗ୍ଲୋବାଲ୍ ଜେଣ୍ଡର ଗ୍ୟାପ୍) ରିପୋର୍ଟ। ଅର୍ଥାତ ସମାଜରେ ପୁରୁଷ ଏବଂ ନାରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅଂଶଗ୍ରହଣରେ ରହୁଥିବା ପାର୍ଥକ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ୨୦୦୬ରୁ ୧୫୬ଟି ଦେଶଙ୍କ ସମ୍ପର୍କରେ ଏହା ପ୍ରକାଶିତ ହୋଇ ଆସୁଥିବା ବେଳେ ନିକଟରେ ପ୍ରକାଶ ପାଇଛି ଚଳିତବର୍ଷ ଅର୍ଥାତ ୨୦୨୧ର ରିପୋର୍ଟ ବା ତାଲିକା। ଏହି ତାଲିକାରେ ଭାରତର ସ୍ଥାନ ରହିଛି ୧୪୦ରେ। ଚଳିତଥର ଭାରତ ଏହା ପୂର୍ବବର୍ତ୍ତୀ ସ୍ଥାନଠାରୁ ତଳକୁ ୨୮ଟି ସ୍ଥାନ ଖସି ହୋଇଛି ଦକ୍ଷିଣ ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ଦେଶ। ରିପୋର୍ଟ ଅନୁସାରେ ଭାରତ ନିଜର ଲିଙ୍ଗଗତ ଅନ୍ତରକୁ ୬୨.୫ ପ୍ରତିଶତରେ ଶେଷ କରିବାକୁ ସମର୍ଥ ହୋଇଛି। ଅପରପକ୍ଷରେ ଭାରତର ପଡ଼ୋଶୀମାନଙ୍କ ମଧ୍ୟରୁ ବାଂଲାଦେଶ ୬୫ତମ ସ୍ଥାନରେ ରହିଥିବାବେଳେ ନେପାଳ ରହିଛି ୧୦୬ରେ, ପାକିସ୍ତାନ ୧୫୩ରେ, ଆଫଗାନିସ୍ତାନ ୧୫୬, ଭୂଟାନ ୧୩୦ ଏବଂ ଶ୍ରୀଲଙ୍କା ୧୧୬ରେ। ଅର୍ଥାତ ଭାରତ ଓ ଏହାର ପଡ଼ୋଶୀ ରାଷ୍ଟ୍ରମାନେ ଲିଙ୍ଗଗତ ଭେଦଭାବ ଯୋଗୁଁ ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସରେ ଦକ୍ଷିଣ ଏସିଆକୁ ଦ୍ୱିତୀୟ ସର୍ବନିମ୍ନ ପ୍ରଦର୍ଶନକାରୀ ଅଂଚଳରେ ପରିଣତ କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଜିଜିଜିଆଇ ଚାରିଗୋଟି ମାନଦଣ୍ଡ ହେଉଛି ଯଥାକ୍ରମେ- ଅର୍ଥନୀତିକ ଅଂଶଗ୍ରହଣ ଏବଂ ସୁଯୋଗ, ଶିକ୍ଷାଗତ ଉପଲବ୍ଧି, ସ୍ୱାସ୍ଥ୍ୟ ଏବଂ ଜୀବିତାବସ୍ଥାରେ ରହିବା ଏବଂ ରାଜନୀତିକ ସଶକ୍ତିକରଣ। ଅର୍ଥନୀତିକ ଅଂଶଗ୍ରହଣ ଏବଂ ସୁଯୋଗ ପାଇଁ ଏକ ଉପ-ସୂଚକାଙ୍କ ପ୍ରସ୍ତୁତ କରାଯାଇଥାଏ ଯେଉଁଥିରେ ସମଗ୍ର ବିଶ୍ୱର ସ୍ଥିତି ସର୍ବାଧିକ ଖରାପ ବୋଲି ଦର୍ଶାଯାଇଛି। ଏହି ଉପ-ସୂଚକାଙ୍କରେ ମଧ୍ୟ ଭାରତ ଅନ୍ତରକୁ ମାତ୍ର ୩୧.୬ ପ୍ରତିଶତରେ ଶେଷ କରିବାକୁ ସମର୍ଥ ହୋଇଥିବା ଦର୍ଶାଯାଇଛି। ମଜାର କଥା ହେଉଛି, ଏହି ସୂଚକାଙ୍କରେ ଯେଉଁ ଅନ୍ତର ପ୍ରଦର୍ଶନ କରାଯାଇଥାଏ, ତାହା କେବଳ ଅଣକୁଶଳୀ/କମ୍-କୁଶଳୀ ବର୍ଗଙ୍କ ମଧ୍ୟରେ ଦେଖାଯାଇନଥାଏ, ବରଂ ସମାନ ଭାବରେ ଅତ୍ୟଧିକ-କୁଶଳୀ ବର୍ଗର ଚାକିରି କ୍ଷେତ୍ରରେ ମଧ୍ୟ ଦେଖାଯାଇଥାଏ। ଉପରୋକ୍ତ ଅନ୍ତର ବାଦ୍ ଆଉ ଏକ ଗଭୀର ସମସ୍ୟା ମଧ୍ୟ ରହିଛି। ୨୦୧୮-୧୯ର ପର୍ଯ୍ୟାୟଭିତ୍ତିକ ଶ୍ରମ ଶକ୍ତି ସର୍ଭେ ଅନୁସାରେ ଭାରତରେ ୧୫ବର୍ଷ ବୟସରୁ ଉର୍ଦ୍ଧ୍ୱ ମହିଳାମାନଙ୍କ କ୍ଷେତ୍ରରେ ଶ୍ରମ ଶକ୍ତିରେ ଅଂଶଗ୍ରହଣର ହାର ଅତ୍ୟନ୍ତ ନିମ୍ନ। ଗ୍ରାମାଂଚଳରେ ଏହାର ହାର ୨୬.୪ ପ୍ରତିଶତ ହୋଇଥିବାବେଳେ ସହରାଂଚଳରେ ୨୦.୪ ପ୍ରତିଶତ। ପରିପୋଷଣୀୟ ବିକାଶ ଲକ୍ଷ୍ୟ ବାବଦରେ ନୀତି ଆୟୋଗ ଏକ ସମୀକ୍ଷା କରିଥିବାବେଳେ ଏହାଦ୍ୱାରା ୨୦୧୮ରେ ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟ ଦର୍ଶାଇଛି ଯେ ଲିଙ୍ଗଗତ ସମାନତା ଦୃଷ୍ଟିରୁ ଭାରତର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଅତି ଦୁର୍ବଳ ପ୍ରଦର୍ଶନ କରିଛନ୍ତି। ଲିଙ୍ଗଗତ ସମାନତା ପାଇଁ ମହିଳାମାନଙ୍କ ଶ୍ରମ ଶକ୍ତିରେ ଅଂଶଗ୍ରହଣ କରି ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାବେଳେ ଅର୍ଥନୀତିଜ୍ଞମାନଙ୍କ ମତରେ ମହିଳାମାନଙ୍କ କର୍ମନିଯୁକ୍ତିର ହାର ନିମ୍ନ ହେବାପାଇଁ ଉଭୟ ଯୋଗାଣ ଏବଂ ଚାହିଦା କାରକଗୁଡ଼ିକର ଅବଦାନ ରହିଛି। ଏହା ମଧ୍ୟରେ ଅନ୍ତର୍ଭୁକ୍ତ ଘର କାମ ସମ୍ଭାଳିବାର ଦାୟିତ୍ୱଠାରୁ ଭିତ୍ତିଭୂମିକୁ ସହାୟତା କରିବା ଭଳି ଚାହିଦାର ପର୍ଯ୍ୟାପ୍ତ ଅଭାବ। ଅବଶ୍ୟ ପୂର୍ବାପେକ୍ଷା ଏବେ ଆଉ କେବଳ କୃଷି କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ସୀମିତ ହୋଇ ରହିନାହିଁ; ଏହା ଅସଂଗଠିତ କ୍ଷେତ୍ର ଏବଂ ସାମୟିକ କର୍ମନିଯୁକ୍ତି ଦିଗୁ ସମ୍ପ୍ରସାରିତ ହୋଇଛି। ତେବେ ଇତ୍ୟବସରରେ ମହାମାରୀ କୋଭିଡ୍-୧୯ର ଆଗମନ ପରିସ୍ଥିତିକୁ ଅଧିକ ବିଗାଡ଼ି ଦେଇଛି। କେବଳ ସାମ୍ପ୍ରତିକ ସମୟରେ ନୁହେଁ, ମହାମାରୀଜନିତ ଏହି ପରିସ୍ଥିତି ମହିଳାମାନଙ୍କ ଭବିଷ୍ୟତର ଅର୍ଥନୀତିକ ସୁଯୋଗ ଉପରେ ପ୍ରଭାବ ପକାଇବାର ସମ୍ଭାବନା ବହନ କରୁଥିବା ବେଳେ ସେମାନଙ୍କର ପୁନଃ-ନିଯୁକ୍ତି ସୁଯୋଗକୁ ବିପଦାପନ୍ନ କରିବା ସହିତ ସେମାନଙ୍କର ଆୟରେ ଲଗାତାର ଭାବରେ ହ୍ରାସ ଘଟାଇବାର ସମ୍ଭାବନା ବହନ କରୁଛି। ବେଶ୍ କିଛିବର୍ଷ ହେବ ଭାରତରେ ସରକାରମାନେ ସମାଜରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ସମାନତା ଆଣିବାର ଉଦ୍ୟମ କରି ଆସୁଛନ୍ତି। ଏଥିପାଇଁ ଆଇନ୍ କ୍ଷେତ୍ରରେ ସଂସ୍କାର ଅଣାଯାଇଛି, ଲିଙ୍ଗ-ପ୍ରତିକ୍ରିୟାଶୀଳ ସାମାଜିକ ସୁରକ୍ଷା ପ୍ରଦାନ ସହିତ ସରକାରୀ ସେବା ପ୍ରଦାନ ବ୍ୟବସ୍ଥା, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ପାଇଁ ସ୍ଥାନ ସଂରକ୍ଷଣ ଏବଂ ମହିଳାମାନଙ୍କ ଆନ୍ଦୋଳନ ପାଇଁ ସମର୍ଥନ ପ୍ରଦାନ କରାଯାଇଛି। ଏସବୁ ପଦକ୍ଷେପ ଅବଶ୍ୟ ପୂର୍ବାପେକ୍ଷା ମହିଳାମାନଙ୍କ ସ୍ଥିତିରେ ପାର୍ଥକ୍ୟ ଆଣିଛି। ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଅମଳରେ ତ ଲିଙ୍ଗଗତ ଅସମାନତାକୁ ହ୍ରାସ କରିବା ପାଇଁ ବେଟି ବଚାଓ ବେଟି ପଢ଼ାଓ, ୱାନ୍ ଷ୍ଟପ୍ ସେଂଟର, ଉଜ୍ଜ୍ୱଳା ଯୋଜନା ଇତ୍ୟାଦି ଆରମ୍ଭ କରାଯାଇଥିବା ସମସ୍ତେ ଜାଣନ୍ତି। ତେବେ ଏହିସବୁ ପଦକ୍ଷେପଗୁଡ଼ିକୁ ବର୍ତ୍ତମାନ ସମୟରେ ଅଧିକ କ୍ରିୟାଶୀଳ କରିବା ସହିତ ମହିଳାମାନଙ୍କ କର୍ମନିଯୁକ୍ତି ନିମନ୍ତେ ଅନୁକୂଳ ପରିବେଶ ଯୋଗାଇବାର ଆବଶ୍ୟକତା ରହିଛି।

## ଅସହମତି ପ୍ରତି ବଢୁଛି ଅସହନଶୀଳତା



ଗୋପାଳ ମହାପାତ୍ର

ଶରେ ସର୍ବୋଚ୍ଚ ନ୍ୟାୟାଳୟ, ଅନେକ ଉଚ୍ଚ ଅଦାଲତ, ବିଭିନ୍ନ ସମ୍ବାଦପତ୍ର, ସାମାଜିକ ଏବଂ ନ୍ୟାୟିକ ସଂସ୍ଥାର ଅନେକ ବିଶେଷଜ୍ଞ ଏପରିକି ଅନେକ ଦେଶର ମାନବାଧିକାର କର୍ମୀ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରତି ପ୍ରତିବଦ୍ଧ ସଂସ୍ଥାମାନେ ଭାରତରେ କହିବା ଏବଂ ଲେଖିବାର ସ୍ୱାଧୀନତା ଉପରେ କିଛି ବର୍ଷ ହେବ ଅଙ୍କୁଶ ଲଗାଯାଇଥିବା କଥା ବିଭିନ୍ନ ସମୟରେ କହୁଛନ୍ତି। ଉପରୋକ୍ତ ସଂସ୍ଥା ମାନଙ୍କର ମତ ହେଉଛି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ କହିବା, ଲେଖିବା ଅଥବା କୌଣସି ପ୍ରକାରର ଆନ୍ଦୋଳନର ନେତୃତ୍ୱ ନେଉଥିବା ଲୋକଙ୍କୁ ଡରାଇବା, ଧମକ ଦେବା ଏପରିକି ବିଭିନ୍ନ ଭାବେ ଆତଙ୍କିତ କରାଇବାର ଉଦ୍ୟମ କରାଯାଉଛି। ଏହି କ୍ରମରେ ସରକାରଙ୍କୁ ବିରୋଧ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଆର୍ଥିକ ପ୍ରସଙ୍ଗକୁ ନେଇ ଚଢଉ କରାଯିବା, ଏଭଳି ବ୍ୟକ୍ତିଙ୍କ ନାମରେ ମନିଲେଣ୍ଡରିଙ୍ଗ୍ ମାମଲା ଦାଏର କରାଯିବା ଏପରିକି ଦେଶଦ୍ରୋହ ମାମଲା ମଧ୍ୟ ରୁଜୁ କରାଯାଉଛି। ଯଦି କେହି ସମ୍ବାଦପତ୍ର ସରକାର ବିରୋଧରେ ଲେଖୁଛି ତ ସେଇ ସମ୍ବାଦପତ୍ରକୁ ଦିଆଯାଉଥିବା ସରକାରୀ ବିଜ୍ଞାପନ ମଧ୍ୟ ବନ୍ଦ କରି ଦିଆଯାଉଛି। ବିନା କୌଣସି ଆଧାରରେ ଦେଶଦ୍ରୋହ ମାମଲା ଦାଏର କରାଯାଉଛି। ଏକଥା ସ୍ୱୀକାର କରିଛନ୍ତି ମୁକୁଲ ରୋହତଗୀ। ମୁକୁଲ ରୋହତଗୀ ୨୦୧୪ ମସିହା ଜୁନ୍ ୧୯ତାରିଖ ଠାରୁ ୨୦୧୭ ଜୁନ୍ ମାସ ୧୮ ତାରିଖ ପର୍ଯ୍ୟନ୍ତ ମୋଦୀଙ୍କ ସରକାର ସମୟର ଆଟର୍ଣ୍ଣି ଜେନେରାଲ୍ ଥିଲେ। ସେ ସରକାରଙ୍କ ପକ୍ଷରୁ ତିନି ତଲାକ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସରକାରଙ୍କ ପକ୍ଷରୁ ଲଢ଼ିଛନ୍ତି। ଅଟଳବିହାରୀ ବାଜପେୟୀଙ୍କ ସରକାର ବେଳେ ରୋହତଗୀ ଅତିରିକ୍ତ ସଲିସିଟ୍ର ଜେନେରାଲ୍ ମଧ୍ୟ ଥିଲେ। ଗତ ୧ତାରିଖ ଦିନ ଇଣ୍ଡିଆନ ଏକ୍ସପ୍ରେସରେ ରୋହତଗୀଙ୍କର ଏକ ସାକ୍ଷାତକାର ପ୍ରକାଶ ପାଇଥିଲା। ଏହି ସମ୍ବାଦପତ୍ରକୁ ଦେଇଥିବା ସାକ୍ଷାତକାରରେ ରୋହତଗୀ କହିଛନ୍ତି ଯେ, ଦିଶାଙ୍କ ବିରୁଦ୍ଧରେ ଦେଶଦ୍ରୋହ ମାମଲା ଦାଏର କରାଯିବା ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଥିଲା। ଅସହମତିକୁ ଚପାଇ ଦିଆଯିବା ପାଇଁ ଏଭଳି କରାଯିବା ସମ୍ବିଧାନ ବିରୋଧୀ କାର୍ଯ୍ୟ ବୋଲି ରୋହତଗୀ କହିଛନ୍ତି। ସେଡିସନ୍ ବା ଦେଶଦ୍ରୋହ ଆଇନ ଇଂରେଜମାନେ ପ୍ରଣୟନ କରିଥିଲେ। ସେତେବେଳେ ଇଂରେଜ ଶାସକଙ୍କୁ ବିରୋଧ କରୁଥିବା ଲୋକଙ୍କ ବିରୁଦ୍ଧରେ ଦେଶଦ୍ରୋହ ମାମଲା କରାଯାଉଥିଲା। କିନ୍ତୁ ଦିଶା ରବିଙ୍କ କ୍ଷେତ୍ରରେ ଏଭଳି କିଛି ପ୍ରମାଣ ନଥିଲା ଯେ ସେ ସରକାରଙ୍କୁ ଅପଦସ୍ଥ କରାଇବା ପାଇଁ ହିଂସାର ରାସ୍ତା ଆପଣେଇଥିଲେ। ଅସହମତି ଓ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଚାପି ଦେବା ପାଇଁ ଏହା ଏକ ହୀନ କାର୍ଯ୍ୟ। ଏଭଳି ଏକ ଘଟଣା ନବଦୀପ କୌରଙ୍କ କ୍ଷେତ୍ରରେ ଘଟିଥିଲା। ଏହି ଦଳିତ ଯୁବତୀ ନବଦୀପ କୌର ଦୀର୍ଘଦିନ ହେବ ଶିଳ୍ପ ସଂସ୍ଥା ମାନଙ୍କରେ କାର୍ଯ୍ୟରତ ଶ୍ରମିକମାନଙ୍କ ଅଧିକାର ପାଇଁ ସଂଘର୍ଷ କରୁଥିଲେ। ତାଙ୍କୁ ଗିରଫ କରାଗଲା ଏପରିକି ପୋଲିସ ତାଙ୍କୁ ମାରପିଟ୍ କରିଥିଲେ ବୋଲି ନବଦୀପ ଅଭିଯୋଗ କରିଥିଲେ। କୌଣସି ଠୋସ୍ ପ୍ରମାଣ ନଥାଇ ଗିରଫ କରାଯିବା ଭଳି ଘଟଣା କିଛି ବର୍ଷ ହେବ ବଢିବାରେ ଲାଗିଛି। କେବଳ ରୋହତଗୀ ନୁହଁନ୍ତି ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ପି. ଚିଦାମ୍ବରମ୍ ମଧ୍ୟ ଏ ପ୍ରସଙ୍ଗରେ 'କୋର୍ଟସ୍ ସାଉଣ୍ଡ ଦି ବେଲ ଫର୍ ଲିବର୍ଟି' ଶୀର୍ଷକରେ ଏକ ଲେଖା ଲେଖିଥିଲେ। ଚିଦାମ୍ବରମ୍ ତାଙ୍କ ଲେଖାରେ ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ସ୍ୱର୍ଗୀୟ କୃଷ୍ଣା ଆୟାର ଦେଇଥିବା ଏକ ରାୟର ଉଲ୍ଲେଖ କରିଥିଲେ। ରାୟରେ ବିଚାରପତି ଆୟାର କହିଥିଲେ ଯେ, 'ବେଲ ନଟ୍ ଜେଲ' ବୋଲି ଏକ ବୁନିଆଦି ନିୟମ ପ୍ରଣୟନ ହେବା ଉଚିତ୍। କିନ୍ତୁ ଏବେ ଏହାର ଠିକ୍ ବିପରୀତ ଘଟୁଛି। ଆଜିକାଲି ଠୋସ୍ ପ୍ରମାଣ ନଥାଇ ମଧ୍ୟ ଅଭିଯୁକ୍ତକୁ ଜାମିନ ଦିଆନଯିବା ପାଇଁ ଅଦାଲତରେ ସରକାରୀ ପକ୍ଷ ନିବେଦନ କରୁଛନ୍ତି। ଏହି କାରଣରୁ ବିଚାରଧୀନ କଏଦୀମାନେ ମଧ୍ୟ ଅଯଥାରେ ଜେଲରେ ଷଡୁଛନ୍ତି। ଅର୍ଣ୍ଣବ ଗୋସ୍ୱାମୀଙ୍କ ମାମଲାରେ ତାଙ୍କୁ ଜାମିନ ମୁର କରିବା ସହ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଡିୱାଇ ଚନ୍ଦ୍ରଚୂଡ କହିଥିଲେ ଯେ, ଦିନକ ପାଇଁ ବି କୌଣସି ବ୍ୟକ୍ତିର ଲିବର୍ଟିକୁ ଛଡ଼ାଇ ନିଆଯିବା ଉଚିତ୍ ନୁହେଁ। ଚିଦାମ୍ବରମ ତାଙ୍କ ଲେଖାରେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଏବେ ଅନେକ ବିଚାରପତି ଜାମିନ ଆବେଦନକୁ ତୁରନ୍ତ ମୁରି ଦେଉଛନ୍ତି। ସେହିଭଳି ଜଣେ ଜାତୀୟ ସ୍ତରର ସାମ୍ବାଦିକ ତବଲିନ ସିଂହ ଲେଖିଛନ୍ତି ଯେ, ଅସହମତି ହିଁ ଗଣତନ୍ତ୍ରର ଆଭୂଷଣ ଏବଂ ଏହାଦ୍ୱାରା ଗଣତନ୍ତ୍ର ଅଧିକ ମଜଭୁତ ହୋଇଥାଏ। ଶାସନରେ ବସିଥିବା ଲୋକଙ୍କ ଅହଂକୁ ସନ୍ତୁଷ୍ଟ କରିବା ପାଇଁ ଦେଶଦ୍ରୋହ ଆଇନର ଉପଯୋଗ କରାଯିବା ଠିକ୍ ନୁହେଁ ବୋଲି ମଧ୍ୟ ତବଲିନ୍ ଲେଖିଛନ୍ତି। ସେ ତାଙ୍କ ଲେଖାରେ ବିଚାରପତି ଧର୍ମେନ୍ଦ୍ର ରାଣାଙ୍କ ମନ୍ତବ୍ୟ ଉଦ୍ଧୃତ କରିଛନ୍ତି। ବିଚାରପତି ଧର୍ମେନ୍ଦ୍ର ରାଣା ଦିଶା ରବିଙ୍କ ଜାମିନ୍ ଆବେଦନକୁ ମୁର କରିଥିଲେ। ସେ ସମୟରେ ବିଚାରପତି ରାଣାଙ୍କୁ ଅନେକ ସମ୍ବାଦପତ୍ର ପ୍ରଶଂସା କରିଥିଲେ। ଫେବୃୟାରୀ ୨୫ତାରିଖର ଇଣ୍ଡିଆନ ଏକ୍ସପ୍ରେସ ସମ୍ବାଦପତ୍ର ସମ୍ପାଦକୀୟ ସ୍ତମ୍ଭରେ ଲେଖିଥିଲେ ଯେ ରାଣାଙ୍କ ନିର୍ଣ୍ଣୟ ଅନେକ ଅଦାଲତଙ୍କ ପାଇଁ ପ୍ରେରଣାର ଆଧାର ହୋଇପାରେ। ରାଣା ସେଇଆ ହିଁ କରିଛନ୍ତି ଯାହା ନ୍ୟାୟପାଳିକା କରିବା ଆବଶ୍ୟକ। ବିଚାରପତି ରାଣା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ, ଅଭିବ୍ୟକ୍ତିର ଅଧିକାରରେ ନିଜର କଥା ବା ମନ୍ତବ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ଅଧିକାର ମଧ୍ୟ ସାମିଲ। ପି. ଚିଦାମ୍ବରମ୍ ତାଙ୍କ ଦ୍ୱାରା ଲିଖିତ ଅନ୍ୟ ଏକ ଲେଖାରେ ଲେଖିଛନ୍ତି ଯେ, ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ କ'ଣ ଚାପ ପକାଯାଉନାହିଁ କି? ଗଣମାଧ୍ୟମର କିଛି ସଂସ୍ଥାକୁ କ'ଣ ସରକାର ବିରୁଦ୍ଧରେ ନ ଲେଖିବା ପାଇଁ ଚାପ ପକାଯାଉ ନାହିଁ କି? କ'ଣ ଅପରାଧିକ ଆଇନର ଦୁରୂପଯୋଗ କରାଯାଉନାହିଁ କି? କେବଳ ଦେଶରେ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏ ପ୍ରସଙ୍ଗରେ ସ୍ୱର ଉଠୁଛି। ବିଗତ କିଛି ବର୍ଷ ହେବ ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥା ତାର ମର୍ଯ୍ୟାଦା ହରାଇବାରେ ଲାଗିଛି ବୋଲି ଆନ୍ତର୍ଜାତୀୟ ସଂସ୍ଥାମାନେ କହିଲେଣି। ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କରେ ତର୍ଜମା ତଥା ସର୍ବେକ୍ଷଣ କରୁଥିବା ଏକ ସଂସ୍ଥାର ରିପୋର୍ଟ ଅନୁସାରେ ବିଶ୍ୱର ୧୮୦ଟି ଦେଶର ତାଲିକାରେ ଭାରତର ସ୍ଥାନ ୧୪୦ରେ ରହିଛି। ସେହିଭଳି ମାନବୀୟ ସ୍ୱାଧୀନତାର ଆଧାରରେ ୧୬୨ଟି ଦେଶର ତାଲିକାରେ ଭାରତର ସ୍ଥାନ ୧୧୧ରେ ରହିଛି। ସ୍ୱିଡେନର ଏକ ସଂସ୍ଥାର ରିପୋର୍ଟ ଅନୁସାରେ ଭାରତରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ମାନ ହ୍ରାସ ପାଇବାରେ ଲାଗିଛି। ସ୍ୱିଡ଼େନର ଏହି ସଂସ୍ଥା ବିଶ୍ୱର ବିଭିନ୍ନ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ରିପୋର୍ଟ ପ୍ରସ୍ତୁତ କରିଥାଏ। ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଡ଼େନର ଗୋଥେନବର୍ଗ ବିଶ୍ୱବିଦ୍ୟାଳୟରେ ରହିଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଭାରତରେ ପ୍ରେସ୍‌ର ସ୍ୱାଧୀନତା ଉପରେ ଅଧିକ ଚାପ ପଡୁଛି। ଏସବୁ ତଥ୍ୟ ସରକାରଙ୍କ ଭାବମୂର୍ତ୍ତିଙ୍କ ଉପରେ ଆଞ୍ଚ ଆଣୁଛି ନିଶ୍ଚୟ। ସରକାର ମଧ୍ୟ ଏ ଦିଗରେ ସଚେତନ ହେବା ଆବଶ୍ୟକ ।

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଭାଗ -୧୦



ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

ଏହାକହି ସେ ଶ୍ରୀରାମଙ୍କ ଆଡକୁ ଧନୁ ବଢେଇବା ସଙ୍ଗେ ସଙ୍ଗେ ସେ ଧନୁଟି ଆପେ ଆପେ ଶ୍ରୀରାମଙ୍କ ନିକଟକୁ ଚାଲିଗଲା। ଶ୍ରୀରାମ ସେ ଧନୁକୁ ନେଇ ପର୍ଶୁରାମଙ୍କ ପାଦ ପାଖରେ ପ୍ରଣାମ କରି ରଖିଦେଲେ। ପର୍ଶୁରାମ ଶ୍ରୀରାମଙ୍କୁ ପ୍ରଣାମ କରି କହିଲେ ମୋର ଅବତାର ସରିଯାଇଛି। ଆପଣ ତ୍ରେତୟା ଯୁଗର ସପ୍ତମ ଅବତାର ମାନବ ବିଷ୍ଣୁ ଭାବରେ ଏହି ସମୟରେ ଏହି ଦେଶରେ ଥିବା ଅଧର୍ମୀ ଏବଂ ଦୂରାଚାର ମାନଙ୍କୁ ନେଇ ଶାସନ ଚଳାନ୍ତୁ। ଏହାମୋର ଆପଣଙ୍କ ଠାରେ ବିନମ୍ର ନିବେଦନ। ମୁଁ ତ ବ୍ରହ୍ମାଙ୍କ ଠାରୁ ଚିରଞ୍ଜିବୀ ବୋଲି ବର ପାଇଛି। ମୁଁ ବର୍ତ୍ତମାନ ତପସ୍ୟା କରିବା ପାଇଁ ଯାଉଛି। ଏହା କହି ସେ ଚାଲିଗଲା ବେଳେ କହିଲେ ଦ୍ୱାପରରେ କଂସକୁ ବଧ କରିବା ସମୟରେ ଏ ଧନୁ କାର୍ଯ୍ୟରେ ଲାଗିବ।

ପ୍ରଭୁ ମର୍ତ୍ତ୍ୟରେ
କାହିଁକି ଅବତାର ଗ୍ରହଣ କଲେ
ପରିତ୍ରାଣାୟ ସାଧୁନାଂ
ବିନାଶୟ ଚ ଦୁଷ୍କୃତାମ୍।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମି ଯୁଗେ ଯୁଗେ ।। ଗୀତା ୪/୮ ଶ୍ଲୋକ

ସାଧୁ ପୁରୁଷ ମାନଙ୍କୁ ଉଦ୍ଧାର କରିବା ପାଇଁ ପାପୀମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ।

ସନ୍ଥ ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସ ବାଳକାଣ୍ଡ ୧୯୨ ଦୋହାରେ ପ୍ରଭୁ ନିଜ ମୁଖରେ କହିଛନ୍ତି।

ବିପ୍ର ଧେନୁ ସୁର ସଂତ
ହିତ ଲୀହ୍ନ ମନୁଜ ଅବତାର
ନିଜ ଇଛା ନିମତ ତନୁ
ମାୟା ଗୁନ ଗୋ ପାର ।।

ବ୍ରାହ୍ମଣ, ଗୋ, ଦେବତା ଓ ସାଧୁମାନଙ୍କ ନିମନ୍ତେ ଭଗବାନ ମନୁଷ୍ୟ ଅବତାର ଗ୍ରହଣ କରନ୍ତି। ସେ ଅଜ୍ଞାନମୟ ଓ ତାହାର ଗୁଣ (ସତ୍ତ୍ୱ, ରଜ, ତମ) ଏବଂ ଇନ୍ଦ୍ରିୟ ମାନଙ୍କର ଉର୍ଦ୍ଧ୍ୱରେ । ତାଙ୍କର ଦିବ୍ୟ ଶରୀର ତାଙ୍କ ନିଜ ଇଚ୍ଛାରେ ନିର୍ମିତ ଏହା କୌଣସି କର୍ମବନ୍ଧନର ଅଧୀନ ନୁହେଁ କିମ୍ବା ତ୍ରିଗୁଣାତ୍ମକ ଭୌତିକ ପଦାର୍ଥରେ ନିର୍ମିତ ନୁହେଁ। ଅବତାର ତ ଇତି ଅବତାରକ। ଯେ ଅବତରଣ କରନ୍ତି ଅର୍ଥାତ୍ ଓହ୍ଲାଇ ଆସନ୍ତି। ସେ ଅବତାରୀ। ଯେଉଁ ରୂପରେ ଆସନ୍ତି ତାହା ତାଙ୍କର ଅବତାର। ଯେ ଆସନ୍ତି ସେ ପୂର୍ଣ୍ଣ। ଅବତରଣ କଳାପରେ ସେ ନିତ୍ୟସ୍ଥାନ ଶୂନ୍ୟ ହୁଏ ନାହିଁ। ସେଠାରେ ଯେ ଥାଆନ୍ତି ସେ ପୂର୍ଣ୍ଣ । ଥିଲେ ପୂର୍ଣ୍ଣ, ଆସିଲେ ପୂର୍ଣ୍ଣ, ରହିଲେ ପୂର୍ଣ୍ଣ। ପୁଣି ଆସିଥିଲେ ପୂର୍ଣ୍ଣ; ପୂର୍ଣ୍ଣଙ୍କ ସହିତ ମିଶିଗଲେ। ସେହି ପୂର୍ଣ୍ଣ ହେଲା।

ଯଥା ସ୍ଫୁର୍ତ୍ତ, ପ୍ରବେଶ, ଆଦେଶ ଓ ଲୀଳାବତାର। ସ୍ଫୁର୍ତ୍ତବତାର ନୃସିଂହ ଅଟନ୍ତି। ଏ ଅବତାରରେ ପ୍ରଭୁ ପ୍ରହ୍ଲାଦଙ୍କ ପ୍ରେମ, ପରାକାଷ୍ଠା ଅଟନ୍ତି। ହିରଣ୍ୟକଶିପୁ ବାରମ୍ବାର ଧମକ ଦେଇ କହିଲେ-ତୋ ନାରାୟଣ କେଉଁଠି? କିପରି ସେ? ନିର୍ଭୟରେ ପ୍ରହ୍ଲାଦ କହିଲେ- ମୋ' ପ୍ରଭୁ ନାରାୟଣ ସର୍ବକାଳରେ ସର୍ବତ୍ର ସମାନ ଭାବରେ ବିଦ୍ୟମାନ।

ଯଥା- ହରି ବ୍ୟାପକ
ସର୍ବତ୍ର ସମାନା,
ପ୍ରେମତେଁ ପ୍ରଗଟ ଉଚ୍ଚ ମେଁ ଜାନା
ଅଗଜମୟ ସବ ରହିତ ବିରାଗୀ,
ପ୍ରେମତେ ପ୍ରଭୁ ପ୍ରଗତେ ଜିମିଆଗୀ।

ଅର୍ଥାତ୍-ପ୍ରେମ ବଶତଃ ସେ ପ୍ରକଟ ହୁଅନ୍ତି। ଯେପରି କାଷ୍ଠ କାଷ୍ଠ ଘର୍ଷଣ ଅଗ୍ନି ହାତ ହୁଏ। ମେଘ ମେଘର ଧନମେରୁ ଓ ଋଣ ମେରୁର ଆଘାତରେ ବିଦ୍ୟୁତ ସୃଷ୍ଟି। ବିଦ୍ୟୁତ ପ୍ରାୟ ସେ ପ୍ରକଟ ହୁଅନ୍ତି। ସେ ଜଡ, ଚେତନ ସର୍ବତ୍ର ବିଦ୍ୟମାନ। ଦୋହା- ଈଶ୍ୱର ବ୍ୟାପକ କାଳ ରହିତ ଜନ୍ମ ରହିତ ଗୁଣୀତକ ନାମ କିମ୍ବା ରୂପ କିଛି ନାହିଁ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର

## ସରକାର ଲୋକଙ୍କୁ କଥା ଦେବା ଏବଂ ରଖିବା ମଧ୍ୟରେ ବହୁତ ପାତର ଅନ୍ତର

ସୁବ୍ରତ କର



ଆଜି ଏକ ପ୍ରଥମ ଧାଡ଼ିର ସମ୍ବାଦପତ୍ରରେ ବାହାରିଛି ୩୦ ମାସରେ ଫୁଲବାଣୀଠାରେ ନୂଆକରି ହେବାକୁ ଯାଉଥିବା ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଶେଷ କରାହେବ। ଏହି କଲେଜରେ ୧୦୦ ପିଲା ପାଠ ପଢ଼ିବେ ଏବଂ କଲେଜଟି ୫୦୦ ଶଯ୍ୟା ବିଶିଷ୍ଟ ହେବ। ଏହାପାଇଁ ଅର୍ଥ ବ୍ୟୟ ବରାଦ ରଖାହୋଇଛି ୪୫୦ କୋଟି ଟଙ୍କା। ୩୦ ମାସ ମାନେ ଅଢ଼େଇ ବର୍ଷ। ଏହା ସମ୍ଭବ କି? ଏବେ ଆସିବା ଆମ ଜିଲ୍ଲାରେ ଥିବା ମେଡିକାଲ କଲେଜ କଥାକୁ। ପିଲାଙ୍କ ପାଠ ପଢ଼ିବାର ବ୍ୟବସ୍ଥା ହୋଇଛି ଏବଂ ଏହି କଲେଜକୁ ମୁଖ୍ୟମନ୍ତ୍ରୀ ୨୦୧୭ ମସିହାରେ ଉଦ୍‌ଘାଟନ କରିଥିଲେ। ପ୍ରାୟ ପାଂଚବର୍ଷ ହେବାକୁ ଯାଉଛି କିନ୍ତୁ ଏହା ପାଇଁ ଯେଉଁ ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କିଛିମାସ ତଳେ ଆରମ୍ଭ ହୋଇଛି ଏ ପର୍ଯ୍ୟନ୍ତ ଏଥିପାଇଁ ୧୦-୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାର ମୂଳ ବ୍ୟୟ ହେବାର ଥିଲା ୨୪୫ କୋଟି ଟଙ୍କା । କିନ୍ତୁ ବର୍ଷ ପରେ ଏହା ଏବେ ୨୯୦ କୋଟିରେ ପହଂଚିଛି। ଆମର ପଢୁଥିବା ଡାକ୍ତର ଛାତ୍ରଛାତ୍ରୀମାନେ ପ୍ରାକଟିକାଲ କରିବା ପାଇଁ ଆମର ସହର ମଝିରେ ଥିବା ଜିଲ୍ଲା ଡାକ୍ତରଖାନାକୁ ନିୟମିତ ଆସୁଛନ୍ତି। ମୋର ମନେହୁଏ ପ୍ରଥମ ବର୍ଷର ପିଲାମାନେ ଆଉ ଦେଢ଼ ବର୍ଷ ପରେ ଏମ.ବି.ବି.ଏସ ପାଠ୍ୟକ୍ରମକୁ ଶେଷକରି ଡାକ୍ତର, ଡାକ୍ତରାଣୀ ହୋଇ ବାହାରିବେ ଏବଂ ସାଧାରଣ ଜନତାଙ୍କ ସେବାରେ ଲାଗିବେ। ଦୁଃଖର କଥା ଏହି ପ୍ରଥମ, ଦ୍ୱିତୀୟବର୍ଷ ପିଲା ଭବିଷ୍ୟତରେ ନୂଆକରି ନେଉଥିବା ଡାକ୍ତରଖାନାରେ କାର୍ଯ୍ୟ କରିବାର ସୁବିଧା ସୁଯୋଗ ପାଇପାରିବେ ନାହିଁ। ମୋର କହିବାର କଥା ହେଲା ଏ ପର୍ଯ୍ୟନ୍ତ ୧୦-୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଖର୍ଚ୍ଚ କରିବାର ଅଛି ୨୯୦ କୋଟି ଟଙ୍କା। ଏବେ ଭାବନ୍ତୁ ପୁରା ଟଙ୍କା ଖର୍ଚ୍ଚ କରିବାକୁ ଖୁବ୍ କମରେର ଆହୁରି ୩-୪ବର୍ଷ ଲାଗିବ ଯଦି ସବୁ ଠିକ୍ ଠାକ୍ ଚାଲେ। ଏବେ ଆପଣ ଡେରି ହେବାର କାରଣ ପଚାରିଲେ ବହୁତ କିଛି ବାହାରିବ। ଚିନ୍ତା କରନ୍ତୁ, କଲେଜ ଆରମ୍ଭ ହେଲା ୨୦୧୭ ମସିହାର ଏବଂ ପୁରା କଲେଜ ସମ୍ପୂର୍ଣ୍ଣ ହେବ ପ୍ରାୟ ୨୦୨୪-୨୫ ମସିହାରେ। ପୁରାପୁରି ମେଡିକାଲ କଲେଜ ହେବାକୁ ୭-୮ ବର୍ଷ ଲାଗିବ ଏବଂ ଏହା ଖାଲି ବାଲେଶ୍ୱର ମେଡିକାଲ କଲେଜ କଥା ନୁହେଁ ପ୍ରାୟ ସବୁ କଲେଜର ଅବସ୍ଥା ସମାନ। ବାରିପଦା, କୋରାପୁଟ ଏବଂ ବଲାଙ୍ଗୀର ସବୁ ସମାନ। ଏବଂ ସବୁଠୁ ପଛରେ ପଡ଼ିଛି ପୁରୀ। ଏ ପର୍ଯ୍ୟନ୍ତ କଲେଜରେ ପାଠ ପଢ଼ା ଆରମ୍ଭ ହୋଇନାହିଁ। ଶୁଣାଯାଉଛି ଏ ବର୍ଷଠୁ ଆରମ୍ଭ ହୋଇପାରେ। ଏ ସବୁ ସରକାରୀ ମେଡିକାଲ କଲେଜର ଅବସ୍ଥା ଏହିପରି। ଆମେ କଣ ଆଶା କରିପାରିବା ଫୁଲବାଣୀରେ ହେବାକୁ ଯାଉଥିବା ମେଡିକାଲ କଲେଜଟି ଅଢ଼େଇ ବର୍ଷ ବା ୩୦ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିବ?

## କବିତା କୋଣାର୍କ

### ଏଠି ଏମିତି ବି ହୁଏ...

ଶରତ କୁମାର ଦାସ

ଏଠି ଏମିତି ବି ହୁଏ
ବାଘ ଛାଗ
ପାଣି ପିଅନ୍ତି ଗୋଟିଏ ଘାଟରେ
କରମର୍ଦ୍ଦନ କରନ୍ତି
ପୁଣି ପରସ୍ପର ମୁହଁକୁ ଚାହିଁ
ଆଲିଙ୍ଗନ କରନ୍ତି ।

ଖରା ଛାଇର ଖେଳ ଚାଲିଥାଏ
କେତେବେଳେ ଖରା
ଗିଳିଦିଏ ଛାଇକୁ
ଆଉ କେତେବେଳେ
ଛାଇ ହାଇମାରେ
ଖରା ପିଠିରେ ଚୁପ୍ ଚାପ୍ ବସି ।

ପକ୍ଷୀରାଜ ଘୋଡା ଚଢି
ସମୟ ଧାଉଁଥାଏ ସାତ ସମୁଦ୍ର
ତେର ନଈ ଡେଇଁ
କୋଉ ଅଗନା ଅଗନି ବନସ୍ତ,
ଆଉ କେତେବେଳେ ଅଟକିଯାଏ
ଅଧାରାସ୍ତାରେ ବାଟବଣାହୋଇ ।

ଏଠି ଏମିତି ବି ହୁଏ
ରାତାରାତି
ରାଜକୁମାର ପାଲଟି ଯାଏ ମେଣ୍ଢା
ବୁଢୀ ଅସୁରୁଣୀ ରାଜକୁମାରୀ ସାଜେ
ସାତ ତାଳ ପଙ୍କ ତଳେ
ସୁନାର ଫରୁଆରେ ନିଜ ଜୀବନକୁ
ସାଇତି ଥାଏ ବଡ ସରାଗରେ ।

ସବୁ ବିପରୀତ ଏଠି
ଅନୁଭବୀ ହୁଏନି ଏ କୁହୁକ ଖେଳକୁ
ଭାରାକ୍ରାନ୍ତ ହୁଏ ମନ
ରାତି ପାହିଆସେ,ସିନ୍ଦୂରା ଫାଟେ
ସୂର୍ଯ୍ୟ ହସୁଥାନ୍ତି କିରିକିରି
ଅନ୍ୟ ଏକ ରାତିର
ଅପେକ୍ଷାରେ ପୁନଶ୍ଚ ।

+ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କବିତା କୋଣାର୍କ

### ଡଷ୍ଟବିନ...

ଡମ୍ବରୁଧର ବେହେରା



ମୁଁ ଡଷ୍ଟବିନ ଭାଇ ଡଷ୍ଟବିନ
ମୋତେ ନ କର କେହି ହିନମାନି
ଘରେ ଯେପରି ମୁଁ ରାଣୀ
ବାହାରେ ସେପରି ରାଣୀ
ଅଳିଆ, ଆବର୍ଜନା,ସବୁ ମୁଣ୍ଡାଏ
ଜାଣି ଜାଣି
ମୁଁ ଡଷ୍ଟବିନ ଭାଇ ଡଷ୍ଟବିନ.....।

ମୋ ' ଦେଇ ନ ହୁଏ କେହି ରୋଗିଣୀ
ଘର,ମନ୍ଦିର,କାର୍ଯ୍ୟାଳୟ,
ବାଟରେ,ଘାଟରେ,
ସବୁଠି ପରା ମୁଁ ସୁହାଗିନି
କପାଳେ କେବଳ ଲେଖା ମୋ'
ହତଭାଗିନୀ
ମୁଁ ଡଷ୍ଟବିନ ଭାଇ ଡଷ୍ଟବିନ.....।

ଶୌଚାଳୟ ଠାରୁ ପାର୍ଲିଆମେଣ୍ଟ
ନିତି ଯାଏ ଟାଣି ଟାଣି
ନୁହେଁ ମୁଁ ବ୍ୟଭିଚାରିଣୀ
ସବୁରି ଉପକାରିଣୀ
ଝାଡୁଦାର ଆଉ ପ୍ରଧାନମନ୍ତ୍ରୀଙ୍କ
ସବୁରି ମୁଁ ପରା
ପ୍ରିୟ ଡଷ୍ଟବିନ ରାଣୀ
ମୁଁ ଡଷ୍ଟବିନ ଭାଇ ଡଷ୍ଟବିନ....।

+ଶିକ୍ଷକ,ନବୋଦୟ ବିଦ୍ୟାଳୟ
ସୁରଳ(ଗଞ୍ଜାମ)

### ଉତ୍କର୍ଷ ଉତ୍କଳ...

ଦୀନବନ୍ଧୁ ବେଜ

ଉତ୍କଳ ଭୂମିର
ଉତ୍କର୍ଷ କଳା ସ୍ଥାପତ୍ୟ
ଦଲିଲ ଲେଖିଲେ
ବାର ବର୍ଷର ଧରମା,
ଉତ୍କଳ ଭୂମିର
ଉତ୍କର୍ଷ କଳା ସ୍ଥାପତ୍ୟ
ଲେଖିଲେ ଦେବ ନରସିଂହ ଲାଙ୍ଗୁଳା ।

ଉତ୍କଳ ଭୂମିର
ଉତ୍କର୍ଷ ବୀରତ୍ୱ ଗାଥା
ଦେଖାଇଲେ ଖୋରଧା ପାଇକ,
ଉତ୍କଳ ଭୂମିର
ଉତ୍କର୍ଷ ବିରତ୍ୱ ସହାସ
ଦେଖାଇଲେ ବାଳକ ବାଜୀ ରାଉତ ।

ଉତ୍କଳ ଭୂମିର
ଉତ୍କର୍ଷ ବୀରାଙ୍ଗନା
ଚିହ୍ନ ରହିବ ପରୀବେଓ୍ୱାଙ୍କ ନାମରେ,
ଉତ୍କଳ ଭୂମିର
ଉତ୍କର୍ଷ ମଣିଷତ୍ୱ ଦାସ
ଆପଣଙ୍କ ଠାରେ ।

ଉତ୍କଳ ଭୂମିର
ଉତ୍କର୍ଷ ସାହାସୀ ଅଟନ୍ତି ସୁରେନ୍ଦ୍ର ସାଏ,
ଉତ୍କଳ ଭୂମିରେ
ଉତ୍କର୍ଷ ସଂଗଠକ କୁଳବୃଦ୍ଧ
ଶୋଭାପାଏ ।

ଏଣୁ ସେ ଉତ୍କଳ..............
ସର୍ବଦା ଥିଲା, ରହିଛି , ରହିବ ଉତ୍କର୍ଷ
ଦିଧ୍ୱା ତିଳେହେଁ ମନରେ ନାହିଁ,
ଉତ୍କଳ ବାସିନ୍ଦା ରୁହ ଏକମନ ହୋଇ
କେବେ ପରାଜିତ ହେବନାହିଁ ।

+ମାଲକାନଜର
ମୋ: ୭୬୮୩୯୨୦୨୨୧

### ଆମ ଭିତରର ପାର୍ଥକ୍ୟ...

ସୁବ୍ରତ ମଲିକ



ଦିଗନ୍ତ ଆକାଶେ ମୁଁ ଯେ ଧୂମକେତୁ
ଶାରଦୀୟ ତଟେ ତୁମେ ଶୁଭ୍ର କଇଁ,
ମିଳନ ଆମର ଦୂର ବହୁଦୂର
ସ୍ୱର୍ଣ ଅବକାଶ ଭାଗ୍ୟରେ ନାହିଁ ।

ରାଜ ଉଆସର ତୁମେ ରାଜଜେମା
ଭଙ୍ଗା କୁଡ଼ିଆରେ ଗୁଞ୍ଜେ ମୁଁ ମୁଣ୍ଡ ,
ବାସୁମତୀ ଅନ୍ନେ ତୁମରି ଭୋଜନ
ଦେହର ଝାଳକୁ ଦିଏ ମୋ ତୁଣ୍ଡ ।

ସଦ୍ୟ ଗୋଲାପଟେ ତୁମେ ଉପବନେ
ମୁଁ ବାସହୀନ ପଳାସ ଫୁଲ,
ଖରା ବର୍ଷା ଶୀତେ ପଲ୍ଲବିତ ତୁମେ,
ମୋତେ ତ ଭରସା ଋତୁ ବସନ୍ତ ।

+ସଭାପତି, କନିଷ୍ଠ ଶିକ୍ଷକ ସଙ୍ଘ,
ଯୋଡ଼ା
ମୋ: ୭୦୦୮୩୧୫୯୧୬

● ଧାରାବାହିକ ଆତ୍ମଜୀବନୀ ●

ଭାଗ-୧୦

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯଦିଓ ସେମାନେ ମହାପଣ୍ଡିତ ବେଦ, ଗୀତା, ଉପନିଷଦର ଅଜସ୍ର ଶ୍ଳୋକ ଉଦ୍‌ଗାର କରି ପାରନ୍ତି, 'ସକଳ ଘଟେ ନାରାୟଣ/ ବସନ୍ତି ଅନାଦି କାରଣ' ଭାଗବତ ବାଣୀ, ସହ 'ସର୍ବ ଖଲୁ ଇଦଂ ବ୍ରହ୍ମ' 'ଯସ୍ତୁ ସର୍ବାଣି ଭୂତାନି ଆତ୍ମନେବାନୁପଶ୍ୟତି । ସର୍ବଭୂତେଷୁ ଚାତ୍ମନଂ ତତୋ ନ ବିଜୁଗୁପ୍‌ସତ ।। (ଋଗ୍‌- ମନ୍ତ୍ର-୬) କିବା ମହର୍ଷି ମନୁଙ୍କ ଅମୃତବାଣୀ-'ବିଷାଦପି ଅମୃତଂ ଗ୍ରାହ୍ୟଂ/ ବାଳକାଦପି ସୁଭାଷିତମ୍‌, ଅମିତ୍ରାଦପି ସଦ୍‌ବୃତ୍ତମ/ ଅମେଧ୍ୟାଦପି କାଞ୍ଚନମ୍‌' (୨/ ୨୩୯) କଣ୍ଠସ୍ଥ କରିଥାନ୍ତି ତଥାପି କେତେକ ମୂର୍ଦ୍ଧନ୍ୟ ମହାମାନ୍ୟ ପଣ୍ଡିତ ଭାବନ୍ତି ସଂସ୍କୃତ ଚର୍ଚ୍ଚା, ଜ୍ଞାନ ଚର୍ଚ୍ଚା କେବଳ ବ୍ରାହ୍ମଣର ଅଧିକାର, ଶୂଦ୍ରର ଏତେ ସ୍ପର୍ଦ୍ଧା 'ମନୁସ୍ମୃତି' ଉପରେ ଆଲୋଚନା କରିବ ? ସଂସ୍କୃତ ଉପରେ ଚର୍ଚ୍ଚା କରିବ ?

ଏହା କାହାପ୍ରତି ବିଦ୍ୱେଷ ଜର୍ଜର ବିଷୋଦ୍‌ଗାର ନୁହେଁ, ମୋର ନିଜର ଅନୁଭୂତି । ପୂର୍ବରୁ ଲେଖିଛି କବିତା ଗଳ୍ପ ଉପନ୍ୟାସ ପ୍ରବନ୍ଧ ଗବେଷଣା ଜଗତର ସାଧାରଣ ସାଧକ ହୋଇବି କେଉଁ ପରିସ୍ଥିତିରେ ମନୁସ୍ମୃତି ଏବଂ ସଂସ୍କୃତର ବିଶ୍ୱବ୍ୟାପ୍ତ ଗୌରବ ନେଇ ଲେଖନୀ ଚାଳନା କଲି, ତା'ର କିଛି ସୁଖଦ ତଥା ଦୁଃଖଦ ଅନୁଭୂତି ପାଇଛି । ଏଠାରେ ଦ୍ୱିତୀୟ ଅନୁଭୂତି ସଂକ୍ଷେପରେ ସ୍ମରଣ କରୁଛି । ମନୁସ୍ମୃତି ଉପରେ ମୋର ଆଲୋଚନା ବହିଟି ପ୍ରକାଶ ପାଇଲା ପରେ ମୋ ଗାଁ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ତଥା ପୁସ୍ତକାଳୟକୁ ଦୁଇଟି ଉପହାର ଦେଲି । ତାର ପରିଣତି ଜାଣିଲି ବେଶ୍‌ କିଛି ବର୍ଷପରେ । ବିଭିନ୍ନ ସ୍କୁଲ କଲେଜର ବାର୍ଷିକୋତ୍ସବ ତଥା ସାଧାରଣ ସଭାରେ ଅତିଥି ଭାବେ ଆମନ୍ତ୍ରଣ ପାଉଥିଲେ ମଧ ସେ ଅନୁଷ୍ଠାନକୁ କେବେ ଆମନ୍ତ୍ରଣ ପାଇ ନଥିଲି, ମୁଁ ସେ ପାଇଁ କିଛି ଭାବି ନଥିଲି । କିନ୍ତୁ କିଛିବର୍ଷ ପରେ ମୋର ଛାତ୍ରୀ ଡ. ଜୟଶ୍ରୀ ଷଡଙ୍ଗୀ ଅଧକ୍ଷା ହେବା ପରେ ମୁଁ କେତେଥର ବିଭିନ୍ନ ଉତ୍ସବରେ ଅତିଥି ହେବାର ଆମନ୍ତ୍ରଣ ପାଇଲି ।

ଥରେ ଏକାନ୍ତରେ ସେ ମୋତେ କହିଲେ - ସାର୍‌ ଆପଣ ଆଗରୁ ଅତିଥି ହେବା ପାଇଁ ଆମନ୍ତ୍ରିତ ହେଉନଥିଲେ କାହିଁକି ଜାଣନ୍ତି ?

ମୁଁ ବିସ୍ମୟରେ ଚାହିଁ ରହିଲି ।

'ଶୂଦ୍ରର ଏତେ ସ୍ପର୍ଦ୍ଧା ? ସଂସ୍କୃତ ବିଶେଷତଃ 'ମନୁସ୍ମୃତି' ଉପରେ ବହି ଲେଖିବ ଏବଂ ଆମକୁ ଆଉ ଆମ ଲାଇବ୍ରେରୀକୁ ଉପହାର ଦେବ ? ଖବରଦାର ରମାକାନ୍ତ ବେହେରାର ଛାଇ ଯେମିତି ଏ ଅନୁଷ୍ଠାନରେ ନପଡ଼େ ମୁଁ ଥିଲାବେଳେ କି ମୋ ପରେ, ସମସ୍ତଙ୍କୁ ଶପଥ କରାଇ ନେଲେ ଅଧକ୍ଷ ।

- କେବେ ?

- ଯେଉଁଦିନ ଆପଣ ବହି ୨ଟି ଉପହାର ଦେଲେ, ସେଦିନ ଆପଣ ଆସିଲା ପରେ ଅଧକ୍ଷ ବ୍ରାହ୍ମଣ ଷ୍ଟାଫ୍‌ମାନଙ୍କୁ ନିର୍ଦ୍ଦେଶ ଦେଲେ ଛୁଟି ପରେ ସମସ୍ତେ ରହିବେ, ଅନ୍ୟମାନେ ଯିବେ । ଏକ ଜରୁରୀ ବୈଠକ ଅଛି । ସେଇ ବୈଠକରେ ଶପଥ ନିଆଗଲା ।

- ତମେ ବି ଶପଥ କରିଥିବ ।

- ବାଧ ହୋଇ କଲି ।

- ଏବେ ଶପଥ ଭଙ୍ଗ କଲ ଯେ ? ଦୋଷ ଲାଗିବ ନାହିଁ ?

- ସାର୍‌, ଆପଣ ମୋର ଗୁରୁ, ସାଧାରଣ ଗୁରୁ ନୁହନ୍ତି, ଆପଣ ଜ୍ଞାନତପସ୍ୱୀ, ଆପଣ ପରା ମନୁସ୍ମୃତିରେ ଲେଖିଛନ୍ତି ଜ୍ଞାନ ସାଧନାରେ ଶୂଦ୍ର ବି ବ୍ରାହ୍ମଣ ହୋଇପାରେ, ଆଉ ଅଧକ୍ଷ ପଦବୀ ଜୋରରେ କରାଇଥିବା ଅନ୍ୟାୟ ଶପଥ ଭଙ୍ଗ କଲେ ଦୋଷ ନାହିଁ । ମୁଁ ଥିବା ପର୍ଯ୍ୟନ୍ତ ଆପଣ ଅତିଥି ହେଉଥିବେ । ପୁଣି ମଧେ ମଧେ ସାହିତ୍ୟ ସଭା, କବିତା ପାଠୋତ୍ସବରେ ବି ଅତିଥି ହେବେ ।

ଅବଶ୍ୟ ସେଇଠୁ ମଧେ ମଧେ ଅତିଥି ହୁଏ । ସେ ଏବେ ଅବସର ନେଇଛନ୍ତି । ଏବେ ଅଧକ୍ଷ ପଦରେ ଅଛନ୍ତି ସୁପଣ୍ଡିତ, ବହୁ ପୁସ୍ତକର ପ୍ରଣେତା ତଥା ବିଖ୍ୟାତ ପ୍ରବଚକ ଡ. ସତୀଶ ଚନ୍ଦ୍ର ପଣ୍ଡା । ସେ ଅତିଥି କରିବେ କି ନାହିଁ ତାଙ୍କ ଇଚ୍ଛା, ସେ ପାଇଁ ମୋର ଦୁଃଖ ନାହିଁ, ଗାଁ ଅନୁଷ୍ଠାନରେ ଅତିଥି ହେଲେ ମୁଁ ବଡ଼ ହୋଇଯିବି ତା' ନୁହେଁ, କିନ୍ତୁ ତାଙ୍କର ବିଦ୍‌ବତ୍ତା ଗଭୀର, ବ୍ୟବହାରରେ ଅତ୍ୟନ୍ତ ଭଦ୍ର ଥିଲେ ମଧ ଛୁଆଁ ଅଛୁଆଁ ଘୃଣା ଭାବ- ଏ କୁସଂସ୍କାରରୁ ସେ ମୁକ୍ତ ନୁହନ୍ତି- ଏ ଅଭିଜ୍ଞତା ମୋର ଅଛି, କେବେ ମୁକ୍ତ ହେବେ କି ନାହିଁ ମୁଁ ଜାଣେନା । ଏହାହିଁ ଜାତିର ଦୁର୍ଭାଗ୍ୟ ।

ଆଉ ଏକ ବ୍ୟକ୍ତିଗତ ଅନୁଭୂତି ପ୍ରସଙ୍ଗତଃ ଉଲ୍ଲେଖ କରୁଛି । ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଅବସର ପ୍ରାପ୍ତ ଅଧକ୍ଷ ମୋର ଅନ୍ୟତମ ସୁହୃଦ ବନ୍ଧୁ ମହାନ ଜ୍ଞାନୀ ବିଶ୍ୱ ହିନ୍ଦୁ ପରିଷଦର ଛୁଆଁ ଅଛୁଆଁ ଭେଦଭାବ ନାହିଁ ଏହା ଜାଣିବି ନିଜକୁ ଶୁଦ୍ଧ ସଂସ୍କାରିତ କରିନାହାନ୍ତି- ଏହାହିଁ ଜାତୀୟ ଯନ୍ତ୍ରଣା ।

'ବିଦ୍ୟା ଦଦାତି ବିନୟମ୍‌', 'ନମନୁଷ୍ୟାତ୍‌ ଶ୍ରେଷ୍ଠତରଂହି କିଞ୍ଚିତ୍‌' 'ନ ହିନ୍ଦୁ ପତିତୋ ଭବେତ' ଏମିତି ବହୁ ଶ୍ଳୋକ ଯେଉଁ ମହାପଣ୍ଡିତମାନେ ସହସ୍ରବାର ଉଦ୍‌ଗାର କରନ୍ତି, ସେଇମାନେ ବି ପ୍ରଚଣ୍ଡ ଅହଙ୍କାରୀ ହୋଇପାରନ୍ତି ଏବଂ ବ୍ରାହ୍ମଣେତର ଜାତିଙ୍କୁ ପ୍ରଚଣ୍ଡ ଘୃଣା ତାଚ୍ଛଲ୍ୟ କରନ୍ତି ଏ ତିକ୍ତ ଅଭିଜ୍ଞତା ମୁଁ ଏ ବର୍ଷ ଫକୀରମୋହନ ଜୟନ୍ତୀରେ ମୁଖ୍ୟ ଅତିଥି ବିଖ୍ୟାତ୍‌ ବେଦବିଦ୍‌ ଇଂ ପ୍ରିୟବ୍ରତ ଦାସଙ୍କ ଠାରୁ ପାଇଲି ।

ମୋର ଏ ଦୁଇ ବହିକୁ ରେଜେଷ୍ଟ୍ରି ଡାକରେ ତାଙ୍କୁ କିଛିମାସ ଆଗରୁ ଉପହାର ଦେଇଥିଲି । ନମ୍ର ଭାବେ ତାଙ୍କର ଉପଦେଶ ବା ମନ୍ତବ୍ୟ ଅପେକ୍ଷାରେ ଥିଲି । ଉଦ୍ଦେଶ୍ୟ ଥିଲା କିଛି ଶିଖିବି । ବହିରେ ମୋର ଫୋନ୍‌ ନମ୍ବର ଥିଲା ।

କିନ୍ତୁ କିଛି ଉତ୍ତର ପାଇଲି ନାହିଁ । ପୂର୍ବରୁ ଲେଖିଛି ଭାରତର ପ୍ରମୁଖ ୨୦ଟି ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସରମାନଙ୍କୁ ରେଜେଷ୍ଟ୍ରି ଟିକଟ ସହ ଚିଠି ପଠାଇ ଥିଲେବି କେହି ଖାତିର କଲେନାହିଁ । ବିଶେଷତଃ ମୋର ପଦବୀ ବେହେରା ଜାଣି ଶୂଦ୍ରର ଚିଠିକୁ ଘୃଣାରେ ଫୋପାଡ଼ି ଦେଇ ଗଙ୍ଗାଜଳରେ ହାତଧୋଇ ପବିତ୍ର ହୋଇଥିବେ । ବୋଧେ ମୋର ବହି ଦି'ଟି ସେହି ଦଶା ଭୋଗିଥିବ । ଏହା ଜାଣିଲି ସଭାପରେ ମୁଁ ତାଙ୍କୁ ନମ୍ର ପ୍ରଣତି ପରେ ପଚାରିଲି-

- ଆଜ୍ଞା ମୁଁ ବର୍ଷେ ତଳେ ରେଜେଷ୍ଟ୍ରି ଡାକରେ ଦୁଇଟି ବହି ପଠାଇଥିଲି । ପାଇବାର ଫେରନ୍ତା ରସିଦ୍‌ ପାଇଛି, ତା ସହ ରେଜେଷ୍ଟ୍ରି ଟିକଟ ମୋର ଫୋନ ନମ୍ବର ସହ ଲଫାଫାଟିଏ ପଠାଇଥିଲି ଆପଣଙ୍କ ଆଶର୍ବାଦ ତଥା ଦୁର୍ଲଭ ଉପଦେଶ ପାଇଁ ।

- କେଜାଣି, କିଏ କେତେ ପଠାନ୍ତି, ମୋର ଖ୍ୟାଲ ନାହିଁ । ତାଚ୍ଛଲ୍ୟଭରା ଶବ୍ଦ କେତୋଟି ମୋ ଉପରକୁ ଫୋପାଡ଼ି ଦେଇ ସେ ମୁହଁ ଫେରାଇ ନେଲେ । ଜାଣିଲି ସ୍ୱର୍ଗ ତ ଦୂରର କଥା, କାଳେ ଶୂଦ୍ରର ନିଃଶ୍ୱାସ ପ୍ରଶ୍ୱାସ ପବନ ବାଜିଥିବ ତେଣୁ ଏ ଉପେକ୍ଷା । କି ଜାତ୍ୟାଭିମାନ, ଜ୍ଞାନର କି ଅହଙ୍କାର, ଏଇମାନେ ଆମର ପୂଜ୍ୟ !

ସେହିଭଳି ଭୋଗରାଇର ବେଦବିଦ୍‌ ସୁଚିକିତ୍ସକ ଡା. ଶ୍ରୀଶ କୁମାର ଦାଶ ମୋତେ ଫୋନ୍‌ କରି ମୋର ମନୁସ୍ମୃତି ଓ ବିଶ୍ୱଭାଷା ସଂସ୍କୃତ: ଏକ ବିସ୍ମୟ' କେଉଁଠି ମିଳିବ ପଚାରିଲେ । ମୁଁ ତାଙ୍କୁ ଦିନେ ପରେ ଭେଟିବି ଉତ୍ତର ଦେଲି । ବହି ଦି'ଟି ଉପହାର ଦେଇ ଅନୁରୋଧ କରିଥିଲି ମୂଲ୍ୟ ନୁହେଁ ଆପଣଙ୍କ ମତ ମୋତେ ଦୟାକରି ଫୋନରେ ଜଣାଇବେ । ମୁଁ କିଛି ଅଧିକ ଜାଣିବି, ଆଉ ଯଦି ଅନୁଭବ କରନ୍ତି ତେବେ ଆପଣଙ୍କ ପରିଚିତ ଜ୍ଞାନୀ ଗୁଣୀ ପାଠକଙ୍କୁ ପ୍ରଭାବିତ କରିବେ ବହି ଦି'ଟିକୁ ସଂଗ୍ରହ ପାଇଁ, କାରଣ ଅର୍ଥ ବା ସୁନାମ ଅର୍ଜିବା ପାଇଁ ଏସବୁ ବହି ଲେଖିନାହିଁ, ସଂସ୍କାର ଓ ଜାତୀୟ ଗୌରବ ବୋଧେ ବୋଧ ଚେତନା ଗଣମାନସରେ ସଂଚରିତ ହେବା ପାଇଁ ଅନଭିଜ୍ଞ ହେଶଇବି ଏ ଦୁଃସାଧ ସାଧନା କରିଛି ।

ମାତ୍ର ସେବି ନିରୁତ୍ତର, ସେ ହୁଏତ ସେଇ ବଳୟ ଭିତରେ ବନ୍ଦୀ, କଲେଜ ନ ପଢ଼ିଥିବା ଜଣେ ସାଧାରଣ ଶୂଦ୍ରର ସଂସ୍କୃତ ଜ୍ଞାନଚର୍ଚ୍ଚା ? କି ଆସ୍ପର୍ଦ୍ଧା, ଏହା ହିଁ ଆମର ଭାଗ୍ୟ, ଜାତିର ଦୁର୍ଭାଗ୍ୟ । ଏ ପାଇଁ ମହାନ ଜାତି କି ଦୁର୍ଦ୍ଦଶା ନଭୋଗିଛି ।

ପ୍ରସଙ୍ଗତଃ ଏଠାରେ ଆଉ ଏକ ଅଙ୍ଗଲିଭା ଅନୁଭୂତି ଉଲ୍ଲେଖ କରୁଛି ।

ଜଗନ୍ନାଥ ଧର୍ମର ପ୍ରଚାର ପ୍ରସାର କ୍ଷେତ୍ରରେ ସୁଖ୍ୟାତ ସୁନାମଧନ୍ୟ ପଣ୍ଡିତ ସଦାଶିବ ରଥଶର୍ମା 'ଚାରଣ ଗୋଷ୍ଠୀ' ନାମରେ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ । ସୌଭାଗ୍ୟ କ୍ରମେ ତାଙ୍କ ସଂପର୍କରେ ଆସିଲାପରେ ସେ ମୋତେ ପୁତ୍ରବତ୍‌ ସ୍ନେହ କଲେ, ମୁଁ ମଧ 'ଚାରଣ' ହେଲି ଏବଂ ଓଡ଼ିଶାର ବିଭିନ୍ନ ସଭାରେ ମୋତେ ଜଣେ ମୁଖ୍ୟ ଆଲୋଚକର ସମ୍ମାନ ଦେଲେ । ମୁଁ ତାଙ୍କର ସରଳ ନିରାଡ଼ମ୍ବର ଜୀବନଚର୍ଯ୍ୟା, ଅଗାଧ ପାଣ୍ଡିତ୍ୟ, ଅସାଧାରଣ ବାଗ୍ମିତା ତଥା ନିଷ୍ଠାପୂତ ଜଗନ୍ନାଥ ଭକ୍ତିରେ ମନ୍ତ୍ରମୁଗ୍ଧ ହେଲି ।

ଥରେ ଗଞ୍ଜାମର ଏକ ପୂର୍ବତନ ଗଡ଼ଜାତ ରାଜାଙ୍କ ଅତିଥି ହୋଇଥାଉଁ ।

ସକାଳ ଅଧିବେଶନ ପରେ ଜଗନ୍ନାଥଙ୍କ ଠାରେ ଭୋଗ ଲାଗୁଥାଏ । ହଠାତ୍‌ ଏକ ହୁଲସ୍ଥୁଲ କାଣ୍ଡ ଘଟିଲା । ଜଣେ ଦୌଡ଼ିଆସି କହିଲା - ଆଜ୍ଞା ସର୍ବନାଶ, ଜଣେ ହାଡ଼ି ମନ୍ଦିର ବେଢ଼ା ଭିତରକୁ ପଶି ଆସିଛି ।

- କିଏ ଦେଖିଛି ଧରି ଆଣ, ଶୂଦ୍ରର ପ୍ରବେଶ କୁକୁର ପ୍ରବେଶ ସହ ସମାନ । ସେଇ ପ୍ରକାର ପ୍ରାୟଶ୍ଚିତ କରିବା ବିଧି, ତେବେ ଭୋଗ କରୁଥିବା ସମୟରେ ନା ପରେ, ସେଇ ଅନୁସାରେ ଶୁଦ୍ଧ କରିବାକୁ ହେବ । ଯଦି ଭୋଗ ବେଳେ ଆସିଥିବ ତେବେ ସମସ୍ତ ପ୍ରସାଦ ଗଡ଼ାଯିବ ।

ମୁଁ ନମ୍ର ଭାବେ କହିଲି- ଆଜ୍ଞା ! ଜଗନ୍ନାଥ ତ ସମସ୍ତଙ୍କ ନାଥ, ତ୍ରାଣକର୍ତ୍ତା, ସେ ହେଲେ ଚେତନାର ଦିବ୍ୟ ଜ୍ୟୋତି । ଆଲୋକ ସାମ୍ନାକୁ ଜଣେ ଆସିଲେ ସେତ ଆଲୋକିତ ହୋଇଯିବ, ପବିତ୍ର ହେବ, ଯଦି ଶୂଦ୍ରର ଉପସ୍ଥିତି ସ୍ୱୟଂ ଜଗନ୍ନାଥଙ୍କ ପ୍ରସାଦକୁ ଅପବିତ୍ର କରିପାରେ ତେବେ ତାର ଶକ୍ତି ତ ଜଗନ୍ନାଥଙ୍କଠାରୁ ଅଧିକ ।

ଏତିକିରେ ଅଜସ୍ର ରୋଷ କାଷାୟିତ ନେତ୍ର ମୋ ଉପରେ କ୍ଷୁବ୍ଧ- କିଏ ଏ ଅର୍ବାଚୀନ ଖୋଦ୍‌ ଚଳନ୍ତି ଜଗନ୍ନାଥଙ୍କ ସହ ଯୁକ୍ତି କରୁଛି ? ଅବଶ୍ୟ ପଣ୍ଡିତେ ହସି ହସି କହିଲେ ବାବା ଏସବୁ ଗଭୀର ତତ୍ତ୍ୱ କଥା । ସନାତନ ହିନ୍ଦୁ ଧର୍ମକୁ ତ ଆମକୁ ରକ୍ଷା କରିବାକୁ ହେବ । ଏହାତ ବୈଦିକ ବିଧାନ । ଯା'ହେଉ ଶୂଦ୍ରଟି ଭୋଗ ପରେ ଆସିଥିଲା ଜାଣିଲା ପରେ ସ୍ୱଳ୍ପ ଶୁଦ୍ଧି ପରେ କାମ ସରିଲା ।

ସଂଧ୍ୟା ଅଧିବେଶନରେ ସେ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବଚନ ଦେଲେ । ମୋର ପୂର୍ବ ଜିଜ୍ଞାସାର ଉତ୍ତରରେ ସେ କହିଲେ- କିଛିବର୍ଷ ତଳେ ବନାରସରେ ଏକ ବିଶାଳ ଧର୍ମ ସଭା ହେଉଥାଏ, ସନାତନ ଧର୍ମ ହିନ୍ଦୁ ଧର୍ମର ସଂରକ୍ଷକ ଖୋଦ୍‌ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେବା ପୂର୍ବରୁ 'ଯୁଗ ନିର୍ମାଣ ଯୋଜନା'ର ବାନର ଉପରେ ତାଙ୍କର ଆଖି ପଡ଼ିବା ମାତ୍ରେ ସେ ଗର୍ଜି ଉଠିଲେ - 'ହଠାଓ ଇନ୍‌ସବ୍‌ ଅନାଚାରିଓଁକୋ, ପବିତ୍ର ସନାତନ ଧର୍ମକା କଲଙ୍କ ୟେ ଲୋଗ୍‌, ଶୂଦ୍ର ଔର ଚଣ୍ଡାଲୋକୋ ଗୀତା ଗାୟିତ୍ରୀ ଶିକ୍ଷା ଦେ ରହେ ହେଁ, ମୈ ବ୍ରାହ୍ମଣହୁଁ, ଖୋଦ୍‌ ଶଙ୍କରାଚାର୍ଯ୍ୟକା ଅବତାର ହୁଁ ମୈହିନ୍ଦୁ ଧର୍ମକା ରକ୍ଷକ ହୁଁ, ମୈ କଭି ଇନ୍‌ ଲୋଗୋଁକୋ ବରଦାସ୍ତ ନହିଁ କରୁଗାଁ, ହଟାଓ ୟେ ସବ୍‌ ମକାନ୍‌, ନହିଁ ତୋ ମୈ ସଭା ଛୋଡ଼କର ଯାଉଗାଁ' ।

'ତାଙ୍କର ଉଗ୍ର ମୂର୍ତ୍ତି ଦେଖି ମୁଁ କିଛି ପର୍ଦ୍ଦା ସାମନାରେ ଟଙ୍ଗାଇ ତାଙ୍କୁ ଶାନ୍ତ କଲି- ଆଜ୍ଞା କ୍ଷମା କିଜିଏ ମହାତ୍ମନ୍‌, ୟେ ସବ୍‌ ଗରିବ ଲୋଗ୍‌ ପେଟ୍‌ ପୋଷନେକେ ଲିଏ ୟେ ଧନ୍ଦା କର୍‌ରହେ ହେଁ । ତାପରେ ଶଙ୍କରାଚାର୍ଯ୍ୟ ଶାନ୍ତ ହେଲେ ।

(କ୍ରମଶଃ)


+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬


● ଆଜିର ଗଳ୍ପ ●

# ଭାବନା




ଲଳିତ ମୋହନ ମିଶ୍ର

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି
ମୋ:୯୪୩୭୯୮୫୮୬୬




ସମୟର ପଶାପାଲି ବଡ଼ ବିଚିତ୍ର..... କେତେବେଳେ ମଣିଷ ସମୟର ପାଖୁଡାକୁ ହସଖୁସିରେ ନିଜ ଆଡକୁ ଟାଣି ଆଗକୁ ଆଗେଇ ଯାଉଛି.. ତ ଆଉ କିଏ ସେଇ ପାଖୁଡା ଦେଖିଲେ ଡରୁଛି.....କାଳେ ସେଇ ପାଖୁଡା ଭିତରେ ଲୁଚି ରହିଥିବା ସମୟ...... ଓଃ......କି ଯନ୍ତ୍ରଣା.... ଆଉ ଭୟଯୁକ୍ତ ସେ ପାଖୁଡା..... ଆଉ ସେ ସମୟ...... । ଆଜିର ଦିନଟି କାଲି କି ନ ଥାଏ । ଆଜିର ମନଟି ଆସନ୍ତା କାଲି କି ନ ଥାଏ । ସମୟ ,ବୟସ ଆଉ ମନ ରଥାଙ୍ଗ ଚକ୍ରାଙ୍ଗ ଗତିରେ ଗତି କରନ୍ତି । ଆମେ ଭାବୁଛେ ଆମେ ସବୁ କରିଦେବା । କିନ୍ତୁ ସେୟା ନୁହେଁ । ନିୟତିର ନିୟମାନୁଯାୟୀ ଆମେ କାର୍ଯ୍ୟ କରୁଛେ । ତତ୍‌ ସଙ୍ଗେ ସଙ୍ଗେ ଆମର ସତ୍‌ କର୍ମ । ମନୁଷ୍ୟ ଭାବେ ଗୋଟିଏ ଫଳ ଫଳେ ଗୋଟିଏ ।

ମନେ ପଡେ ସେଦିନର କଥା । ଭିଜା ମାଟିର ବାସ୍ନା ଠୁ ବି ଆହୁରି ବାସ୍ନା.... ଢେର ଅଧିକ ଥିଲା ଆଜି ତୁମ ଦେହରେ । ତୁମ ବାସ୍ନାଭରା ଦେହର ମାଦକତାରେ ଇଚ୍ଛା ହେଉଥିଲା ହଜିଯିବାକୁ.... ନିରୋଳା ବନ୍ଦ ଦରଜାରେ ଆଉ ମନଭରି ଉପଭୋଗ କରିଥାଆନ୍ତି ବାହାରର ବର୍ଷା । ବନ୍ଦ ଦରଜା ବି ଥିଲା । ତୁମେ ବି ଥିଲ ଅତି ନିକଟରେ..... ହେଲେ ପାରୁ ନ ଥିଲି ତୁମକୁ ଛୁଇଁବାକୁ .... ତୁମର ବିନା ଅନୁମତିରେ । କେମିତି ବି ଛୁଅନ୍ତି ଯେ କହିଲ ? ତୁମ ସହମତି ବିନା କେଉଁ ସମ୍ପର୍କ... ବା ସୁନ୍ଦର... କିନ୍ତୁ ତୁମର ସୁନ୍ଦରତାର ଆକର୍ଷଣ ଶକ୍ତି ଏତେ ପ୍ରଖର ଯେ ମୁଁ ବାରମ୍ବାର ଆକର୍ଷିତ । ମୁଁ ସାଧାରଣ ପୁରୁଷ... ଆକର୍ଷିତ କେମିତି ହୁଅନ୍ତି ନି ଯେ ! ! ! ଘୃତ ଅଗ୍ନି ପାଖାପାଖି.... ପୁରୁଷ ପରା ମୁଁ ।

ତୁମ ସମ୍ବେଦନଶୀଳ ଅଧା ଢ଼ଙ୍କା ଶାଢ଼ୀ ଭିତରୁ ତୁମ ଫୁଟନ୍ତା ଯୌବନ ଦେଖି କେଉଁ ପୁରୁଷ ବା ନିଜକୁ ନିୟନ୍ତ୍ରଣରେ ରଖନ୍ତା କହିଲ..... । ଏଥର କିନ୍ତୁ ମୁଁ ନିଜକୁ ଆଉ ନିୟନ୍ତ୍ରଣରେ ରଖି ପାରିଲି ନାହିଁ । ତୁମ ମନକୁ ପଢିବାକୁ ଆଉ ଡେରି ଲାଗିଲା ନାହିଁ ମୋତେ । ନାରୀଟିଏ ସଦାବେଳେ ଚାହେଁ ପୁରୁଷ ତା ମନ କଥା ବୁଝୁ । ତାକୁ କୋଳେଇ ନେଉ ନିଜ ଆଡକୁ.. ଯାଚି ହେବାକୁ ତାର ଭାରି ଲଜ୍ୟା । ମୁଁ ଭୁଲିଗଲି ସବୁ ନୀତି ନିୟମ.... ସାମାଜିକ ବାଡ଼ବତା । ପଛ ଆଡୁ ଭିଡି ଧରିଲି ତୁମକୁ.... ଆଉ ତୁମର ସେ ଓଠରେ ମୋ ଓଠକୁ ହଜେଇ ଦେଲି । ଆସ୍ତେ ଆସ୍ତେ ବେକ ଆଉ ତା ପରେ........ତୁମେ କହିଲ ନାହିଁ... ଛାଡ... ଦୁଷ୍ଟ କୋଉଠିକାର... । ଉପରେ ନାହିଁ କହୁଥିଲେ ବି ତୁମ ଭିତରଟା ପଢିବାରେ ମୁଁ ଅଭ୍ୟସ୍ତ ଥିଲି । ଅନ୍ଧାର କଠୋରୀରେ ଗୋଟେ ପୁରୁଷ ନାରୀ ଏକୁଟିଆ ଥିଲେ ଯାହା ହୁଏ.... ତାହା ଆମ ଭିତରେ ଘଟିବା ପୂର୍ବରୁ ମୋ ବାହୁ ବନ୍ଧନରୁ..... ତୁମେ ବାହାରି ଯିବାକୁ ଆପ୍ରାଣ ଚେଷ୍ଟା କଲ । କାହିଁକିନା ତୁମେ ଥିଲ... ଜଣେ ଅବିବାହିତ ନାରୀ ।

ଭୟ ରହିବା ସ୍ୱାଭାବିକ । କାଳେ ବିବାହ ପୂର୍ବରୁ କିଛି ଭୁଲ ଆଉ ସେଇ ଭୁଲରୁ ତୁମେ..... । ତୁମ ମନରେ ସମସ୍ତ ପ୍ରଶ୍ନକୁ ଦୂର କରିବାକୁ ଯାଇ ବିବାହର ପ୍ରତିଶ୍ରୁତି ଦେଇ ହଜିଗଲି । ତୁମ ଦେହରେ ସେଇ ମିଠା ଭୁଲର ସ୍ୱର୍ଗସୁଖ ଆଶାରେ । ଆଶାରେ ତ ମଣିଷ ବଞ୍ଚେ । ତୁମେ ଆଉ ବାଧା ଦେଲ ନାହିଁ । ରାତି ବଢୁଥାଏ ହେଲେ ତୁମ ଦେହର ତାତି ମୋତେ ପାଗଳ କରି ଦେଉଥାଏ । ସତରେ ତୁମ ଦେହ ମନ୍ଦିରରେ ପ୍ରତ୍ୟେକ ସ୍ଥାନରେ ମୋ ଚୁମ୍ବନର ଦସ୍ତକତର ଛାପ ଛାଡି ସେଇ ଶୁଣିଥିବା ଚରମ ତୃପ୍ତି ଟିକକ ପାଇବା ପାଇଁ ମୋ ବାହୁ ବନ୍ଧନରେ ବନ୍ଦିନୀ କରିଦେଲି । ଯାହା ବି ହେଲା ସବୁ ଆମ ସହମତିରେ ଥିଲା ଭାବନା ! ! ! ଆଜି କିନ୍ତୁ ତୁମେ ପରର ହୋଇସାରିଛ । ଆମ ପ୍ରେମର ସନ୍ତକ ବୋଲି କିଛି ନାହିଁ... ରହି ଯାଇଛି ଖାଲି ସ୍ମୃତି..... ମନର ସ୍ମୃତି.... ହୃଦୟର ସ୍ମୃତି..... । ବୟସ ବଢି ଯାଇଛି କିନ୍ତୁ ସେ ପ୍ରଥମ ଦିନର ପ୍ରଥମ ସ୍ମୃତିକୁ କଣ ଭୂଲି ହେଉଛି ଭାବନା । ଆଜି ବି ସେ ବାସ୍ନା ମୋ ମନ ଦେହରୁ ଯାଇନି । ମୋ ଆଘ୍ରାଣରେ ସେଇ ବାସ୍ନା ବାରମ୍ବାର ମନେ ପକାଇ ଦେଇ କହୁଅଛି.... ହେ ଭାବନା ! ତୁମେ କେବଳ ମୋର..... ।

ମନର କଥା.... ମନର ଭାବନା..... ମନର ଆବେଗ... ମନର ସମ୍ମୋହନ.. ମନର ଅପାସୋରା କଥା ମନରେ ରହିଗଲା... ସତରେ ଭାବନା ! ତୁମ ନାମ ଭାବନା ତୁମେ ବାସ୍ତବିକ ଭାବନା ହୋଇ ମୋ ପାଇଁ ରହିଗଲ.... ।

ମୁଁ କଣ ଜାଣି ଥିଲି.... ତୁମେ ଋତୁପରି ଦିନେ ବଦଳି ଯିବ । ବାଟରେ ଦେଖିଲା ପରେ ଅଚିହ୍ନା ଅତିଥି ପରି ତୁମେ ମୁହଁ ମୋଡ଼ି ଚାଲିଯିବ । ସତରେ କଣ ପ୍ରେମରେ ଏମିତି ହୁଏ ...? ଏକଥା ତ ମୋତେ ଜଣା ନ ଥିଲା କେବେବି...? ସବୁବେଳେ, ସବୁଠାରେ, ସବୁ ସମୟରେ ମୁଁ କେବଳ ତୁମକୁ ଖୋଜୁଥିଲି । ତୁମର ଟିକିଏ ସ୍ପର୍ଶ ପାଇଁ.... ତୁମର ଟିକିଏ ସାନ୍ନିଧ ପାଇଁ...... ମୁଁ ନିଜକୁ ହଜେଇ ଦେଇଥିଲି । ମାଟିରୁ ଆକାଶ.... ଯୁଆଡ଼େ ଚାହିଁଲି ସବୁବେଳେ - ତୁମ ଚେହେରା... ଆଇନାରେ ଦେଖା ଯାଉଥିଲା । ସବୁଠାରେ ତୁମ ଆଲିଙ୍ଗନ... ସବୁଠାରେ ତୁମର ସ୍ପର୍ଶ.... ଅଥଚ ଆଜି ଏତେ ଦିନ ପରେ ଭେଟ ହୋଇ ତୁମେ ଚିହ୍ନି ପାରିଲନି....?

ପ୍ରେମର କେଉଁ ସହରରେ ଗୋଟେ ବଗିଚାରେ ମୁଁ ଏକା ଏକା ବସିଥିଲା ବେଳେ..... ତୁମେ ସ୍ୱପ୍ନର ପରୀଟିଏ ସାଜି ଉଡ଼ି ଆସିଥିଲ ମୋ ଭାବନା ହୋଇ.... ମୋର ଚିନ୍ତାକୁ.... ମୋ ଚେତନାକୁ..... । ମୋ ହୃଦୟର ନିଭୃତ କୋଣ ଭିତରେ ରହି ମୋତେ ଚୁପ୍‌ ଚାପ୍‌ କହୁଥିଲ ଜାଣିଛ ନା ମୁଁ ତୁମକୁ ଖୁବ୍‌ ଭଲ ପାଏ । ଭଲ ପାଇବାର ପ୍ରତିଦାନ ତୁମେ କଣ ବୁଝି ପାରିବ ଭାବନା ? ଭଲ ପାଇବାର ସଂଜ୍ଞା ତୁମେ କେବେ ମାପିଚ ? ନା ବୁଝିଛ ? ନା ଚିହ୍ନିଛ ?

ତୁମେ ପଢ଼ିଛ ମୋତେ କେବେ.....? ବୁଝୁଛ ମୋ ହୃଦୟକୁ କେବେ .....? ମାପିଛ କେବେ ମୋର ମନକୁ । କେବେ ପଚାରି ବୁଝିଛ ମୋ ମନ ତଳ... ଛାତି ତଳ କଥା । ସବୁବେଳେ ତୁମେ ଗୋଟିଏ ଉତ୍ତର ଦେଇଛ ନା ମୁଁ ତୁମକୁ ଭଲପାଏ । ଅଥଚ ଦୀର୍ଘ ବର୍ଷର ଭଲ ପାଇବାର ଭିତରେ ତୁମେ ଗୋଟେ ସୀମାରେଖା ଟାଣି ଦେଲ । ଗୋଟେ ଲକ୍ଷ୍ମଣ ରେଖା ଟାଣି କୁଆଡ଼େ ଚାଲିଗଲ ? କେଉଁଠିକି ଗଲ । କେମିତି ରହିଲ । କାହା ପାଖରେ ରହିଲ । କେମିତି ଅଛ ? ଖୁସିରେ ଅଛ ? କି ଦୁଃଖରେ ଅଛ ? ମୁଁ ଜାଣେ.. ଏ କଥା କହିଲା ବେଳେ ମୋ ଆଖିରୁ ଅଜାଣତରେ ଲୁହ ଝରି ପଡେ । ପୁଣି ଭାବେ ମୁଁ ତ ନିଜର କରିପାରିଲି ନାହିଁ । ମୁଁ କାନ୍ଦିଲେ ତୁମର ଅନିଷ୍ଟ ହେବ ଭାବି ଓଠରେ ସ୍ମିତହାସ୍ୟ ଦେଇ ମନକୁ ବୁଝେଇ ଦିଏ ?

ତମ ହସ ଭିତରେ ଯେଉଁ ଲୁହ ଟୋପା ଲୁଚି ରହିଛି ମୁଁ ତାକୁ ଦେଖି ପାରୁଛି । ମୋ ହସ ଭିତରେ ଯେଉଁ ଲୁହ ଟୋପେ ଗଡ଼ି ପଡୁଛି । ତୁମେ ତାକୁ ଦେଖି ପାରିବନି ? ଜାଣି ପାରିବନି ? ମାପି ପାରିବନି ? ମୁଁ ଜାଣେ କେଉଁଠି ନା କେଉଁଠି ପୁନର୍ବାର ଭେଟ ହେବ ତୁମ ସହ । ତୁମେ ପୁଣି ମୋତେ ପଚାରିବ କେମିତି ଅଛ ? ମୁଁ କହିବି ଭଲ ଅଛି ପୂର୍ବାପେକ୍ଷା ।

ତୁମେ କିନ୍ତୁ ହସିବନି ! ମୁଁ ଜାଣେ ମୁହଁ ତଳକୁ କରି.... ମାଟି ମୁହାଁ ହୋଇ ଚାଲିଯିବ । ଆଜି ଅନେକ ଦିନ ପରେ... ତୁମ କଥା ମନେ ପଡିଗଲା । ତୁମ କଥା ମନେ ପଡ଼ିଗଲା ବୋଲି ବୋଧେ ହୁଏ ଆଜି ସକାଳଟା ଫୁଲମୟ ଲାଗୁଛି । ଚଢ଼େଇ ମାନଙ୍କ ଓଠରେ ନୂଆ ନୂଆ ଗୀତର କିଚିରି ମିଚିରି ଶବ୍ଦ । ସୂର୍ଯ୍ୟଙ୍କର ରଙ୍ଗ ଆଜି ବଦଳି ଯାଇଛି । ମୋର ମନର ଭାବନା ପୁଣି ଆସିଛି ।

ଆକାଶର ରଙ୍ଗ ବଦଳିଛି । ପୃଥିବୀ ଆଜି ସବୁଜ ସବୁଜ.... କିନ୍ତୁ ଟିକେ ନିଆରା ନିଆରା ଦିଶୁଛି କାଲିଠାରୁ । ତୁମେ କ'ଣ ଜାଣିନ ! ! ! ମୋ ଦୁଃଖ ଭିତରେ ବି ତୁମେ ! ! ! ମୋ ସୁଖ ଭିତରେ ବି ତୁମେ । ମୋ ପ୍ରେମ ମୋ ଭାବନାରେ ବି ତୁମେ । ତମ ହସଲୁହ.... ପାପପୁଣ୍ୟ ଭଲମନ୍ଦ ଭିତରେ.. ତୁମେ ଥିଲ.... ତୁମେ ହିଁ ରହିବ ।

ଏ କଥା ଭାବିଲା ବେଳେ ଅନେକ କଥା କହିବାକୁ ଇଚ୍ଛା ହୁଏ । ଅନେକ କଥା ଲେଖିବାକୁ ଇଚ୍ଛା ହୁଏ ଅଥଚ ମୋତେ କଲମ ମନା କରେ । ମୋ ଭାବନା ମୋତେ ମନା କରେ । ମୋ ଚିନ୍ତା ଚେତନାର ସରହଦ ଡେଇଁ କେହି ଜଣେ ମେଘ ପାଲିଙ୍କିରେ ଆସୁଥିଲା ବେଳେ ମୁଁ ତାକୁ କହିଦିଏ ଚୁପ୍‌ କର.... ସେହିଠାରେ ରହିଯାଅ... । ସ୍ମୃତି ରୂପକ ଶବ୍ଦଟିକୁ ମୁଁ ଅନେକ ଦିନରୁ କବର ଦେଇ ସାରିଛି । ପ୍ରେମ କଥା ଆଉ ମୋତେ କୁହନା । ପ୍ରେମର ସହରକୁ ଯିବା ପାଇଁ ଏବେ ତ ମୋତେ ସମ୍ପୂର୍ଣ୍ଣ ମନା ହୋଇଛି । ତୁମ ସହର... ତୁମ ଗଳି... ତୁମ ଘର.... ତୁମ ଛାତ... ତୁମ ବାଟ.... ତୁମ ଗେଟ୍‌.... ତୁମ ଫାଟକ ସବୁ କିଛି ମୋ ପାଇଁ ଆଜି ବନ୍ଦ ହୋଇ ଯାଇଛି । ହଉ... ମୁଁ ଆଜି ଅନେକ ଆନନ୍ଦ ଅନେକ ଖୁସିରେ ଅଛି । ଯେଉଁ ଖୁସି ତୁମ ପ୍ରେମରେ ନ ଥିଲା । ଯେଉଁ ଖୁସି ତୁମ ଆଲିଙ୍ଗନରେ ନ ଥିଲା । ଯେଉଁ ଖୁସି ତୁମ ସ୍ପର୍ଶରେ ନ ଥିଲା । ଯେଉଁ ଖୁସି ତୁମ ବର୍ଷା ଭିଜା ରାତିରେ ନ ଥିଲା ।

ସେ ବର୍ଷା କଥା ମନେ ପଡିଗଲେ... ମୋର ମନେ ପଡ଼ି ଯାଉଛି ସେ ଦିନର ବର୍ଷା ରାତି । ଝୁ ଝୁ ବର୍ଷା । ଝରକା ସେ ପାଖରେ ବର୍ଷା । ତୁହାକୁ ତୁହା ପବନ । ଏକା ପାଖରେ ତୁମେ ଆଉ ମୁଁ । ମନେ ଅଛି ନା.... ଯଦି ମନେ ଅଛି ଆଉ ଥରେ ମନେ ପକାଅ ଭାବନା । ହଁ... ହଁ... ମୁଁ ଜାଣେ ତୁମେ ଭାବୁଥିବ... ମୁଁ ପ୍ରେମ ପାଗଳ.... ।

ଏଇଥି ପାଇଁ ପାଗଳ କହିବ ଯେ ମୁଁ ତୁମ ପ୍ରେମରେ ଗୋଟା ପଣେ ପାଗଳ ହୋଇ ସାରିଥିଲି । ମୋ ପାଗଳ ପଣିଆକୁ ତୁମେ ଉପହାସ କରିଥିଲ । ତୁମେ ଥଟ୍ଟା କରିଥିଲ । ପରିହାସ କରି ହାତ ଛାଡ଼ି ଚାଲିଗଲ ହେଲେ ପାଇଲ କଣ ...? ସୁଖ ନା ଦୁଃଖ..? ହସ ନା ଲୁହ......?

ଆଜି ସମୀକ୍ଷା କରିବାର ସମୟ ଆସିଛି ଭାବନା ।

ସମୀକ୍ଷା କର ବୁଝିବ ଆଉ ଜାଣି ପାରିବ ଭୁଲ୍‌ କିଏ ଠିକ୍‌ କିଏ...? ପାପ କଣ ଆଉ ପୁଣ୍ୟ କଣ...? ସୁଖ କଣ ଆଉ ଦୁଃଖ କଣ ....? ପ୍ରେମ କଣ ଆଉ ପ୍ରତାରଣା କଣ... ? ମୋ ହୃଦୟ ତନ୍ତ୍ରୀରେ ପ୍ରେମ ମାଦକତା କାହିଁ ମୋର ଭରିଦେଲ ? ଭୁଲି ମୁଁ ପାରୁନି ପ୍ରେମିକାର ସ୍ମୃତି ପାଇଛି ବୋଲି ତ... ।

ମୁଁ ଆଜି ବି ପାଗଳ ନା । ..! ପାଗଳର ପ୍ରଳାପ ନ କରି ମୁଁ ଆଜି ରହିପାରୁନି ଭାବନା । ମୋତେ ସମସ୍ତେ ପାଗଳ କୁହନ୍ତୁ... ତୁମେ ବି ପାଗଳ କହି ଚାଲିଗଲ କଣ ପାଇଲ...? ବାସ୍‌ ଟୋପାଏ ଲୁହ ଭିତରେ ତୁମର ଚିତ୍ର ...? ଟୋପାଏ ଲୁହ ଭିତରେ ତୁମର ପ୍ରତିଛବି...? ଟୋପାଏ ଲୁହ ଭିତରେ ତୁମର ପ୍ରେମ..... ଟୋପାଏ ଲୁହ ଭିତରେ ପ୍ରତିଛବି.... ଆଜି ପ୍ରତାରଣା.... ଟୋପାଏ ଲୁହ ଭିତରେ ମୁଁ ଆଜି ଏକା... ଏକା.... ଏକା... ମୁଁ ଆଜି ଏକା ଏକା...?

ଏ ଭାବିବା ଏବଂ ବିତି ଯାଇଥିବା ସମୟକୁ ବାରମ୍ବାର ରୋମନ୍ଥନ କରି ରୋମାଞ୍ଚିତ ହେବା ଅଥବା ସ୍ମୃତିରେ ବୁଡିଯିବା.... ପାଗଳ ପରି ହେବା... ।

ଏହା ଭିତରେ ବିତି ଯାଇଛି ଅନେକ ଦିନ... । ଭାବନାକୁ ହଠାତ୍‌ ଦେଖି ଚମକି ପଡ଼ିଲା... ଚିହ୍ନି ପାରିଲା ନାହିଁ.... ସେ ସତେଜତା... ସେ ଖିଲିଖିଲି ହସ ନାହିଁ... ନାଲି ଶାଢୀ ପରିବର୍ତ୍ତେ ସଫେଦ । ଆଶ୍ଚର୍ଯ୍ୟ... ଭାବନାକୁ ପଚାରିବାକୁ ସାହାସ ଯୋଗାଡ କରିପାରିଲା ନାହିଁ । ଅନ୍ୟଠାରୁ ଶୁଣିଲା ତାର ମନର ମାନସ ସଡକ ଦୁର୍ଘଟଣାରେ ଆର ପାରିକୁ ଚାଲିଗଲେ... ଏ ଅଳ୍ପକେ ବଞ୍ଚିଗଲା... ଏ ଭାବି ହେଉଥାଏ... ହେ ପ୍ରଭୁ ! ମୋର ଭାବନାକୁ ଏତେ କଷ୍ଟ ଦେଲ... ।

ସତରେ କଣ ଭାବନା... କମ୍‌ ବୟସରେ ସଫେଦ ଶାଢୀରେ ସଜେଇ ହେବ ନା... ପୁର୍ନବାର ବିବାହ କରିବ ? ନା ଭାବନା ଚିରଦିନ ପାଇଁ ପ୍ରତୀକ୍ଷିତ ପ୍ରେମିକର ହେବ... ନା ଭାବନା ସଦାସର୍ବଦା ଅନ୍ୟର ଭାବନା ହୋଇ ରହିଯିବ.... ।

# ବଢୁଥିବା ସହରୀକରଣ ପାଇଁ ଜଳୁଛି ରାଜଧାନୀ

ଭୁବନେଶ୍ୱର ,୪।୪ (ନି.ପ୍ର): ୪୦ ହଜାର ଲୋକଙ୍କୁ ନେଇ ଆରମ୍ଭ ହୋଇଥିବା ରାଜଧାନୀ ଭୁବନେଶ୍ୱର ଏବେ ଉତ୍ତପ୍ତ ସହର ପାଲଟିଛି। ଗତ ବୁଧବାର (ମାର୍ଚ୍ଚ ୩୧) ରାଜଧାନୀର ତାପମାତ୍ରା ଥିଲା ୪୪ ଡିଗ୍ରୀ ସେଲସିୟସ। ୧୯୪୮ ମସିହା ପରେ ଏହି ସହର ପ୍ରଥମ ଥର ପାଇଁ ମାର୍ଚ୍ଚ ମାସରେ ୪୪ ଡିଗ୍ରୀ ତାପମାତ୍ରା ଛୁଇଁଥିବା ଜଣାପଡ଼ିଛି।



ଏହାରି ଭିତରେ ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସ୍କୁଲ ଅଫ୍ ଆର୍ଥ, ମହାସାଗର ଏବଂ ଜଳବାୟୁ ବିଜ୍ଞାନ ଏକ ଗବେଷଣା ପ୍ରକାଶ କରିଛି। ଯେଉଁଥିରେ ୨୦୦୩-୨୦୧୭ ମଧ୍ୟରେ ରାଜଧାନୀରେ ସହରୀକରଣ ୭୭.୦୫ ପ୍ରତିଶତ ବୃଦ୍ଧି ଘଟିଛି। ତେବେ ସର୍ବାଧିକ ସହରୀକରଣ ୨୦୦୩-୨୦୦୮ ମଧ୍ୟରେ ୭୧ ପ୍ରତିଶତ ରହିଥିବା ଜଣାପଡ଼ିଛି। ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଅନସୂୟା ବାରିକ୍, ଦେବଦତ୍ତ ସ୍ୱାଇଁ ଏବଂ ଭେଲୁ ଭିନୋଜ। "ଭୁବନେଶ୍ୱର ସହରାଞ୍ଚଳ ଉପରେ ଦ୍ରୁତ ସହରୀକରଣ ଏବଂ ଭୂତଳ ତାପମାତ୍ରା ପରିବର୍ତ୍ତନ ଉପରେ ଏହାର ପ୍ରଭାବ" ରିପୋର୍ଟରେ ଏହି ତିନି ଗବେଷକ ରାଜଧାନୀରେ ବଢୁଥିବା ତାପମାତ୍ରା ଏବଂ ଜନସଂଖ୍ୟାକୁ ନେଇ ଲେଖିଛନ୍ତି। ୪୦ ହଜାର ଲୋକଙ୍କୁ ନେଇ ୧୯୪୮ ଏପ୍ରିଲ ୧୩ରେ ତିଆରି ହୋଇଥିବା ରାଜଧାନୀ ଭୁବନେଶ୍ୱରର ଏବେ ଲୋକ ସଂଖ୍ୟା ୧୦ ଲକ୍ଷରୁ ଅଧିକ ହୋଇଛି। ଆଉ ଲୋକ ସଂଖ୍ୟା ତୁଳନାରେ ଯାନବାହନ ସଂଖ୍ୟା ମଧ୍ୟ ଏହାଠୁ ଅଧିକ ମାତ୍ରାରେ ବୃଦ୍ଧି ପାଉଥିବାରୁ ରାଜଧାନୀ ଭୁବନେଶ୍ୱର ଏବେ ଉତ୍ତପ୍ତ ସହର ପାଲଟିଛି। ରାଜଧାନୀରେ ତାପମାତ୍ରା ବଢ଼ିବା ପଛର କାରଣ ସହରୀ ଉତ୍ତାପ ବୋଲି ଜଳବାୟୁ ବିଶେଷଜ୍ଞ କହିଛନ୍ତି। ଯଦିଓ ସହରକୁ ଯୋଜନାବଦ୍ଧ ଭାବରେ ବିକାଶ କରାଯାଉଛି ହେଲେ ଏହାର ଦୂରଦୃଷ୍ଟି ବାବଦରେ କେହି ଚିନ୍ତା କରୁନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। CREDAIର ରିପୋର୍ଟ ଅନୁଯାୟୀ ସହର ଏବଂ ଏହାର ଆଖପାଖରେ ପ୍ରତିବର୍ଷ ୨,୦୦୦ ରୁ ୩୦୦୦ ବାସଗୃହ ନିର୍ମାଣ କରାଯାଉଛି। ଆଉ ଯାନବାହାନ ଭୁବନେଶ୍ୱରର ଜନସଂଖ୍ୟାଠାରୁ ଅଧିକ ହୋଇଛି। ୨୦୧୯ ସୁଦ୍ଧା ୧୦ ଲକ୍ଷ ଲୋକଙ୍କ ସଂଖ୍ୟା ଭିତରେ ରାଜଧାନୀରେ ୧.୪ ମିଲିୟନରୁ ଅଧିକ ପଞ୍ଜିକୃତ ଯାନ ରହିଛି। ପଞ୍ଜୀକୃତ ଯାନ ସଂଖ୍ୟା ବାର୍ଷିକ ୩-୫ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ଜଣାପଡ଼ିଛି।

ତେବେ ୨୦୦୦ରୁ ୨୦୧୪ ମଧ୍ୟରେ ପାଖାପାଖି ୮୯ ପ୍ରତିଶତ ସହରୀକରଣ ରେକର୍ଡ ହୋଇଛି। ଏହାଦ୍ୱାରା ୮୩ ପ୍ରତିଶତ ଘଞ୍ଚ ଜଙ୍ଗଲ ନଷ୍ଟ ହୋଇଥିବା ରିପୋର୍ଟରେ କୁହାଯାଇଛି। ରାଜଧାନୀ ସହରୀକରଣ ହେବା ଦ୍ୱାରା ଏଠାରେ ଥିବା ଚାଷ ଜମି ଅଧିକ ପ୍ରଭାବିତ ହୋଇଛି। ଯାହାକି ତାପମାତ୍ରା ଏବଂ ବିକିରଣକୁ ରୋକିବାରେ ମୁଖ୍ୟତଃ ସାହାଯ୍ୟ କରେ। ଏହି ସମୟ ମଧ୍ୟରେ ୮୨.୬୪ ପ୍ରତିଶତ ଚାଷ ଜମି ସହରୀ ଜମିରେ ପରିଣତ ହୋଇଥିଲା। ୨୦୦୩ର ରିପୋର୍ଟ ଅନୁଯାୟୀ ଅନାବାଦୀ ଏବଂ କୃଷି ଜମି ପ୍ରାୟ ୫୨.୩ ପ୍ରତିଶତ ଥିଲା। ଯାହାକି ୨୦୧୭ରେ ୧୯.୩ ପ୍ରତିଶତକୁ ଖସି ଆସିଥିଲା। ଏହାଦ୍ୱାରା ସହରର ଭୂତଳ ତାପମାତ୍ରା ପ୍ରଭାବିତ ହୋଇଛି। ଯାହାକି ପ୍ରତି ପାଞ୍ଚ ବର୍ଷରେ ଧୀରେ ଧୀରେ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

# ଅଯୋଗ୍ୟ ସଂସ୍ଥାକୁ ଓରମାସ୍‌ର ଅନୁଗ୍ରହ




ଭୁବନେଶ୍ୱର ,୪।୪ (ନି.ପ୍ର): ଜାତୀୟ ଗ୍ରାମୀଣ ଜୀବିକା ମିସନର ଏକ ଅଂଶ ସ୍ୱରୂପ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେଓ୍ୱାଇ) କାର୍ଯ୍ୟକାରୀ ହେଉଛି। ଏଥିରେ ଗ୍ରାମୀଣ ଯୁବାଙ୍କୁ କୌଶଳ ପ୍ରଦାନ ଓ ସେମାନଙ୍କୁ ନିୟମିତ ମାସିକ ମଜୁରି ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି। ଓଡ଼ିଶାରେ ଉକ୍ତ ଯୋଜନା କାର୍ଯ୍ୟାନ୍ୱୟନର ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓରମାସ୍) ହାତରେ ନ୍ୟସ୍ତ କରାଯାଇଛି। ନିଯୁକ୍ତି ସଂପର୍କିତ କୌଶଳ ବିକାଶ ପାଠ୍ୟକ୍ରମରେ ପ୍ରଶିକ୍ଷଣ ଦେବା ଓ ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ଓରମାସ୍ ବେସରକାରୀ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ବା ପିଆଇଏକୁ ନିୟୋଜିତ କରିଥିଲା। ଓଡ଼ିଶାରେ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଓରମାସ୍ ବ୍ୟାପକ ତ୍ରୁଟି କରିଛି। ପ୍ରକଳ୍ପର ଆବଶ୍ୟକୀୟ ଗୁଣବତ୍ତାର ମୂଲ୍ୟାଙ୍କନକୁ ପରିକଳ୍ପନା ନକରି ତାଲିମ ପ୍ରକଳ୍ପକୁ ଅନୁମୋଦନ କରିବା, ଯୋଗ୍ୟତା ନଥିବା ସଂସ୍ଥା ଗୁଡ଼ିକୁ ଅଧିକ ମୂଲ୍ୟର ପ୍ରକଳ୍ପ ପ୍ରଦାନ, ସନ୍ଦେହାତ୍ମକ କାର୍ଯ୍ୟଦକ୍ଷତା ଥିବା ବେସରକାରୀ ସଂସ୍ଥାକୁ ଅନିୟମିତ ଭାବେ ପ୍ରକଳ୍ପ ଅନୁମୋଦନ ଏବଂ ପ୍ରକୃତ କାର୍ଯ୍ୟଦକ୍ଷତାକୁ ଯାଞ୍ଚ ନକରି ଅଧିକ କାର୍ଯ୍ୟଦକ୍ଷତା ରିପୋର୍ଟ ଦାଖଲ କରିଥିବା ସଂସ୍ଥାଗୁଡ଼ିକୁ ଅନୁଚିତ ଅନୁଗ୍ରହ ଦେଖାଯାଇ ପ୍ରକଳ୍ପ ପ୍ରଦାନ କରାଯାଇଛି। ଏଥିସହିତ ପ୍ରାର୍ଥୀମାନଙ୍କର ତାଲିମ ନେବା ଆଧାରରେ ପିଆଇଏଗୁଡ଼ିକୁ ଅଗ୍ରିମ ମଞ୍ଜୁର କରାଯାଇଥାଏ। ୩.୩୦ କୋଟି ଟଙ୍କା ପାଇବାକୁ ଯୋଗ୍ୟ ଥିବା ଗୋଟିଏ ପିଆଇଏକୁ ତାଲିମ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ଓରମାସ୍ ୬.୬୦ କୋଟି ଟଙ୍କା ଅଗ୍ରିମ ପ୍ରଦାନ କରିଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। କେବଳ ସେତିକି ନୁହେଁ, ତାଲିମ ପ୍ରଦାନରେ ହୋଇଥିବା ଅନ୍ୟ ଏକ କେଳେଙ୍କାରୀକୁ ମଧ୍ୟ ସିଏଜି ଧରିଛନ୍ତି। କେନ୍ଦ୍ର ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରାଳୟର କର୍ମଚାରୀ ଭବିଷ୍ୟନିଧି ସଂଗଠନର ଓ୍ୱେବସାଇଟ୍‌ରେ ଥିବା ପ୍ରାର୍ଥୀଙ୍କର ନିଯୁକ୍ତି ତଥ୍ୟ ସହିତ ପ୍ରାର୍ଥୀମାନଙ୍କର ତାଲିମ ତଥ୍ୟର ପୁନଃଯାଞ୍ଚରୁ ଜଣାଯାଇଛି ଯେ ୫୫ ପ୍ରତିଶତ ପାର୍ଥୀ ସେମାନଙ୍କର ତାଲିମ ସମୟରେ ନିଯୁକ୍ତି ପାଇ ସାରିଥିଲେ। ତେଣୁ ଦର୍ଶାଯାଇଥିବା ନିଯୁକ୍ତି ସଂଖ୍ୟାର ବିଶ୍ୱସନୀୟତା ସନ୍ଦେହଜନକ। ସେହିଭଳି ୧୨ଟି ପିଆଇଏ ଦ୍ୱାରା ନିଯୁକ୍ତି ଦିଆଯାଇଥିବା ତଥ୍ୟ ନଥିର ନମୁନା ଯାଞ୍ଚରୁ ଦେଖାଯାଇଛି ଯେ ତିନିଟି ପିଆଇଏ ଦ୍ୱାରା ପ୍ରଦତ୍ତ ୨୩ ପ୍ରତିଶତ ପାର୍ଥୀଙ୍କର ବ୍ୟାଙ୍କ ବିବରଣୀ, ବ୍ୟାଙ୍କ ପାସବୁକ୍ ଗୁଡ଼ିକର ପ୍ରାମାଣିକତା ସନ୍ଦେହଜନକ ରହିଛି। ୫ଟି ପିଆଇଏକୁ ୧୦.୮୩ କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏଥିସହିତ ରାଜ୍ୟରେ ହୋଇଥିବା ଅନ୍ୟାନ୍ୟ ଅନିୟମିତତା ଓ ଦୁର୍ନୀତି ଆଦିକୁ ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଜମି ଅଧିଗ୍ରହଣ ଅଧିକାରୀ, ଛତ୍ରପୁରଙ୍କ ଦ୍ୱାରା ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣର ତାରିଖକୁ ଭୁଲଭାବେ ଲାଗୁ କରିବାରୁ ୨୯.୪୫ କୋଟି ଟଙ୍କାର ଅଧିକ କ୍ଷତିପୂରଣ ଦେବାକୁ ପଡ଼ିଛି।

## ବିଧାନସଭାରେ ଲୋକାୟୁକ୍ତ ସଂଶୋଧନ ବିଲ୍ ପାରିତ

ଭୁବନେଶ୍ୱର,୪।୪ (ନି.ପ୍ର): ଓଡ଼ିଶା ଲୋକାୟୁକ୍ତ ସଂଶୋଧନ ବିଲ୍ ୨୦୨୧ ବିଧାନସଭାରେ ପାରିତ ହୋଇଛି। ଓଡ଼ିଶା ଲୋକାୟୁକ୍ତରେ ନିଯୁକ୍ତି ପାଇଥିବା ଅଧକ୍ଷ ଓ ସଦସ୍ୟ ମାନେ ଓଡ଼ିଶା ସମେତ ସମଗ୍ର ଦେଶରେ ନିଯୁକ୍ତି ନ ପାଇବାର ବ୍ୟବସ୍ଥା ଥିଲା। ସଂଶୋଧନ ଅନୁସାରେ ଓଡ଼ିଶାରେ ପୁନଃ ନିଯୁକ୍ତି ମିଳିବ ନାହିଁ। ମାତ୍ର ଅନ୍ୟ ରାଜ୍ୟରେ ନିଯୁକ୍ତି ପାଇ ପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ଏହି ବିଲ୍ ଉପସ୍ଥାପନ କରିଥିଲେ। ପରେ ଏହା ପାରିତ ହୋଇଥିଲା।

# କଳା ପତାକା ପ୍ରଦର୍ଶନ କରି 'ଆମ ଅଧିକାର' କର୍ମକର୍ତ୍ତା ଗିରଫ

ଭୁବନେଶ୍ୱର,୪।୪ (ନି.ପ୍ର): ଜନୈକ ବିବାଦୀୟ ବ୍ୟକ୍ତିଙ୍କୁ ଶିକ୍ଷାବିତ୍ ଭାବେ ଚୟନ କରି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମାବର୍ତ୍ତନ ଉତ୍ସବରେ ଡ଼କ୍ଟରେଟ ସମ୍ମାନ ପ୍ରଦାନ କରିବା ନିଷ୍ପତ୍ତି ବିରୋଧରେ କଳା ପତାକା ପ୍ରଦର୍ଶନ କରି ଆଜି 'ଆମ ଅଧିକାର'ର କର୍ମକର୍ତ୍ତା ଗିରଫ ହୋଇଛନ୍ତି। ଏପରି ନିଷ୍ପତ୍ତି ବିରୋଧରେ ଆମ ଅଧିକାର ପକ୍ଷରୁ ପ୍ରଥମେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ଏବଂ ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ତେବେ ଆଜି ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ମୁଖ୍ୟ ଅତିଥି ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଆମ ଅଧିକାର ପକ୍ଷରୁ କଳା ପତାକା ପ୍ରଦର୍ଶନର ଉଦ୍ୟମ କରାଯାଇଥିଲା। ପ୍ରଥମେ ସଂଗଠନର ରାଜ୍ୟ ଆବାହକ ଅମିୟ ପାଣ୍ଡବ ଏବଂ ମହାସଚିବ ଗଣେଶ ଦାଶଙ୍କୁ ପୋଲିସ୍ ଆର୍ଯ୍ୟ ବିହାର ଛକ ପାଖରୁ ଗିରଫ କରି କ୍ୟାପିଟାଲ ଥାନାକୁ ନେଇଯାଇଥିଲେ ମଧ୍ୟ ଏହାର ଏକଘଣ୍ଟା ପରେ ଏଜି ଛକ ନିକଟରେ ସଚିବ ପାର୍ଥସାରଥୀ ଜେନା ଓ ସଞ୍ଜୟ କୁମାର ପରିଡ଼ା ସଚିବାଳୟ ସଂଲଗ୍ନ ମୁଖ୍ୟ ରାସ୍ତା ଉପରକୁ ଗ୍ଳିଆସି କଳାପତାକା ପ୍ରଦର୍ଶନ କରିବା ସହ ବିଭିନ୍ନ ସ୍ଲୋଗାନ ଦେଉଥିବା ବେଳେ ପୋଲିସ୍ ସେମାନଙ୍କୁ ମଧ ଗିରଫ କରି କ୍ୟାପିଟାଲ ଥାନାକୁ ଆଣିଥିଲା। ପୋଲିସ୍‌ର ଏପରି ଦମନମୂଳକ ଓ ଅନ୍ୟାୟପୂର୍ଣ୍ଣ ଗିରଫଦାରୀ ଗଣତାନ୍ତ୍ରିକ ଅଧିକାର ଉପରେ ଜଘନ୍ୟ ଆକ୍ରମଣ ବୋଲି ଆମ ଅଧିକାର ପକ୍ଷରୁ ପ୍ରକାଶ କରାଯିବା ସହ ନୀତି ନିୟମକୁ ଭ୍ରୁକ୍ଷେପ ନକରି ଯେଭଳି ଢଙ୍ଗରେ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ସମ୍ମାନିତ କରାଗଲା ତାହା ଅକ୍ଷମଣୀୟ ବୋଲି କୁହାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଗୌରବମୟ ଐତିହ୍ୟ ଉପରେ ଏହା ଏକ ସାଙ୍ଘାତିକ ଷଡ଼ଯନ୍ତ୍ର ବୋଲି କୁହାଯିବା ସହ ଏପରି ନିଷ୍ପତ୍ତି ବିରୋଧରେ ଆମ ଅଧିକାରର ଲଢେଇ ଜାରି ରହିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।



# ସିଇଓଙ୍କୁ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥର ତାଲିକା ଦେଲା ବିଜେପି

ଭୁବନେଶ୍ୱର,୪।୪ (ନି.ପ୍ର):ପିପିଲି ଜନମତ ବିଜେପି ଆଡକୁ ଢଳିବା ଦେଖି ହିଂସାପରାୟଣ ହୋଇଛି ବିଜେଡି। ଗତକାଲି ପିପିଲି ବ୍ଲକ ସହଜପୁର ପଂଚାୟତ ରାୟଗୁରପୁର ଗାଁରେ ବିଜେପିର ପ୍ରଚାର ରାଲି ଉପରେ ବିଜେଡି କର୍ମୀମାନେ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ବିଜେଡି ବିଭିନ୍ନ ସ୍ଥାନରେ ବୁଥ ରିଗିଂଗ, ବୁଥ କ୍ୟାପଚରିଙ୍ଗ ଏବଂ ବୁଥରେ ହିଂସା କରିବାର ରାସ୍ତା ଆପଣାଇଥିଲା। ଚଳିତ ଉପନିର୍ବାଚନରେ ମଧ ଶାସକ ବିଜେଡି ଦ୍ୱାରା ବୁଥ ରିଗିଂ ଓ କ୍ୟାପଚରିଂର ଆଶଙ୍କା କରି ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ବୁଥର ତାଲିକା ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ପ୍ରଦାନ କରିଛି। ବିଜେପି ଦାବି କରିଛି ଯେ ପିପିଲି ନିର୍ବାଚନ ମଣ୍ଡଳୀ ଡେଲାଙ୍ଗ ବ୍ଲକର ୬୩ଟି ବୁଥ୍ କୁ ସମ୍ବେଦନଶୀଳ ଏବଂ ୩୮ ବୁଥ୍ କୁ ଅତିସମ୍ବେଦନଶୀଳ ବୁଥ ଭାବେ ଘୋଷଣା କରାଯାଉ। ସେହିପରି ପିପିଲି ବ୍ଲକର ୬୩ଟି ବୁଥ୍ କୁ ସମ୍ବେଦନଶୀଳ ଏବଂ ୭୫ଟି ବୁଥ୍ କୁ ଅତିସମ୍ବେଦନଶୀଳ ବୁଥ ଭାବେ ଘୋଷଣା କରାଯାଉ। ସର୍ବମୋଟ ୧୨୬ଟି ସମ୍ବେଦନଶୀଳ ଓ ୧୧୩ଟି ଅତିସମ୍ବେଦନଶୀଳ ବୁଥ ଗୁଡିକରେ କେନ୍ଦ୍ରୀୟ ସୁରକ୍ଷାବଳକୁ ମୁତୟନ କରାଯିବା ସହ ସିସିଟିଭି କ୍ୟାମେରା ଲଗାଇ ତାହାର ଭିଡିଓଗ୍ରାଫି କରାଯାଉ ବୋଲି ବିଜେପି ଦାବି କରିଛି।

## ହେଲ୍‌ମେଟ୍ ପାଇଁ ଗର୍ଭବତୀଙ୍କୁ ଥାନାକୁ ନେବା ଘଟଣା

# ଜାତୀୟ ମାନବାଧିକାର କମିସନରେ ମାମଲା




ଭୁବନେଶ୍ୱର ,୪।୪ (ନି.ପ୍ର): ବାଇକ୍ ପଛରେ ହେଲ୍‌ମେଟ୍ ପିନ୍ଧି ବସି ନଥିବାରୁ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଓଆଇସି ରୀନା ବକ୍ସଲା ଜଣେ ୮ ମାସର ଗର୍ଭବତୀଙ୍କୁ ତିନି କିଲୋମିଟର ଚଲାଇବା ଘଟଣା ଜାତୀୟ ମାନବାଧିକାର କମସିନ (ଏନ୍‌ଏଚ୍‌ଆରସି)ଙ୍କ ନିକଟକୁ ଯାଇଛି। ସମ୍ପୃକ୍ତ ଓଆଇସିଙ୍କୁ ଚାକିରିରୁ ବହିଷ୍କାର ଏବଂ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ପତିପତ୍ନୀଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଏହି କ୍ଷତିପୂରଣ ଟଙ୍କା ସଂପୃକ୍ତ ପୁଲିସ ଅଧିକାରୀଙ୍କଠାରୁ ଆଦାୟ କରିବାକୁ ଅନୁରୋଧ କରିଛନ୍ତି ମାନବାଧିକାର କର୍ମୀ ଜୟନ୍ତ ଦାସ। ଏନ୍‌ଏଚ୍‌ଆରସି ଆବେଦନ ଗ୍ରହଣ କରିବା ସହ ମାମଲା ରୁଜୁ କରି ଶୁଣାଣି ଆରମ୍ଭ କରିଛନ୍ତି।

ନୋଟ ପଞ୍ଚାୟତର ବିକ୍ରମ ବିରୁଲି ତାଙ୍କ ୮ ମାସର ଗର୍ଭବତୀ ପତ୍ନୀଙ୍କୁ ମୋଟର ସାଇକେଲ ଯୋଗେ ଚେକ୍‌ଅପ୍ ପାଇଁ ଉଦଳା ହସ୍‌ପିଟାଲ ନେଉଥିଲେ। ବିକ୍ରମ ମାସ୍କ ଓ ହେଲମେଟ୍ ପିନ୍ଧିଥିଲେ କିନ୍ତୁ ପତ୍ନୀ ହେଲମେଟ୍ ପିନ୍ଧି ନ ଥିଲେ। ଚେକିଂ ବେଳେ ଓଆଇସି ରୀନା ବକ୍ସଲା ସେମାନଙ୍କୁ ଅଟକାଇ ଚାଲାଣ କାଟିଥିଲେ। ପାଖରେ ଟଙ୍କା ନଥିବାରୁ ଅନଲାଇନ୍‌ରେ ପେମେଣ୍ଟ କରିବେ ବୋଲି ବିକ୍ରମ କହିଥିଲେ ମଧ ଓଆଇସି ଉଭୟଙ୍କୁ ୩ କିମି ଚଲାଇ ଚଲାଇ ଥାନାକୁ ନେଇଥିଲେ। ଏ ସମ୍ପର୍କରେ ପତିପତ୍ନୀ ଏସଡିପିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ମୟୂରଭଞ୍ଜ ଏସ୍‌ପି ଓଆଇସି ରୀନା ବକ୍ସଲାଙ୍କୁ ନିଲମ୍ବିତ କରିଥିଲେ। ତେବେ ଶ୍ରୀ ଦାସଙ୍କ ଅଭିଯୋଗ ମୁତାବକ, ମୋ ସରକାର ବ୍ୟବସ୍ଥାରେ ପୁଲିସ କିଭଳି ଲୋକାଭିମୁଖୀ ହେବ ସରକାର ଚିନ୍ତା କରୁଥିବା ବେଳେ ଏଭଳି ଅଧିକାରୀଙ୍କ ଯୋଗୁ ବ୍ୟବସ୍ଥା କଳଙ୍କିତ ହୋଇଛି। ତେଣୁ ଅନୁପଯୁକ୍ତ ଅଧିକାରୀଙ୍କୁ ବାଧତାମୂଳକ ଚାକିରିରୁ ଅବ୍ୟାହତି ଦିଆଯାଉଥିବା ବ୍ୟବସ୍ଥାରେ ଏହି ଅଧିକାରୀଙ୍କୁ ମଧ ଅବସର ଦେବାକୁ ସେ ସରକାରଙ୍କ ନିକଟରେ ଦାବି ମଧ କରିଛନ୍ତି।

# ଥାର୍ଡ ସୋସିଆଲ୍ ସର୍ଭିସ୍ ଆଓ୍ୱାର୍ଡ଼ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୪।୪ (ନି.ପ୍ର): ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ 'ୟୁଥ୍ ଫର୍ ଭଲ୍ୟୁଂଟାରୀ ଓ୍ୱାର୍କ' ତରଫରୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିବା ସାମାଜିକ ଅନୁଷ୍ଠାନ ଓ ସମାଜସେବୀମାନଙ୍କୁ ଥାର୍ଡ ସୋସିଆଲ୍ ସର୍ଭିସ୍ ଆଓ୍ୱାର୍ଡ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ଅତିଥି ରୂପେ ମାନ୍ୟବର ଜଟଣୀ ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ପ ।ନନ କାନୁନଗୋ, ଓଡ଼ିଶା ସରକାରଙ୍କ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ସମାଜସେବୀ ଚନ୍ଦନ କର, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ପୂର୍ବତନ ସଭାପତି ତେଜେଶ୍ୱର ପରିଡ଼ା, ବିଶିଷ୍ଟ ସ୍ତମ୍ଭକାର ଅମିୟ ପାଣ୍ଡବ ପ୍ରମୁଖ ଯୋଗଦାନ କରିଥିଲେ।

## ସମ୍ବଲପୁର ହୋମିଓପାଥି କଲେଜ୍‌ରେ ଛାତ୍ରୀ ନିର୍ଯାତନା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱରଭୁବନେଶ୍ୱର,୪।୪ (ନି.ପ୍ର): ସମ୍ବଲପୁରର ମଝିପାଲିସ୍ଥିତ ସରକାରୀ ହୋମିଓପାଥି କଲେଜ୍‌ରେ ଛାତ୍ରୀମାନଙ୍କୁ ର୍ୟାଗିଂ ନାମରେ ଯୌନ ନିର୍ଯାତନା ଘଟଣା ନେଇ ତଦନ୍ତ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାସ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଉପରୋକ୍ତ ଘଟଣାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଔଷଧ ନିଗମର ଗୁମର ଖୋଲିଲେ ସିଏଜି : ପ୍ରିୟାପ୍ରୀତି ଯୋଗୁ ଅତ୍ୟାବଶ୍ୟକ ଔଷଧ ବି ଯୋଗାଇ ପାରିନି

ଭୁବନେଶ୍ୱର,୨।୩ (ନି.ପ୍ର): ଓଡ଼ିଶା ରାଜ୍ୟ ଔଷଧ ନିଗମ କେତେକ ନିର୍ଦ୍ଦିଷ୍ଟ ସପ୍ଲାଏର୍ସ (ଯୋଗାଣକାରୀ)ଙ୍କୁ ଅହେତୁକ ପ୍ରୀତି ଦେଖାଇ ଟେଣ୍ଡର ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରିଛି। ଯେଉଁଥିପାଇଁ ଔଷଧ, ମେଡିକାଲ ସରଞ୍ଜାୟ କ୍ରୟ କରିବା ପାଇଁ ଟେଣ୍ଡରରେ ବିଳମ୍ବ ସହ ମନଇଚ୍ଛା ଦର ନିର୍ଦ୍ଧାରଣ କରାଯାଇଛି। ଏପରିକି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅତ୍ୟାବଶ୍ୟକ ଔଷଧ ଯୋଗାଣ ତାଲିକାରେ ସାମିଲ ଥିବା ଅତ୍ୟାବଶ୍ୟକ ଔଷଧକୁ ବି ସରକାରୀ ହସ୍ପିଟାଲଗୁଡ଼ିକୁ ମଧ ଯୋଗାଣ କରିବାରେ ନିଗମ ବିଫଳ ହୋଇଛି। ଓଡ଼ିଶା ରାଜ୍ୟ ଔଷଧ ନିଗମର ଏହି କଳାକାରନାମାକୁ ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଆଜି ବିଧାନସଭାରେ ଆଗତ ହୋଇଥିବା ସିଏଜି ରିପୋର୍ଟ ଅନୁସାରେ ୨୦୧୬-୧୯ ମସିହା ମଧ୍ୟରେ ଔଷଧ ନିଗମର ଦ୍ୱାରା କ୍ରୟ କରାଯାଉଥିବା ଔଷଧ, ଅତ୍ୟାବଶ୍ୟକ ସାମଗ୍ରୀ, ମେଡିକାଲ ସରଞ୍ଜାମ ସହ ଏହାର ଗୁଣାତ୍ମକ ମାନ ଓ ପଦ୍ଧତିକୁ ସିଏଜି ଯାଂଚ କରିଥିଲେ। ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଥିବା ରୋଗୀଙ୍କ ପାଇଁ ଅତ୍ୟାବଶ୍ୟକ ଔଷଧ (ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ)କୁ ମଧ ଠିକ୍ ସମୟରେ ଯୋଗାଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଅଡିଟ୍ ରିପୋର୍ଟ ଅନୁସାରେ, ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ରୋଗୀଙ୍କୁ ମାଗଣା ଔଷଧ ଯୋଗାଇବା ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରେ ନିରାମୟ ଯୋଜନା ଆରମ୍ଭ କଲେ। ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଓଡ଼ିଶା ଔଷଧ ନିଗମ ଏହି ଔଷଧ, ମେଡିକାଲ ସରଞ୍ଜାମ ଓ ଉପକରଣ କ୍ରୟ ଦାୟିତ୍ୱରେ ରହିଲା। ତେବେ କେଉଁ ବର୍ଷ କେତେ ପରିମାଣର କେଉଁ ଔଷଧ ଓ ମେଡିକାଲ ସରଞ୍ଜାମ କ୍ରୟ କରାଯିବ ତା'ର ବାର୍ଷିକ କ୍ରୟ ରିପୋର୍ଟ ଚୂଡ଼ାନ୍ତ ହେବାରେ ଅହେତୁକ ବିଳମ୍ବ ହେଉଥିବା ଯୋଗୁ ଏସବୁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ୨୦୧୬-୧୯ ମସିହା ମଧ୍ୟରେ ମୋଟ ଆବଶ୍ୟକତାର ମାତ୍ର ୪୯ ପ୍ରତିଶତ ଔଷଧ ଯୋଗାଣ ହୋଇପାରିଛି। କେବଳ ସେତିକି ନୁହେଁ, ସରକାରଙ୍କ 'ଖୁସି' ଯୋଜନାରେ ଅଧିକ ଦରରେ ସାନିଟାରୀ ନାପକିନ୍ ମଧ କ୍ରୟ ହୋଇଛି ଓ 'ସୁନେତ୍ର' ଯୋଜନାରେ ଚଷମା କିଣିବା ପାଇଁ ଅହେତୁକ ଅନୁଗ୍ରହ ନିର୍ଦ୍ଦିଷ୍ଟ ସଂସ୍ଥାକୁ ପ୍ରଦାନ କରାଯାଇଛି। ସେହିପରି ଇ-ନିରାମୟ ସଫ୍ଟଓ୍ୱେୟାର ମାଧମରେ ଔଷଧ ଓ ମେଡିକାଲ ଉପକରଣର କ୍ରୟ, ଯୋଗାଣ ଓ ଷ୍ଟକ ଯାଂଚ୍ ବେପରୁଆ ଭାବେ ହେଉଥିବାରୁ ୨୦୧୭ ଏପ୍ରିଲରୁ ୨୦୧୯ ମସିହା ମେ' ମାସ ମଧ୍ୟରେ ୪.୧୮କୋଟି ଟଙ୍କାର ଔଷଧ ନଷ୍ଟ ହୋଇଥିଲା। ଏହାର ଅବଧି ଶେଷ ହୋଇଥିଲେ ମଧ ସେସବୁ ଔଷଧ ନିଗମର ଷ୍ଟୋରରେ ମହଜୁଦ ଥିଲା। ସେହିପରି ଔଷଧ ନିଗମ ନିଜର ବାର୍ଷିକ କ୍ରୟ ରିପୋର୍ଟ ଚୂଡ଼ାନ୍ତରେ ବିଳମ୍ବ କରୁଥିବା ଯୋଗୁ ସରକାରୀ ହସ୍ପିଟାଲଗୁଡ଼ିକ ସ୍ଥାନୀୟସ୍ତରରେ ଔଷଧ କ୍ରୟ କରିଥିଲେ। ଯେଉଁଥିପାଇଁ ଅଡିଟ୍ ହୋଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ୨୦୧୮-୧୯ରେ ୪୪ ପ୍ରତିଶତ ଅର୍ଥାତ୍ ୯୮.୧୨ଲକ୍ଷ ଟଙ୍କାର ଅଧିକ ଔଷଧ କ୍ରୟ କରିଥିଲେ। କେବଳ ସେତିକି ନୁହେଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ରାଜ୍ୟ ଡ୍ରଗ ମ୍ୟାନେଜମେଣ୍ଟ ୟୁନିଟ୍ ଓ ଓଡ଼ିଶା ଔଷଧ ନିଗମସ୍ତରରେ ତଦାରଖ ଅଭାବରୁ ସରକାରୀ ହସ୍ପିଟାଲ ଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧର ଅଭାବ ଲାଗି ରହୁଛି ଓ ଅବ୍ୟବହୃତ ଔଷଧଗୁଡ଼ିକର ଅବଧି ସରିଯାଉଛି। କୌଣସି ଟେଣ୍ଡର ଅବା କ୍ରୟ ପାଇଁ ଚୁକ୍ତିବେଳେ, ଯେକୌଣସି ଖିଲାପୀ ସଂସ୍ଥା ଅବା ଠିକା ସର୍ତ୍ତାବଳୀକୁ ମାନୁନଥିବା ଠିକା ସଂସ୍ଥାକୁ କଳାତାଲିକାଭୁକ୍ତ କରିବା, ଅମାନତ ଅର୍ଥକୁ ବ୍ୟାଜ୍ୟାପ୍ତି କରିବା, ଟେଣ୍ଡରକୁ ବାତିଲ କରିବାର କ୍ଷମତା ଓଡ଼ିଶା ଔଷଧ ନିଗମର ରହିଛି ଓ ସେ ଏହା କରିବା କଥା। କିନ୍ତୁ ଅଡିଟ୍ ବେଳେ ଜଣାପଡ଼ିଲା ଯେ ୨୦୧୬-୧୯ ମସିହା ମଧ୍ୟରେ ୨୫୨ଟି କ୍ରୟ ଅର୍ଡର ଉପରେ କୌଣସି ସାମଗ୍ରୀ ଯୋଗାଣ କରିନଥିବା ସଂସ୍ଥା ମଧ୍ୟରୁ ୩୦ଟି ସଂସ୍ଥାର ୪୭.୪୨ ଲକ୍ଷ ଟଙ୍କାର ରାଶିକୁ ବ୍ୟାଜ୍ୟାପ୍ତି କରିନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ୧୭ଟି ଫାର୍ମ ବିଗତ ବର୍ଷରେ କୌଣସି ସପ୍ଲାଏ କରିନଥିଲେ ମଧ ସେମାନଙ୍କ ପ୍ରତି ଅହେତୁକ ଅନୁଗ୍ରହ ପ୍ରଦାନ କରାଯାଇ ପରବର୍ତ୍ତୀ ବର୍ଷଗୁଡ଼ିକରେ ସେମାନଙ୍କୁ ୫୫.୪୫କୋଟି ଟଙ୍କାର ଅର୍ଡର ଦିଆଯାଇଛି।

## ଛତିଶଗଡରେ ଜବାନ ମାନଙ୍କ ଉପରେ ଆକ୍ରମଣ ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଛତିଶଗଡରେ ଜବାନ ମାନଙ୍କ ଉପରେ ବାମପନ୍ଥୀ ଉଗ୍ରବାଦୀ ମାନଙ୍କର ଆକ୍ରମଣ ଘଟଣାକୁ ଦୃଢ ଶବ୍ଦରେ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ଟ୍ୱିଟ କରି କହିଛନ୍ତି ଯେ ସୁକମା ଠାରେ ଆମର ଜବାନ ମାନଙ୍କୁ ବାମପନ୍ଥୀ ଉଗ୍ରବାଦୀ ମାନଙ୍କର ଦ୍ୱାରା ଯେଉଁଭଳି ଭାବେ ଆକ୍ରମଣ କରା ଗଲା ତାକୁ ସେ ଦୃଢ ଶବ୍ଦରେ ନିନ୍ଦା କରୁଛି। ଦେଶ ପାଇଁ ଲଢି ବଳିଦାନ ଦେଇଥିବା ଜବାନ ମାନଙ୍କର ପରିବାର ବର୍ଗ ପ୍ରତି ସମବେଦନା ଜ୍ଞାପନ କରୁଛି। ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରୁଛି ବୋଲି ସେ କହିଛନ୍ତି।

## ବିଧାନସଭା ପରିସରରେ ସାରା ରାତି ଧାରଣା ଦେଲେ ବିଜେପି ବିଧାୟକ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଶନିବାର ଦିନ ବିଧାନସଭାରେ ତରବରିଆ ଭାବେ ବିଲ ପାରିତ କରା ଗଲା ବେଳେ ବିରୋଧୀ ଦଳଙ୍କୁ କହିବାକୁ ଦିଆ ନ ଯିବା ଓ ଏହାର ପ୍ରତିବାଦରେ ଚପଲ ଓ ଇୟର ଫୋନ ଫିଙ୍ଗା ପରେ ତିନି ଜଣ ବିଜେପି ବିଧାୟକଙ୍କୁ ନିଲମ୍ବିତ କରାଯିବା ପ୍ରତିବାଦରେ ବିଜେପି ବିଧାୟକ ମାନେ ସାରା ରାତି ବିଧାନସଭା ପରିସରରେ ଧାରଣା ଦେଇଥିଲେ। ରାତି ସାରା ଗାନ୍ଧୀ ମୂର୍ତି ତଳେ ବସିବା ପରେ ଶେଷରେ ବିଜେପି ସହ ପ୍ରଭାରୀ ବିଜୟପାଲ ସିଂହ ତୋମାର ଯାଇ ଭେଟିବା ପରେ ଧାରଣା ପ୍ରତ୍ୟାହାର କରିଛନ୍ତି। ଶନିବାର ସନ୍ଧ୍ୟାରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଧାରଣାରତ ବିଧାୟକମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନିନଥିଲେ। ଆଉ ଗତକାଲିଠାରୁ ଧାରଣାରେ ବସିଥିଲେ। ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର, ମୋହନ ଚରଣ ମାଝୀ ଓ ବିଷ୍ଣୁ ଚରଣ ସେଠୀ ଗୃହରୁ ନିଲମ୍ବିତ ହେବା ପରେ ବିଜେପି ସଦସ୍ୟମାନେ କକ୍ଷ ତ୍ୟାଗ କରି ଗାନ୍ଧୀ ମୂର୍ତି ତଳେ ଧାରଣା ଦେଇଥିଲେ।

# ବାରିପଦା ମ୍ୟୁନିସିପାଲଟି ସଂପ୍ରସାରଣ ଏବଂ ନୂତନ ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ

ବାରିପଦା,୦୪/୦୪ (ନି.ପ୍ର): ବାରିପଦା ପୌରପରିଷଦ ରାଜ୍ୟର ସର୍ବପୁରାତନ ପୌରସଂସ୍ଥା। ତେଣୁ ସମୟ ଓ ଲୋକଙ୍କର ଆବଶ୍ୟକତା ଅନୁସାରେ ବାରିପଦା ପୌରପାଳିକା ଆୟତନ ଦୃଷ୍ଟିରୁ ସଂପ୍ରସାରଣ ହେବାର ଆବଶ୍ୟକତା ବହୁ ପୂର୍ବରୁ ରହିଅଛି। ୧୯୮୧ ମସିହାରେ ୪୪.୨୬ ବର୍ଗ କି.ମି.କୁ ନେଇ ବାରିପଦା ପୌରପାଳିକା ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ଯାହାର ଅବଧି ୨୦୧୦ ମସିହା ପର୍ଯ୍ୟନ୍ତ ଥିଲା। ସେହିପରି ୨୦୧୬ ରୁ ଆରମ୍ଭ ହୋଇଥିବା ମାଷ୍ଟର ପ୍ଲାନ ୨୦୨୦ରେ ସେହି ୪୪.୨୬ ବର୍ଗ କି.ମି.କୁ ନେଇ ନୂତନ ମାଷ୍ଟର ପ୍ଲାନ ଚୂଡାନ୍ତ ହୋଇଛି। କିନ୍ତୁ ନୂତନ ମାଷ୍ଟର ପ୍ଲାନ ବାରିପଦାବାସୀଙ୍କ ପାଇଁ ଦୁଃଖ ଆଣି ଦେଇଛି। ବାସଉପଯୋଗୀ କରକୁ ବ୍ୟବସାୟିକ ଘର ବୋଲି ମାଷ୍ଟର ପ୍ଲାନରେ ଦର୍ଶାଯାଇଛି। ତେଣୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ତାଙ୍କ ପ୍ରସ୍ତାବରେ ଦର୍ଶାଇଛନ୍ତି। ନୂତନ ମାଷ୍ଟର ପ୍ଲାନ ପ୍ରସ୍ତୁତ କଲାବେଳେ ଯେଉଁ ଜନସାଧାରଣ ଅଭିଯୋଗ ଦେଇଥିଲେ ତାହାକୁ ପ୍ରକୃତ ତଥ୍ୟ ପ୍ରଦାନ କରା ନ ଯାଇ ମାଷ୍ଟର ପ୍ଲାନକୁ ଅନୁମୋଦନ କରାଯାଇଛି। ତେଣୁ ମାଷ୍ଟର ପ୍ଲାନ ୨୦୨୦କୁ ରାଜ୍ୟ ସରକାର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ପ୍ରତ୍ୟାହାର କରିବାକୁ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଅନୁରୋଧ କରିଛନ୍ତି। ବାଲେଶ୍ୱର ମ୍ୟୁନସିପାଲଟି ଏବଂ ଭୁବନେଶ୍ୱର ମ୍ୟୁନସିପାଲଟି କ୍ଷେତ୍ରରେ, ପ୍ରଥମେ ବାଲେଶ୍ୱର ମ୍ୟୁନସିପାଲିଟି ଓ ଭୁବନେଶ୍ୱ ମ୍ୟୁନସିପାଲଟି କରପୋରେସନକୁ ଆୟଜନରେ ସଂପ୍ରସାରଣ କଲା ପରେ ନୂତନ ମାଷ୍ଟର ପ୍ଲାନ କରାଯାଇଛି, କିନ୍ତୁ ବାରିପଦା କ୍ଷେତ୍ରରେ ତାହା କରାଯାଇ ନାହିଁ ବୋଲି ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଦର୍ଶାଇଛନ୍ତି। ତେଣୁ ପ୍ରଥମେ ବାରିପଦା ମ୍ୟୁନିସିପାଲିଟିକୁ ସଂପ୍ରସାରଣ କରାଯାଇ କ୍ଷେତ୍ରପାଟଣା, ହଦ୍‌ହଦି, ଲକ୍ଷ୍ମୀପୋଷି, ରାଜାବସା, ଶିକରଘାଟି, କାଠପାଳ, କାଳିଆଖାଳ, ବିରଜୁପୁର, ପଡାଅସ୍ତିଆ, ଚିପଟଅସ୍ତିଆ, ବାହାଦୂରପୁର ଏବଂ ଅନ୍ୟ ଆବଶ୍ୟକୀୟସ୍ଥାନକୁ ବାରିପଦା ମୁନିସିପାଲିଟିରେ ଅନ୍ତର୍ଭୁକ୍ତ କରାଯିବା ପରେ ନୂତନ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ପତ୍ର ଦ୍ୱାରା ଅନୁରୋଧ କରିଛନ୍ତି। ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାପାଳ, ପୌରପରିଷଦ ନିର୍ବାହୀ ଅଧିକାରୀ, ଅର୍ବାନ ଡେଭେଲପମେଣ୍ଟ ବିଭାଗର ମନ୍ତ୍ରୀ ଏବଂ ବାରିପଦା ସ୍ୱତନ୍ତ୍ର ପ୍ଲାନିଂ ଅଥରିଟିଙ୍କୁ ସଂପୃକ୍ତ ଚିଠିର ନକଲ ପ୍ରଦାନ କରିଛନ୍ତି।

## ଛିଡୁନି ବିଜେପି-ବିଜେଡି କଳି : ଘନ ଘନ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୪/୪ (ନିପ୍ର) : କୋଭିଡ୍-୧୯ର ଦ୍ୱିତୀୟ ଲୟର ସମସ୍ତଙ୍କୁ ଆତଙ୍କିତ କରିଥିବା ବେଳେ ଏହାର ଟୀକାକରଣକୁ ନେଇ ଚାଲିଥିବା ବୟାନବାଜିର ଅନ୍ତ ଘଟୁନାହିଁ। ଜଳେଶ୍ୱର ମ୍ୟୁନିସିପାଲଟି ପକ୍ଷରୁ ଜନସାଧାରଣଙ୍କୁ ମାଇକ୍ ସଚେତନତା ପ୍ରଚାରରେ କୋଭିଡ୍ ଟୀକାକରଣ ରାଜ୍ୟ ସରକାର କରାଉଥିବାର ଘୋଷଣାକୁ ବିଜେପି ପକ୍ଷରୁ ଦୃଢ ନିନ୍ଦା କରାଯାଇ ଏହା କେନ୍ଦ୍ର ସରକାରଙ୍କର କାର୍ଯ୍ୟକ୍ରମବୋଲି ସାମ୍ବାଦିକ ସମ୍ମିଳନୀରେ ଆରୋପ କରାଯାଇଥିଲା। ଏହାର ଉତ୍ତରରେ ବିଜେଡି ପକ୍ଷରୁ ଖଣ୍ଡନ କରାଯିବା ସହିତ ଟୀକାକରଣ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବୋଲି ଅଭିହିତ କରି ବିଜେପି ଶସ୍ତା ରାଜନିତୀ କରୁଛିବୋଲି ଅନ୍ୟଏକ ସାମ୍ବାଦିକ ସମ୍ମିଳନୀରେ ନିନ୍ଦା କରାଯାଇଥିଲା। ପୁଣି ଆଜି ରବିବାର ଜଳେଶ୍ୱର ବିଜେପି ପକ୍ଷରୁ ରବିନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିକୁ ଟାର୍ଗେଟ କରାଯାଇଛି। ରାଜ୍ୟସରକାର ପିଏମ୍‌ଜିଏୱାି ଯୋଜନାରେ କେନ୍ଦ୍ରରୁ ଆସୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କୁ ରାଜ୍ୟସରକାରଙ୍କ କହି ପ୍ରଚାର କରିବା ସଂଘୀୟ ବ୍ୟବସ୍ଥାକୁ କ୍ଷୁର୍ଣ୍ଣ କରୁଛି ବୋଲି କହିବା ସହିତ ବିଜେଡି ହୀନମାନ୍ୟତା ରାଜନିତୀ କରୁଛି ବୋଲି କହିଥିଲେ। ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜେଡିର ଏଜେଣ୍ଟ ସାଜି ପ୍ରଚାର କରୁଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଆଜିର ଏହି ପ୍ରେସ୍‌ମିଟ୍‌ରେ ରାଜୀବ ଘୋଷ, ଅଂଜନ ଦାସ, ମାଳତୀ ଜେନା, ସୁମିତା ରଣା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହାର କେବେ ଅନ୍ତ ଘଟୁଛି ତାହା ଦେଖିବାକୁ ବାକି ରହିଲା।

## ଛତିଶଗଡ଼ ମାଓବାଦୀ ଆକ୍ରମଣକୁ ନିନ୍ଦା କଲେ ଡିଜି : ନକ୍ସଲ ବିରୋଧି ଅଭିଯାନକୁ ଜୋରଦାର କରାଯିବ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଛତିଶଗଡ଼ରେ ମାଓବାଦୀମାନଙ୍କ ଆକ୍ରମଣରେ ୨୨ଜଣ ଯବାନ ଶହୀଦ ହେବାପରେ ଓଡ଼ିଶାରେ ମାଓବାଦୀ ବିରୋଧୀ ଅଭିଯାନକୁ ଜୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି ପୋଲିସ୍ ମହାନିର୍ଦ୍ଦେଶକ ଅଭୟ। ସେ ଏହି ଘଟଣାକୁ ନିନ୍ଦା କରାଯିବା ସହ ମାଓବାଦୀମାନଙ୍କ ବିରୁଦ୍ଧରେ ସିଆର୍‌ପିଏଫ୍ ଓ ଅନ୍ୟ ଫୋର୍ସଙ୍କ ସହ ମିଶି ମାଓବାଦୀ ବିରୋଧୀ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି। ସେ ଛତିଶଗଡ଼ରେ ବଳିଦାନ ଦେଇଥିବା ସୈନିକମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହ ଏହି ଭୀରୁତାପୂର୍ଣ୍ଣ ଆକ୍ରମଣକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ମାଓବାଦୀ ହିଂସା କମିଥିବାବେଳେ ସମସ୍ତଙ୍କ ସହଯୋଗରେ ଏହାର ମୂଳୋତ୍ପାଟନ କରିବା ପାଇଁ ଆମେ ସଂକଳ୍ପବଦ୍ଧ।

## ପାଉଁଶକୁଳିରେ ଜିଲ୍ଲା ଏଷ୍ଟିମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

ବସ୍ତା,୦୪/୦୪ (ନି.ପ୍ର): ବସ୍ତାବ୍ଲକ ପାଉଁଶକୁଲି ଠାରେ ଆଜି ଏଷ୍ଟି ମୋର୍ଚ୍ଚା ସଭାପତିଙ୍କୁ ଶ୍ରୀ ବିଶ୍ରାଙ୍କୁ ବିଜେପି ପକ୍ଷରୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧନା କରାଯାଇଛି। ଏହିକାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ଅନୁମୋଦନ କ୍ରମେ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଜିଲ୍ଲା କମିଟି ସଦସ୍ୟଙ୍କ ନାମ ବିଦ୍ଧିବଧ ଭାବେ ଘୋଷଣା କରିଛନ୍ତି। ଏହି ଅବସରରେ ଏଷ୍ଟି ମୋର୍ଚ୍ଚାସେଲର ସଭାପତି ଭାବେ ରାମଚନ୍ଦ୍ର ବେଶ୍ରାଙ୍କ ନାମ ଘୋଷଣା କରାଯାଇଥିବା ବେଳେ, ପାଉଁଶକୁଲି ମଣ୍ଡଳ ପକ୍ଷରୁ ଶ୍ରୀଯୁକ୍ତ ବେଶ୍ରାଙ୍କ ବାସଭବନରେ ଦଳୀୟ ଉତ୍ତରୀୟ, ପୁଷ୍ପଗୋଛ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ଅବସରରେ ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ମଣ୍ଡଳର ସାଧାରଣ ସମ୍ପାଦକ ଜ୍ୟୋତିର୍ମୟ ନନ୍ଦ ଓ ନାରାୟଣ ଚନ୍ଦ୍ର ଦତ୍ତ, ଯୁବ ମୋର୍ଚ୍ଚା ସଭାପତି ରଜତ ରଞ୍ଜନ ଦାଶ, ଦିଗାମ୍ବର ପ୍ରଧାନ, ଯୁବନେତା ନୀରଜ କୁମାର ଗିରି,ସୁଶୀଲ ପ୍ରଧାନ, ନୀଳାମ୍ବର ସିଂ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।ଅନ୍ୟ ପକ୍ଷରେ ଶ୍ରୀଯୁକ୍ତ ବେଶ୍ରା ରାଜ୍ୟ ସଭପତି, ଜିଲ୍ଲା ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହିତ ଦଳର ଏଭଳି ନିଷ୍ପତି କୁ ସ୍ୱାଗତ କରିଛନ୍ତି, ଓ ଆଦିବାସୀ ମୋର୍ଚ୍ଚା ସହିତ ବିଜେପି ଦଳକୁ ଅଧିକ ରୁ ଅଧିକ ସୁଦୃଢ଼ କରିବାକୁ ପ୍ରତିଜ୍ଞା ବଧ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଶ୍ଚିମବଙ୍ଗର କମାରହାଟିରେ ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ମହାମାରୀ ସମୟରେ ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ୫ କେଜି ଚାଉଳ, ପରିବାର ପିଛା ଡ଼ାଲି, ଗ୍ୟାସ, ଜନଧନ ଯୋଜନାରେ ମହିଳାଙ୍କୁ ଟଙ୍କା ତଥା ଅନ୍ୟାନ୍ୟ ଆର୍ଥିକ ଏବଂ ଆନୁଷଙ୍ଗିକ ସହଯୋଗ ଦିଆଯିବାର ବ୍ୟବସ୍ଥା କରିଛନ୍ତି। ଅପରପକ୍ଷରେ କିନ୍ତୁ ମମତା ଦିଦି ଜୟ ଶ୍ରୀରାମ ନାରାକୁ ଗାଳି ମାନୁଛନ୍ତି। ପଶ୍ଚିମବଙ୍ଗରେ ଶ୍ରୀରାମକୃଷ୍ଣ ପରମହଂସଙ୍କୁ ଭଗବାନ ମନାଯାଉଥିବା ବେଳେ ମମତା ଦିଦି ଏଥିରେ ଉତକ୍ଷିପ୍ତ କାହିଁକି? ଏହା କଣ ପଶ୍ଚିମବଙ୍ଗର ସଂସ୍କୃତି? ମମତା ଦିଦି ସାମ୍ପ୍ରଦାୟିକତାବାଦକୁ କାହିଁକି ନୀତି କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ। ପଶ୍ଚିମବଙ୍ଗରେ ୧୦ ବର୍ଷର ଟିଏମସି ଶାସନରେ ଦୁର୍ନୀତି, ଲୁଟ୍, ଲାଂଚ ବୃଦ୍ଧି ପାଇଛି। ଏହି କାରଣରୁ ଚଳିତ ନିର୍ବଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବିକାଶମୁଖୀ ସରକାର କରିବା ପାଇଁ ପଶ୍ଚିମବଙ୍ଗର ଜନତା ମନ ବନାଇସାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଦେଇ ମମତା ଦିଦି ହାରିବା ଭୟରେ ଭୟଭୀତ ହୋଇଯାଇଛନ୍ତି। ଆସନ୍ତା ମଇ ୨ ତାରିଖରେ ତୃଣମୂଳ କଂଗ୍ରେସର ସଭାନେତ୍ରୀ ମମତା ଦିଦିଙ୍କ ପରାଜୟ ସୁନିଶ୍ଚିତ ହେବ। ପଶ୍ଚିମବଙ୍ଗରେ ଡବଲ ଇଞ୍ଜିନର ସରକାର କରିବା ପାଇଁ ଏଠାକାରବାସୀ ପ୍ରତିବଦ୍ଧ ଥିବା କହିଛନ୍ତି ଶ୍ରୀ ପ୍ରଧାନ। ସୂଚନାଯୋଗ୍ୟ, ଏହି ପ୍ରଚାର ଅବସରରେ ଶ୍ରୀ ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ସହ ଦକ୍ଷିଣେଶ୍ୱରୀ ମନ୍ଦିରରେ ମା କାଳିଙ୍କୁ ଦର୍ଶନ କରିବା ସହ ନିକଟରେ ଥିବା ଦକ୍ଷିଣେଶ୍ୱର ରାମକ୍ରୀଷ୍ଣ ସଂଘ ଅଧ୍ୟାପୀଠରେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ।

### ଛତିଶଗଡରେ ମାଓବାଦୀଙ୍କ ....

ଘେରାବନ୍ଦୀ କରି ଗୁଳିମାଡ଼ କରିଥିଲେ। ପ୍ରାୟ ୪ରୁ ୫ ଘଂଟା ପର୍ଯ୍ୟନ୍ତ ଚାଲିଥିଲା ଉଭୟ ପଟୁ ଗୁଳିମାଡ। ଗୁଳି ମାଡ଼ରେ ୨୪ ଯବାନ ସହିଦ ହେବା ସହ ପ୍ରାୟ ୩୧ ଯବାନ ଆହତ ହୋଇଥିଲେ। ତେବେ କେତେ ମାଓବାଦୀର ମୃତାହତ ହୋଇଛନ୍ତି, ତାହା ଜଣାପଡିନାହିଁ। ଘଂଟା ଘଂଟା ଧରି ଗୁଳି ଓ ବୋମା ବର୍ଷଣ ଭିତରେ କିଛି ଆହତ ସାଥୀଙ୍କୁ ଉଦ୍ଧାର କରିଥିଲେ ଯବାନ। ୩ ତାରିଖ ଦିନ ମାତ୍ର ୨ ଜଣ ଯବାନଙ୍କ ମୃତଦେହକୁ ଉଦ୍ଧାର କରିବାରେ ସମର୍ଥ ହୋଇଥିଲେ। ମାଓବାଦୀ ମାନେ ପ୍ରାୟ ୨୪ ଘଂଟା ଧରି ମୃତଦେହକୁ ଘେରି ରଖିଥିବା ବେଳେ ଯବାନ ଠାରୁ ଅତ୍ୟାଧୁନିକ ବନ୍ଧୁକ, ଗୁଳି ଗୋଳା ସହ ଯୋତା ଓ ପୋଷାକ ମଧ୍ୟ ଛଡାଇ ନେଇଥିଲେ। ଗଣମାଧ୍ୟମ ପ୍ରତିନିଧି ପହଁଚିବା ପରେ ଘଟଣା ଘଟିବାର ଦିନକ ପରେ ମୃତଦେହକୁ ନେବା ଲାଗି ପହଁଚିଥିଲେ ସାଥୀ ଯବାନ। ସେନାର ଏମଆଇ – ୧୭ ହେଲିକପ୍ଟର ମାଓଗଡରେ ଅବତରଣ କରି ମୃତଦେହକୁ ଉଦ୍ଧାର କରାଯାଇଛି। ଆହତ ଯବାନଙ୍କୁ ରାୟପୁର ଓ ବିଜାପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମାଓବାଦୀଙ୍କ ଗୁଳିରେ ସହିଦ ହୋଇଥିବା ଯବାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଟ୍ୱିଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ସେପଟେ ଏହାର କଡ଼ା ଜବାବ ଦିଆଯିବ ବୋଲି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। ଏହି ଘଟଣା ସାରା ଦେଶରେ ଚାଂଚଲ୍ୟ ସୃଷ୍ଟି କରିଥିବା ବେଳେ ଏହି ମାଓବାଦୀ ଆକ୍ରମଣର ନେତୃତ୍ୱ ନେଇଥିଲେ ମାଡ଼ବି ହିଡମା। ୩୭ ବର୍ଷିୟ ହାର୍ଡକୋର ନକ୍ସଲ ହିଡମା, ମାଓବାଦୀଙ୍କ ଦଣ୍ଡକାରଣ୍ୟ ସ୍ପେଶାଲ୍ ଗରିଲା ମିଲିଟାରୀ ବାହିନୀର ମୁଖ୍ୟ ଏବଂ ଗରିଲା ଯୁଦ୍ଧରେ ବେଶ ପାରଙ୍ଗମ। ସେହି ହିଁ ସୁରକ୍ଷା ବାହିନୀକୁ ଫସାଇବା ପାଇଁ ରଚିଥିଲା ଚକ୍ରବ୍ୟୂହ। ମିଳିତ ବାହିନୀର ଅପରେସନ୍ ନେଇ ସୂଚନା ପାଇବା ମାତ୍ରେ ମୃତ୍ୟୁର ଫାସ ବସାଇଥିଲା ହିଡମା। ମାଓ ସଂଗଠନର ଏହି ନାରକୀୟ ଓ ବର୍ବରଚିତ କାର୍ଯ୍ୟ ପରେ ପୂରା ଇଲାକାରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

### ଗୋଟିଏ ଦିନରେ ୪୭୧ କରୋନା ...

ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୮୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩୬ ଜଣ, କଟକରୁ ୨୨ ଜଣ, ଢେଙ୍କାନାଳରୁ ଜଣେ, ଗଞ୍ଜାମରୁ ୧୨ ଜଣ, ଯାଜପୁରରୁ ୧୧ ଜଣ, ଝାରସୁଗୁଡ଼ାରୁ ୨୩ ଜଣ, କଳାହାଣ୍ଡିରୁ ୫୦ ଜଣ, କନ୍ଧମାଳ ଜିଲ୍ଲାରୁ ୩ ଜଣ. କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୪୦ ଜଣ, କୋରାପୁଟରୁ ୭ ଜଣ, ମୟୂରଭଞ୍ଜରୁ ୧୬ ଜଣ, ନବରଙ୍ଗପୁରରୁ ୧୭ ଜଣ, ନୟାଗଡ଼ରୁ ୪ ଜଣ, ନୂଆପଡ଼ାରୁ ୪୨ ଜଣ, ପୁରୀରୁ ୧୪ଜଣ, ରାୟ ଗଡ଼ାରୁ ୮ ଜଣ ସଂକ୍ରମିତଚ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୭ ଜଣ, ସୋନପୁରରୁ ୨ ଜଣ, ସୁନ୍ଦରଗଡ଼ରୁ ୮୫ ଜଣ ଓ ଷ୍ଟେଟ୍ ପୁଲରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ରାଜ୍ୟପାଳଙ୍କୁ ଭେଟିଲା .....

ବିଲ୍ ପାରିତ ହେବା ସମୟରେ ବାଚସ୍ପତି ନିରପେକ୍ଷତା ଅବଲମ୍ବନ କରିବା ଦରକାର। ଏଣୁ ପାରିତ ହୋଇଥିବା ବିଲଗୁଡିକୁ ପୁର୍ନବାର ବିଧାନସଭାକୁ ଫେରସ୍ତ କରାଯାଉ ଏବଂ ଏହି ବିଲ ଗୁଡିକ ଉପରେ ଆଲୋଚନା ହେବା ପରେ ଏହାକୁ ପାରିତ କରାଯାଉ ବୋଲି ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ କହିଛନ୍ତି। ଗୋଟିଏ ବିଲରେ ଅନେକ ଦିଗ ରହିଥାଏ। ସେ ଦିଗ ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ଶାସକ ଦଳ ସଂଖ୍ୟା ଗରିଷ୍ଠତା ଗର୍ବରେ ଅଛନ୍ତି। ସେଥିପାଇଁ ସେମାନେ ନିଜ ଇଚ୍ଛା ଅନୁସାରେ ନିଷ୍ପତି ନେଉଛନ୍ତି। ବିଧାନସଭାରେ ଖଣି ଏବଂ ଆଇନ ଶୃଙ୍ଖଳା କଥା ଉଠିଲେ ଶାସକ ବିଜେଡି ଜାଣିଶୁଣି ବିଧାନସଭା ବନ୍ଦ କରାଉଛି। ଖଣି ସଂପର୍କରେ ଆଲୋଚନା କରିବା ପାଇଁ ବିଜେଡି ଭୟ କରୁଛି କାହିଁକି ବୋଲି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ଏହି ପ୍ରତିନିଧୀ ଦଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ବିଧାୟକ କେ. ନାରାୟଣ ରାଓ, ସୁବାଷ ପାଣିଗ୍ରାହୀ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ ଏବଂ ବିଧାୟିକା କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

### ଗତବର୍ଷ ଭଳି ଏଥରବି ବିନା....

ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି ବିସିସିଆଇ। ଏ ସମ୍ପର୍କରେ ସୂଚନା ଦେଇ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି, କରୋନା ପାଇଁ ପୂର୍ବଭଳି ବାୟୋ-ବବଲ ଭିତରେ ରହି ଖେଳାଳିମାନେ ଆଇପିଏଲ୍ ଖେଳିବେ। ବିସିସିଆଇ ମଧ୍ୟ ଖେଳାଳିଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଉଛି। କେବଳ ୬ଟି ଷ୍ଟାଡିୟମରେ ଏଥର ସମସ୍ତ ଆଇପିଏଲ୍ ମ୍ୟାଚ୍ ଆୟୋଜନ ହେବ ବୋଲି ରାଜୀବ ସୂଚନା ଦେଇଛନ୍ତି। ଗତଥର ଦେଶରେ କୋଭିଡ୍ ସଂକ୍ରମଣ ବଢୁଥିବା ଦେଖି ୟୁଏଇରେ ଆଇପିଏଲ୍ ଆୟୋଜନ ହୋଇଥିଲା। ଗତଥର ମଧ୍ୟ ଦର୍ଶକମାନେ ଷ୍ଟାଡିୟମରେ ଖେଳ ଦେଖିବାର ମଜା ଉଠାଇପାରିନଥିଲେ। ଚଳିତ ବର୍ଷ ମଧ୍ୟ ବିନା ଦର୍ଶକରେ ଆଇପିଏଲ୍ ଖେଳାଯିବା ନିଷ୍ପତ୍ତି ଫ୍ୟାନ୍ସମାନଙ୍କୁ ନିରାଶ କରିଛି।

## ନାବାଳିକାର ମୃତ ଦେହ ଢେଙ୍କାନାଳରୁ ଉଦ୍ଧାର, ଜେଲରେ ଥିବା ଯୁବକର ବାପା ମାଙ୍କୁ ଗିରଫ ଦାବି

ଖଇରା,୪/୪(ନିପ୍ର) ଖଇରା ଥାନା ସାରୁ ଗାଁ ପଂଚାୟତର ଅଭିମନ୍ୟୁ ସାମଲଙ୍କ ଝିଅ ପ୍ରିୟଙ୍କା ପ୍ରିୟ ଦର୍ଶନୀ ସାମଲ ଗତ ୧ତାରିଖରୁ ନିଖୋଜ ଥିଲେ। ଆଜି ପ୍ରିୟଙ୍କାର ମୃତ ଦେହ ଢେଙ୍କାନାଳ ନିକଟରେ ପଡିଥିବାର ପରିବାର ଲୋକ ଜାଣିବାକୁ ପାଇଥିଲେ। ତାଙ୍କ ଝିଅକୁ ଅପହରଣ କରି ଢେଙ୍କାନାଳ ନିକଟରେ ମାରି ଦେଇଥିବାର ଝିଅର ମା ଅଭିଯୋଗ କରିଛନ୍ତି। ଆଜି ଏଥି ନେଇ ଥାନାରେ ପରିବାର ପକ୍ଷରୁ ପୁଅର ବାପା ମାଙ୍କୁ ଗିରଫ କରିବା ପାଇଁ ଅଡି ବସିଥିଲେ। ମୃତ୍ୟ ପ୍ରିୟଙ୍କା କୁ ଗତ ୬/୩ ତାରିଖରେ ଜୋରଜବରଦସ୍ତ ଉଠାଇ ନେଇ ଅସଦା ଆଚରଣ କରିଥିବା ଅଭିଯୋଗରେ ଔପଦା ଥାନା ମଣିତା ଚୂଆ ଗ୍ରାମର ଗୌରହରୀ ଦାସ ଙ୍କ ନାମରେ ପୁଲିସ ଏକ ମାମଲା ରୁଜୁକରି କୋର୍ଟଚାଲାଣ କରିଥିଲା। ଅଜି ପ୍ରିୟଙ୍କାର ମୃତଦେହ ଢେଙ୍କାନାଳରେ ମିଳିବା ପରେ ତାଙ୍କ ଝିଅକୁ ଅପହରଣ କରାଯାଇ ଜେଲରେ ଥିବା ଗୌରହରୀର ବାପା ମା ମାରିଦେଇଥିବାର ଅଭିଯୋଗ କରିଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରିବା ନେଇ ପ୍ରିୟଙ୍କାର ପରିବାର ଲୋକ ଥାନାରେ ଅଡିବସିଥିଲେ। ଏଥି ନେଇ ପୁଲିସ କୁ ପଚାରିବାରୁ ଗୌରହାରୀ ଏବେ ଜେଲରେ ଥିଲା ବେଳେ ଘଟଣାର ସତ୍ୟା ସତ୍ୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକାଶ କରିଥିଲେ।

## ସୁରତ ଫେରନ୍ତାଙ୍କ କରୋନାରେ ମୃତ୍ୟୁ : ପତ୍ନୀ ଓ ପୁଅ ୭ ଦିନିଆ ଆଇସୋଲେସନରେ

ଗଞ୍ଜାମ,୦୪/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗ୍ରାମରେ ଜଣେ ସୁରତ ଫେରନ୍ତାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପ୍ରମୋଦ କୁମାର ପ୍ରଧାନ (୪୨)। ପ୍ରମୋଦ ସୁରତ ଓ ଅହମ୍ମଦାବାଦରେ ଆର୍ୟୁବେଦିକ ଔଷଧ ବିକ୍ରୀ କରୁଥିବା ବେଳେ ୧୫ ଦିନ ପୂର୍ବେ ସପରିବାରେ ନିଜ ଗାଁକୁ ଫେରିଥିଲେ। ତେବେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ୭ ଦିନ ପୂର୍ବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା। ସ୍ୱାବ୍ ନମୂନା ପରୀକ୍ଷା ପରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ତେବେ ଗତକାଲି ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପତ୍ନୀ ଓ ପୁଅଙ୍କୁ ଭୁବନେଶ୍ୱରରେ ୭ ଦିନିଆ ଆଇସୋଲେସନରେ ରଖାଯାଇଥିବା ସୂଚନା ମିଳିଛି।

## ମିଶନ ସକ୍ସେସ କମ୍ପିଟେଟିଭ ଇନଷ୍ଟିଚ୍ୟୁଟ ପକ୍ଷରୁ ରକ୍ତଦାନ



ବାଲେଶ୍ୱର,୦୪/୦୪ (ନି.ପ୍ର): ସହରର ଆଜିମାବାଦସ୍ଥିତ ମିଶନ ସକ୍ସେସ କମ୍ପିଟିଟିଭ ଇନଷ୍ଟିଚ୍ୟୁଟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଉଦଘାଟନ କରିଥିଲେ। ରକ୍ତଦାନ ଦେଇ ଅନ୍ୟର ଜୀବନ ବଞ୍ଚାଇବାଠାରୁ ଆଉକିଛି ବଡ଼ ଧର୍ମ କାମ ନାହିଁ ବୋଲି କହିଥିଲେ। ତେବେ ଶିକ୍ଷାଦାନ ସାଙ୍ଗକୁ ଏଭଳି ସମାଜ ମଙ୍ଗଳ ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ବିଧାୟକ ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ର ଓ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏହି ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରବା ସହ ରକ୍ତଦାନ ଭଳି ମହତ କାର୍ଯ୍ୟରେ ଅଧିକରୁ ଅଧିକ ଯୁବଗୋଷ୍ଠୀ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମିଶନ ସକ୍ସେସ କମ୍ପିଟିଟିଭ ଇନଷ୍ଟିଚ୍ୟୁଟର ବହୁ ଛାତ୍ରଛାତ୍ରୀ ଏହି ଶିବିରରେ ରକ୍ତଦାନ କରିଥିଲେ। ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ଶେଷସୁଦ୍ଧା ଶହେରୁ ଅଧିକ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ସାନିଟାଇଜେସନ୍ ପାଇଁ ଆଜି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ

ପୁରୀ,୦୪/୦୪ (ନି.ପ୍ର): ସାନିଟାଇଜେସନ୍ ପାଇଁ ପୁରୀ ଶ୍ରୀମନ୍ଦିରରେ ଆଜି ସାଧାରଣ ଦର୍ଶନ ବନ୍ଦ ରହିଛି। କେବଳ ଶ୍ରୀଜୀଉଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା ସେବାୟତଙ୍କ ଦ୍ୱାରା କରାଯାଉଛି। ଅଗ୍ନିଶମ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ଭିତର ଓ ବାହାର ସାନିଟାଇଜ୍ କରାଯାଉଛି। ସାଧାରଣ ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିରର ଚାରି ଦ୍ୱାର ବନ୍ଦ ରହିଛି। ଏନେଇ ପୋଲିସ ପକ୍ଷରୁ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏ ସମ୍ପର୍କରେ ଗତକାଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର ସ୍ୱେଶାଲ ଅପରେଟିଙ୍ଗ ପ୍ରୋସିଜ୍ୟୁର (ଏସଓପି) ଜାରୀ କରିଛନ୍ତି। ତେବେ ଆସନ୍ତା କାଲି ସକାଳ ୬ଟାରୁ ପୁଣି ଭକ୍ତଙ୍କ ନିମନ୍ତେ ଦର୍ଶନ ଆରମ୍ଭ ହେବ।

## ବିଜେପି ବିଧାୟକଙ୍କ ଆଚରଣ ସଇତାନର ବେଦପାଠ ଭଳି : ବିଜେଡି

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଗଣତନ୍ତ୍ରର ପବିତ୍ର ମନ୍ଦିରରେ ବାଚସ୍ପତିଙ୍କ ଉପରକୁ ଜୋତା ଫୋପାଡିବା ଭଳି ଅତ୍ୟନ୍ତ ଅଶୋଭନୀୟ ଓ ଲଜ୍ଜାଜନକ ଘଟଣା ଘଟାଇବାପରେ ବିଜେପି ବିଧାୟକମାନେ ରାତି ସାରା ଗାନ୍ଧୀମୂର୍ତି ତଳେ ବସିବା ସଇତାନର ବେଦପାଠ ସଦୃଶ। ଓଡିଶାବାସୀ ବିଜେପି ନେତାଙ୍କ ଏଭଳି ସଇତାନୀ କାରବାରକୁ ଦେଖୁଛନ୍ତି ଓ ଏଥିପାଇଁ ବିଧାୟକମାନଙ୍କୁ କେବେ ହେଲେ କ୍ଷମତା ଦେବେନାହିଁ ବୋଲି କହିଛନ୍ତି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଜେପି ବିଧାୟକମାନେ ବିଧାନସଭାରେ ଯେଉଁଭଳି ଲଜ୍ଜାଜନକ କାଣ୍ଡ ଘଟାଇଲେ ଓ ପରେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତି ତଳେ ବସିଲେ ସେଥିରୁ ଆମେ ଆଶା କରିଥିଲୁ ଯେ ସେମାନଙ୍କୁ ସଦ୍‌ବୁଦ୍ଧି ମିଳିବା ସହିତ ଜ୍ଞାନଚକ୍ଷୁ ଖୋଲିଥିବ। ହେଲେ ସେଭଳି କିଛି ହୋଇନଥିବା ସେମାନଙ୍କର ପ୍ରେସମିଟରୁ ପ୍ରତୀୟମାନ ହେଉଛି। ରାତି ସାରା ଗାନ୍ଧୀଙ୍କ ପ୍ରତିମୂର୍ତି ତଳେ ବସିଲାପରେ ମଧ୍ୟ ନିଜର ଅଶୋଭନୀୟ ଲଜ୍ଜାଜନକ କାର୍ଯ୍ୟପାଇଁ ପ୍ରାୟଶ୍ଚିତ କରିନାହାନ୍ତି। ଏଥିରୁ ଗୋଟିଏ କଥା ଜଳ ଜଳ ହୋଇ ଦିଶୁଛି ଯେ ସେମାନେ ଆନ୍ତରିକତାର ସହ ସେଠାରେ ବସିନଥିବାରୁ ନିଜର ହିଂସା ଆଚରଣ ଲାଗି ମହାତ୍ମାଙ୍କୁ କ୍ଷମା ମାଗି ନିଜ ଭୁଲର ପ୍ରାୟଶ୍ଚିତ କରିନାହାନ୍ତି। ବିଧାନସଭା ଭିତରେ ବିଜେପି ବିଧାୟକଙ୍କର ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ ଓ ଚପଲ ଫିଙ୍ଗା କାର୍ଯ୍ୟକୁ ନେଇ ସାଢେ ଚାରିକୋଟି ରାଜ୍ୟବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହିତ ଦୃଢ ନିନ୍ଦା କରିଛନ୍ତି। ଆମେ ଆଶା କରୁଛୁ, ଏବେ ବି ସମୟ ଅଛି, ଆନ୍ତରିକତାର ସହ ନିଜର ଭୁଲ ପାଇଁ ବିଜେପି ବିଧାୟକମାନେ ରାଜ୍ୟବାସୀଙ୍କ ନିକଟରେ କ୍ଷମା ମାଗନ୍ତୁ ଏବଂ ପ୍ରାୟଶ୍ଚିତ କରନ୍ତୁ। ଏହା ନହେଲେ ସାଢେ ଚାରିକୋଟି ଓଡିଶାବାସୀଙ୍କ ସମେତ ସେମାନଙ୍କ ନିର୍ବାଚନମଣ୍ଡଳୀର ଭୋଟରମାନେ ମଧ୍ୟ ବିଜେପି ବିଧାୟକମାନଙ୍କୁ ଆଦୌ କ୍ଷମା କରିବେ ନାହିଁ। ବିଜେପି ନେତାମାନେ ପୂର୍ବରୁ ବିଧାନସଭା ବାହାରେ ହିଂସା ଆଚରଣ କରିବାର ବହୁ ନଜିର ଥିବାବେଳେ ସେମାନେ ଏବେ ତାହାକୁ ବିଧାନସଭା ପରିସରକୁ ଆଣିଛନ୍ତି। ଏହା କେବଳ ବିଧାନସଭା ଇତିହାସରେ କଳାଦାଗ ଲଗାଇନାହିଁ, ବରଂ ପରପୀଢି ପାଇଁ ଖରାପ ବାର୍ତା ଦେଇଛି। ବିଧାୟକଙ୍କ ଏଭଳି ଆଚରଣ ଏବେ ସମଗ୍ର ଦେଶରେ ଓଡିଶାର ମୁଣ୍ଡ ତଳକୁ କରିଦେଇଛି। ତେଣୁ ଏଭଳି ଆଚରଣ ପାଇଁ ବିଜେପି ବିଧାୟକମାନେ ରାଜ୍ୟବାସୀଙ୍କ ନିକଟରେ ନିଃସର୍ତ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

## ଆଉ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ରାଜ୍ୟରେ ଆଉଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଏହାସହିତ କରୋନା କାରଣରୁ ରାଜ୍ୟରେ ମୃତ୍ୟୁସଂଖ୍ୟା ୧୯୨୧ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଖୋର୍ଦ୍ଧା ଜିଲ୍ଲାର ୨୯ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ସିକ୍‌ଲସେଲ୍ ରୋଗରେ ମଧ୍ୟ ପୀଡ଼ିତ ଥିଲେ।

ବାଲେଶ୍ୱର, ସୋମବାର, ୦୫ ଅପ୍ରେଲ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ‘ଓମ ଅନୁରାଗ’ ପକ୍ଷରୁ ପଶୁପକ୍ଷୀଙ୍କ ପାଇଁ ପାଣିକୁଣ୍ଡ ସ୍ଥାପନ

ବାଲେଶ୍ୱର,୦୪/୦୪ (ନି.ପ୍ର): ରସାଲପୁର ହାଇସ୍କୁଲର ୧୯୯୨ ମସିହା ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ସଦ୍ୟ ଗଠିତ ସଙ୍ଗଠନ ‘ଓମ ଅନୁରାଗ’ ପକ୍ଷରୁ ପଶୁପକ୍ଷୀମାନଙ୍କ ପାଇଁ ପାଣିକୁଣ୍ଡ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର କେନ୍ଦ୍ରୀୟ ବିଦ୍ୟାଳୟ ଛକ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ବାର ଆସୋସିଏସନର ନବ ନିର୍ବାଚିତ ସଭାପତି ମନୋଜ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନ ପକ୍ଷରୁ ହାତକୁ ନିଆଯାଇଥିବା ସମାଜ ସେବାମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ପ୍ରାୟତଃ ଖରାଦିନରେ ଲୋକଙ୍କ ପାଇଁ ଜଳଛତ୍ର ଖୋଲା ଯାଉଥିବା ବେଳେ ପଶୁପକ୍ଷୀଙ୍କ ପାଇଁ କେହି ଚିନ୍ତା କରନ୍ତି ନାହିଁ । ଏଭଳି ସ୍ଥିତିରେ ‘ଓମ ଅନୁରାଗ’ ପକ୍ଷରୁ ସହରରେ ଜଳକୁଣ୍ଡ ସ୍ଥାପନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ନାୟକ ମତପ୍ରକାଶ କରିଥିଲେ । ରସାଲପୁର ଏମଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଉର୍ମିଳା ଆଚାର୍ଯ୍ୟ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ସଂଗଠନର ଗଠନମୂଳକ କାର୍ଯ୍ୟଧାରା ପାଇଁ କର୍ମକର୍ତ୍ତା ତଥା ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ । ସଙ୍ଗଠନର ମୁଖ୍ୟ ଜ୍ୟୋତିର୍ମୟୀ ଶତପଥୀ ଏହି ଏଥିରେ ପୌରହିତ୍ୱ କରିବା ସହ କାର୍ଯ୍ୟକ୍ରମର ଆଭିମୂଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଙ୍ଗଠନର ସମ୍ପାଦକ ପ୍ରଭାକର ମହାରଣା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲୋକ ଜୀ, ଅଶୋକ ସାହୁ, ବିଜୟ ଦାସ, ବିଶ୍ୱନାଥ ମଣ୍ଡଳ, ବଂଶୀଧର ଦ୍ୱିବେଦୀ, ଗଣେଶ ପାତ୍ର, ସାଗରିକା ପାଣିଗ୍ରାହୀ, ଇତିଶ୍ରୀ ଦାସମହାପାତ୍ର, ଜୀବନଜ୍ୟୋତି ଦାସ, ଲକ୍ଷ୍ମୀଧର ମଲ୍ଲିକ, ମୁକ୍ତିକାନ୍ତ ବେହେରା, ମହେଶ୍ୱର ସୁତାର, ମୋନାଲି ପଣ୍ଡା, ପ୍ରଭାକର ମହାରଣା, ପ୍ରଦୀପ ସିଂହ, ରବୀନ୍ଦ୍ର ସାହୁ, ସୁବାସ ନାୟକ, ସଞ୍ଜୟ ଜୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ‘ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ’ର ବାର୍ଷିକ ସମ୍ମିଳନୀ




ବାଲେଶ୍ୱର,୦୪/୦୪ (ନି.ପ୍ର): ‘ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ’(ମୋନା)ର ପଞ୍ଚମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଆତିଥ୍ୟ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି ସମ୍ମିଳନୀକୁ ଉଦଘାଟନ ସହ ଓଡ଼ିଶାକୁ ନିଶାମୁକ୍ତ କରିବା ନେଇ ‘ମୋନା’ର ଆଭିମୁଖ୍ୟ ଓ କାର୍ଯ୍ୟଧାରା ବେଶ ପ୍ରଶଂସନୀୟ ବୋଲି କହିଥିଲେ। ତେବେ ସମାଜରୁ ଅବାଧ ନିଶା କାରବାର ରୋକିବା ପାଇଁ ପ୍ରତ୍ୟେକ ମହଲରୁ ପ୍ରୟାସ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମାଦକ ଦ୍ରବ୍ୟର ବହୁଳ ବ୍ୟବହାର ପାରିବାରିକ ଅଶାନ୍ତିର ମୁଖ୍ୟ କାରଣ ବୋଲି କହିଥିଲେ। ତେବେ ନିଶା ନିବାରଣ କ୍ଷେତ୍ରରେ ‘ମୋନା’ର କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଓ ଉପଦେଷ୍ଟା ଡାକ୍ତର ଶ୍ରୀଶ କୁମାର ଦାଶ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପ୍ରତି ସଚେତନତା ସୃଷ୍ଟି ଓ ବେଆଇନ ନିଶା କାରବାର ରୋକିବାରେ ମୋନାର ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସଂଗଠନର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହିତ ନିଶା ନିବାରଣ ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଛଣପୁରର ଲାଇଫ ଲାଇନ ଜୀବନଧାରା ନିଶା ନିବାରଣ କେନ୍ଦ୍ର, ଖନ୍ତାପଡ଼ା ପଦାଗାଁର ସତ୍ୟସାଇ ସ୍ୱୟଂ ସାହାୟିକ ଗୋଷ୍ଠୀ, ବସ୍ତାର ପଥୁରିଆ ମହିଳା ସଂଗଠନ, ଗୋପାଳପୁରର ମହାଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀ, ବାଲିଆପାଳ ବିଷ୍ଣୁପୁରର ନବଜ୍ୟୋତି ମହିଳା ସଂଗଠନ, ବାଲେଶ୍ୱର ସହରର ନୁରପୁର ବସ୍ତି କମିଟି ପ୍ରମୁଖଙ୍କୁ ମୋନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗଠନର ଜିଲା ସଭାପତି ପ୍ରଭାକର ସାହୁ ଏଥିରେ ପୌରହିତ୍ୱ କରିଥିବା ବେଳେ ସମ୍ପାଦିକା ମମତା ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଂଗଠନର ଉପଦେଷ୍ଟା ସୁବ୍ରତ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡ. କେଶବ ଚରଣ ପଣ୍ଡା ଏଥିରେ ବେଦପାଠ କରିଥିବା ବେଳେ କ୍ଷୀତିଶ୍ୱର ଦାଶ ମୁଖପତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ତ୍ରିଦୀବ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁର ୩୨ ତମ ବାର୍ଷିକ ମହୋତ୍ସବ ଓ ଆର୍ଯ୍ୟ ସେବା ସଂଘର ଉଦ୍‌ଘାଟନ ଅବସରରେ କବି ଗୀତାରାଣୀ ପୁରୀଙ୍କର ଦୁଇଟି ପୁସ୍ତକ ‘ଟିକିଫୁଲ’ ଓ ‘ପିଲାଙ୍କ ପାଇଁ ସକ୍ଷିପ୍ତ ସତ୍ୟାର୍ଥ ପ୍ରକାଶ’ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହେବା ଅବସରରେ ।

## ବିଚାରମଂଚର ହସ୍ତକ୍ଷେପ ପରେ ନିର୍ଯାତୀତମାନଙ୍କୁ ମାଗଣା ଚାର୍ଜସିଟ୍ ନକଲ ମିଳିଲା

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଏସ୍.ସି/ଏସ୍.ଟି ଆକ୍ଟରେ ନିର୍ଯ୍ୟାତିତମାନଙ୍କୁ ମାମଲାର ଚାର୍ଜସିଟ୍ ନକଲ ମାଗଣାରେ ପ୍ରଦାନ କରିବାକୁ ବ୍ୟବସ୍ଥା ଥିଲେ ମଧ ଏପର୍ଯ୍ୟନ୍ତ ତାହା ମିଳୁପାରୁ ନଥିଲା। ଏ ଦିଗରେ ରାଜ୍ୟର ଅଗ୍ରଣୀ ଗଣ ସଂଗଠନ ଆମ୍ବେଦକର ଲୋହିଆ ବିଚାରମଂଚ ହସ୍ତକ୍ଷେପ କରି ସଫଳତା ପାଇଛି ଓ ତିନୋଟି ମାମଲାରେ ନିର୍ଯ୍ୟାତିତମାନେ ମାଗଣାରେ ଚାର୍ଜସିଟ୍ ନକଲ ପାଇପାରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏସ୍.ସି/ଏସ୍.ଟି (ପିଓଏ) ଆକ୍ଟର ଗତ ୨୦୧୫ ମସିହାରେ ଯେଉଁ ସଂଶୋଧନ ହୋଇଥିଲା ଏଥିରେ ନିର୍ଯ୍ୟାତିତମାନଙ୍କୁ ମାଗଣାରେ ଚାର୍ଜସିଟ୍ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ଅଦ୍ୟାବଧି ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନଥିଲା। ବିଚାର ମଂଚ ପକ୍ଷରୁ ନିର୍ଯ୍ୟାତିତମାନଙ୍କୁ ଉପଯୁକ୍ତ ଧାରା ଅନୁଯାୟୀ କଟକ ଜିଲ୍ଲା ଗ୍ରାମାଂଚଳ ପୋଲିସ୍‌ର ଏସ୍.ଡି.ପି.ଓ. ଓ କମିଶନରେଟର ଏ.ସି.ପି.ମାନଙ୍କୁ ଆବେଦନ କରିବା ନିମନ୍ତେ ପରାମର୍ଶ ଦେବା ଦ୍ୱାରା ତାହା ମିଳିବା ସମ୍ଭବ ହୋଇଛି। ଏହି ଉଦ୍ୟମ ଯୋଗୁଁ ପ୍ରଥମ କରି ଜଗତପୁର ଥାନା କେସ୍ ନଂ-୧୭୦/୨୦୧୭ରେ ତୁଳସୀ ନାଏକ, ଚୌଦ୍ୱାର ଥାନା କେସ୍ ନଂ-୬୦/୨୦୧୨ରେ ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ନିଷ୍ଠିତକୋଇଲି ଥାନା କେସ୍ ନଂ-୮୨/୨୦୨୦ରେ ଅର୍ଚ୍ଚନା ସାମଲ ପ୍ରମୁଖ ନିର୍ଯ୍ୟାତିତମାନଙ୍କୁ ବିନା ମୂଲ୍ୟରେ ଚାର୍ଜସିଟ୍ ନକଲ ମିଳିପାରିଛି। ଏଥିପାଇଁ କଟକ କମିଶନରେଟ ଓ ଜିଲ୍ଲା ପୋଲିସ୍ ପ୍ରଶାସନକୁ ଆମ୍ବେଦକର ଲୋହିଆ ବିଚାରମଂଚର ସଭାପତି ସଂଗ୍ରାମ ମଲିକ ଓ ସମ୍ପାଦକ ତପନ ସାମଲ ସାଧୁବାଦ ଜଣାଇଛନ୍ତି ଏବଂ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ଏହିପରି ମାଗଣାରେ ଚାର୍ଜସିଟ୍ ପ୍ରଦାନ କରାଯିବ ବୋଲି ଆଶାପ୍ରକଟ କରିଛନ୍ତି।

## ଶ୍ରୀ ଜଗନ୍ନାଥ ନିକେତନ, ଉଦଳାର ଷୋଡ଼ଶ ବାର୍ଷିକ ଉତ୍ସବ ପାଳିତ



ଉଦଳା ୦୪/୦୪(ନି.ପ୍ର)- ଉତ୍କଳ ବିପନ୍ନ ସହାୟତା ସମିତି, ଓଡ଼ିଶା, ଭୁବନେଶ୍ୱରର ମାର୍ଗଦର୍ଶନରେ ପରିଚାଳିତ, ଉଦଳାସ୍ଥିତ ଏକ ବେସରକାରୀ, ରାଷ୍ଟ୍ରବାଦୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ନିକେତନର ଷୋଡ଼ଶ ବାର୍ଷିକ ଉତ୍ସବ ଆଜି ଏପ୍ରିଲ ୪ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ବେଦ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅଖଣ୍ଡ ଭାରତ ମାନଚିତ୍ରର ପୂଜନ, ସୂର୍ଯ୍ୟନମସ୍କାର ଓ ସାଧାରଣ ସଭା ଆୟୋଜନର ପର୍ବ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଏହାର ବିବିଧ କ୍ଷେତ୍ରରେ କାର୍ଯ୍ୟରତ କର୍ମୀ ମାନେ ବହୁ ସଂଖ୍ୟାରେ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । ସାଧାରଣ ସଭାରେ ଶ୍ରୀ ଜଗନ୍ନାଥ ନିକେତନ ଉଦଳାର ସଭାପତି ଡ଼ା. ପ୍ରକାଶ କୁମାର ନାୟକ ଅଧକ୍ଷତା କରିବା ସହିତ ଉଦଳାରେ ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିପରି ଆରମ୍ଭ ହେଲା ଓ ଆଜି ଦିର୍ଘ ୧୬ ବର୍ଷ ପରେ କେଉଁ ସ୍ତରରେ ପହଞ୍ଚିଛି ଏହାର ଏକ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ମେଡ଼ିକାଲ କଲେଜର ଆଶିଷ୍ଟାଣ୍ଟ ପ୍ରଫେସର ଡ଼ା. ଭାଗବତ ଦଣ୍ଡପାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତି ପ୍ରତି କିପରି ଆଜି ସମଗ୍ର ବିଶ୍ୱ ଆକୃଷ୍ଟ ହେବା ସହିତ, ଆମ ଦେଶର ସମ୍ମାନ ବୃଦ୍ଧି ଘଟାଇଛି, ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଡ଼େଇ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ପ୍ରଲଭନରେ ବଶବର୍ତ୍ତୀ ହୋଇ ନିରିହ ବନବାସୀ ମାନେ କିପରି ତାଙ୍କର ଧର୍ମ ପରିବର୍ତ୍ତନ କରୁଛନ୍ତି ଏବଂ ଏହା ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଉତ୍କଳ ବିପନ୍ନ ସହାୟତା ସମିତିର ରାଜ୍ୟ ସଭାପତି ଅଭୟ ସାମନ୍ତରାୟ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆମ ରାଜ୍ୟର ୮୦ ପ୍ରତିଶତ ହିନ୍ଦୁ ତାଙ୍କର ପିଲାଙ୍କୁ କନଭେଣ୍ଟ ସ୍କୁଲରେ ପାଠ ପଢ଼ାଉଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପାଠପଢ଼ା ଢ଼ାଞ୍ଚା ଆଜି କିପରି ସବୁଠି ପ୍ରଶଂସିତ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଜିତ ମହାପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଦୀପକ କୁମାର ଦାସ ବାର୍ଷିକ ବିରଣୀ ପାଠ କରିଥିଲେ । କୋଷାଧକ୍ଷ ତପନ କୁମାର ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ସୁକମା ଆକ୍ରମଣର ନିନ୍ଦା କଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର,୦୪/୦୪ (ନି.ପ୍ର): ସୁକମା ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ । ସେ ଟ୍ୱିଟ କରି କହିଛନ୍ତି ଯେ ଛତିଶଗଡ଼ର ସୁକମା , ବିଜାପୁର ସୀମାସ୍ଥିତ ଟେକଲଗୁଡା ଗାଁ ନିକଟରେ ନକ୍ସଲଙ୍କ ଆକ୍ରମଣରେ ୨୨ ଜଣ ବୀର ଯବାନ ସହିଦ ହେବା ଅତ୍ୟନ୍ତ ହୃଦୟ ବିଦାରକ। ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ୨୨ ସହିଦ ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

## ହଜରତ୍ ଦୀୱାନ ଅବୁତାଲିବ ବାବା (ର.ଅ.)ଙ୍କ ବାର୍ଷିକ ଉତ୍ସବ



ଭଦ୍ରକ,୦୪/୦୪ (ନି.ପ୍ର): ପୁରୁଣାବଜାର ସ୍ଥିତ କାଜି ମହଲା ଗାଁରେ ହଜରତ୍ ଦୀୱାନ ଅବୁ ତାଲିବ ବାବାଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି । ବାବାଙ୍କ ଗୋସଲଖାନୀ ସରିବା ପରେ କମିଟି ତରଫରୁ ଏକ ଚାଦର ଶୋଭାଯାତ୍ରା ପରିକ୍ରମା କରି ବାବାଙ୍କ ସମାଧିରେ ଚାଦର ଚଢା ଯାଇଥିଲା ଏବଂ ବାବାଙ୍କ ଭକ୍ତମାନେ ନିଜ ନିଜର ମାନସିକ ଚାଦର ଚଢାଇଥିଲେ। କମିଟି ତରଫରୁ ଲଙ୍ଗର (ପ୍ରସାଦ) ବଣ୍ଟନ କରାଯାଇଥିଲା। କମିଟି ତରଫରୁ ରାତ୍ର ୯ ଘଟିକା ସମୟରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଏହି ଧର୍ମସଭାକୁ ମୁଖ୍ୟ ଅତିଥି ଭାବେ ଭଦ୍ରକ ମୁସଲିମ ଜମାତ୍‌ର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ ମହମବତୀ ଜଳାଇ ଶୁଭାରମ୍ଭ କରିଥିଲେ। ଓଡ଼ିଶା ସୁପ୍ରସିଦ୍ଧ କବି ତଥା ଶିକ୍ଷକ ମୁସ୍ତାକ ଗୌହର ସଂଚାଳନ ଦାୟିତ୍ୱ ତୁଲାଇଥିଲେ। ଏହି ସଭାରେ ଭାରତର ସୁପ୍ରସିଦ୍ଧ ମୌଲାନା (ପଣ୍ଡିତ) ସୈୟଦ ସାଘିଲ ଇମାମ କାଦରୀ ହାଇଦ୍ରାବାଦରୁ ଆସି ଯୋଗଦାନ କରି ବାବାଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ଭାରତର ପ୍ରସିଦ୍ଧ କବି (ସାଏର) ଅଫଜଲ ଓଫା ନୁରୀ, ସାହିଦ ରଜା, ରିଜୱାନ କାଦରୀ, ଶାହାବାଜ କାଦରୀ ଓ ଗୁଲଫାମ କାଦରୀ ଯୋଗଦାନ କରିଥିଲେ। ଏହି ଧର୍ମସଭାରେ ଦଳୀୟ ନେତା ଅସିତ ପଟ୍ଟନାୟକ, ନଳିନୀ ମହାନ୍ତି, ଦିଲିପ ନାୟକ ଓ ହରୀ ନନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବକୁ କମିଟିର ସଭାପତି ଶେଖ ରାଜୁ, ସମ୍ପାଦକ ମୋଜାଫର ଖାନ ଏବଂ ସମସ୍ତ ସଭ୍ୟ ପରିଚଳାନା କରିଥିଲେ।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

### ଏପ୍ରିଲ୍ ୪ରୁ ୧୧ ରାଜ୍ୟ ବ୍ୟାପୀ ବିକ୍ଷୋଭ ସଂଗଠିତ ହେବ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ମହାମାରୀ କରୋନା କାଳରେ ଲୋକମାନଙ୍କ ଆୟ କମିଯାଇଥିବାବେଳେ ବିଦ୍ୟୁତ୍ ବିତରକ କମ୍ପାନୀର ସ୍ୱାର୍ଥ ରକ୍ଷା ପାଇଁ ଅନ୍ୟାୟ ଭାବରେ ଯେଉଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇଛି ତାହା ତୁରନ୍ତ ପ୍ରତ୍ୟାହାର କରିବା ଦାବି ନେଇ ଆଜି ସିପିଆଇ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ଓ ରାସ୍ତାରୋକୋ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଏପ୍ରିଲ ୪ରୁ ୧୧ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ବିଦ୍ୟୁତ୍ ଅଫିସ ସମ୍ମୁଖରେ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଘୋଷଣା କରାଯାଇଛି। ଆଜି ପୂର୍ବାହ୍ନରେ ଶତାଧିକ ମହିଳା ଓ ପୁରୁଷଙ୍କର ଏକ ଶୋଭାଯାତ୍ରା ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନରୁ ବାହାରି ରାଜମହଲ ଛକରୁ ମାଷ୍ଟରକ୍ୟାଂଟିନ ସମଗ୍ର ଅଶୋକନଗର ଅଞ୍ଚଳ ପରିକ୍ରମା ପରେ ରାଜମହଲ ଛକଠାରେ ବିକ୍ଷୋଭ ଓ ରାସ୍ତା ରୋକୋ ଆନ୍ଦୋଳନ ସଂଗଠିତ ହୋଇଥିଲା। ସେଠାରେ ସିପିଆଇର ଜୋନ୍ ସମ୍ପାଦକ ସୁର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ବିକ୍ଷୋଭରେ ପାର୍ଟିର ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ଉଦ୍‌ବୋଧନ ଦେଇ ବିଦ୍ୟୁତ୍ ନିୟାମକ ଆୟୋଗ ନାଁରେ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସ୍ୱାର୍ଥ କଥା ଭୁଲିଯାଇ କରୋନା ଦୁର୍ଗତି କାଳରେ ୭ମାସରେ ୨ଥର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଅତ୍ୟନ୍ତ ଅମାନବିକ ଓ ନିନ୍ଦନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ସହ ସମ୍ପାଦକ କୈଳାସ ପୁହାଣ, କ୍ଷେତମୁଲିଆ ନେତା ଲୋକନାଥ ଭୋଇ, ଛେତମ୍ବର ଭୋଇ, ନାରୀନେତ୍ରୀ ପାର୍ବତୀ ଲାଗୁରି, ଡାକ ହେମ୍ବ୍ରମ୍, ତିରୁପତି ରେଡ୍ଡି, କୁନା ଜାଲି ପ୍ରମୁଖ ଏହି ବିକ୍ଷୋଭ, ଶୋଭାଯାତ୍ରା ଓ ରାସ୍ତାରୋକୋର ନେତୃତ୍ୱ ନେଇଥିଲେ।

## ଗଛରେ ପିଟିଲା କୁକୁଡ଼ା ବୋଝେଇ ପିକଅପ୍ ଭ୍ୟାନ୍ : ଡ୍ରାଇଭର ମୃତ, ହେଲପର୍ ଗୁରୁତର

ବାରିପଦା,୦୪/୦୪ (ନି.ପ୍ର): କୁକୁଡ଼ା ବୋଝେଇ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଶାଳ ଗଛରେ ଧକ୍କା ଦେବା ଫଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାର ହେଲପର୍ ଗୁରୁତର ଭାବେ ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ମେଡ଼ିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାକୁରମୁଣ୍ଡା ଚାଇଁବାଇଁଶି ଗ୍ରାମ ନିକଟରେ ଘଟିଛି ଏହି ଦୁର୍ଘଟଣା । ସୂଚନା ଅନୁଯାୟୀ, କୁକୁଡ଼ା ବୋଝେଇ ଏହି ପିକଅପ୍ ଭ୍ୟାନ୍ ଟି କପିଳାସରୁ କରଞ୍ଜିଆ ଦେଇ ଠାକୁରମୁଣ୍ଡା ଅଭିମୁଖେ ଯାଉଥିବା ବେଳେ ଚାଇଁବାଇଁଶି ଗ୍ରାମ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ଧକ୍କା ଦେଇଥିଲା । ଫଳରେ ଡ୍ରାଇଭର ବିଜୟ ଲୋହାର (୨୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ତପନ କୁମାର ମହାନ୍ତ (୨୪) ଗୁରୁତର ଭାବେ ଆହତ ହୋଇଥିଲେ । ମୃତ ବିଜୟଙ୍କ ଘର କେନ୍ଦୁଝର ଜିଲ୍ଲାରେ ବୋଲି ଜଣାପଡିଛି ।

## ଧାମନଗର ଠାରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗଣଦୌଡ଼



ଧାମନଗର,୦୪/୦୪ (ନି.ପ୍ର): ଧାମନଗର ଏନ୍‌ଏସି ଅନ୍ତର୍ଗତ ଜୟନଗର ଶ୍ରୀ ହନୁମାନ ପୀଠରୁ ଦକ୍ଷିଣବାଡ଼ ହନୁମାନ ଛକ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଗଣଦୌଡ଼ ‘ରନ୍ ଫର ରାମ’ ନାମରେ ଆୟୋଜିତ ହୋଇଥିବା ଜଣାଯାଇଛି। ଏହି ଗଣଦୌଡ଼ରେ ଶହ ଶହ ସଂଖ୍ୟାରେ ଯୁବକ, ଛାତ୍ର, ମହିଳା ଓ ଜନସାଧାରଣ ଯୋଗଦେଇଥିଲେ। ଧାମନଗର ବିଧାୟକ ବିଷ୍ଣୁସେଠୀ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ରାଷ୍ଟ୍ରପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କ ନାମରେ ଏହି ଗଣଦୌଡ଼ରେ ସବୁ ବର୍ଗର ଜନସାଧାରଣ ଯୋଗଦେଇଥିବାରୁ ଏହା ଏକତାର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଗଣଦୌଡ଼ରେ ଜିଲ୍ଲାପରିଷଦ ସଭ୍ୟ ମନୋରଂଜନ ମଲ୍ଲିକ, ସୁରଥଚନ୍ଦ୍ର ସେଠୀ, ରଂଜିତା ସ୍ୱାଇଁ, ଉମାମଣୀ ସାହୁ, କାର୍ଯ୍ୟକ୍ରମର ସଂଯୋଜକ ସରୋଜ ପରିଡ଼ା, ବିଜେପି ଭଦ୍ରକ ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ବିଜେପି ନେତା ଅରବିନ୍ଦ ପତି, ଦୀପ୍ତିରଂଜନ ଜେନା, ଶ୍ରୀକାନ୍ତ ନାୟକ, କୈଳାଶ ମହାପାତ୍ର, ସରୋଜ ମହାପାତ୍ର, ଚିତ୍ତରଂଜନ ଜେନା, ବିଜୟ କୁମାର ରାମ, ରଣଜିତ୍ ମହାନ୍ତି, ଲକ୍ଷ୍ମୀଧର ବେହେରା, ବିଜେପି ମିଡ଼ିଆସେଲ୍ ଜିଲ୍ଲା ଅଧକ୍ଷ ବୈକୁଣ୍ଠନାଥ ସାହୁ ପ୍ରମୁଖ ଯୋଗଦେଇ ଗଣଦୌଡ଼ର ନେତୃତ୍ୱ ନେଇଥିଲେ। ଏହି ଗଣଦୌଡ଼ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବଜରଂଗଦଳ, ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦ ଆଦି ସଂଗଠନର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ତେବେ କୋଭିଡ଼ କଟକଣା ହେତୁ ଏହି ଗଣଦୌଡ଼କୁ ପୋଲିସ ପ୍ରଶାସନ ଅନୁମତି ଦେଇନଥିବାବେଳେ ଏହା ସ୍ଥାନୀୟ ପୋଲିସ ପ୍ରଶାସନକୁ ଅଡୁଆରେ ପକାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଥିବାବେଳେ ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରାଯାଇଛି ବୋଲି ଧାମନଗର ଏସ୍‌ଡ଼ିପିଓ ସୁଚନା ଦେଇଛନ୍ତି।

## ଆଜି ଭୁବନେଶ୍ୱରରୁ ୩୮ କରୋନା ପଜିଟିଭ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଗତ ୨୪ଘଂଟା ମଧ୍ୟ,୦୪/୦୪ (ନି.ପ୍ର):ରେ ରାଜଧାନୀ ଭୁବନେଶ୍ୱରରେ ୩୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ୧୩ଜଣ କରୋନା ସଂକ୍ରମିତ ଏହି ସମୟ ମଧ୍ୟରେ ସୁସ୍ଥ ହୋଇଥିବାର ଜଣାପଡ଼ିଛି। ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ଆଜିକୁ ମିଶାଇ ଭୁବନେଶ୍ୱରରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୬୫୬ ହୋଇଥିବାବେଳେ ଏଥିମଧ୍ୟରୁ ୩୧୯୫୮ ସୁସ୍ଥ ହୋଇ ସାରିଛନ୍ତି। ୨୫୦ ଜଣଙ୍କର ମୃତ୍ୟୁ ହୋଇସାରିଛି। ବିଏମ୍‌ସି ଅଂଚଳରେ ୪୨୭ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି।

## ‘ଓୟୁଜେ’ ପକ୍ଷରୁ ସଂଗଠନର ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ




ବାଲେଶ୍ୱର,୦୪/୦୪ (ନି.ପ୍ର): ଓଡ଼ଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ), ବାଲେଶ୍ୱର ଶାଖା ପକ୍ଷରୁ ସଂଗଠନର ସଦସ୍ୟମାନଙ୍କୁ ରବିବାର ପରିଚୟ ପତ୍ର ବଣ୍ଟନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗଣତନ୍ତ୍ରର ପ୍ରମୁଖ ଅଙ୍ଗ ଭାବେ ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା ଯୋଗୁଁ ସମ୍ପ୍ରତି ସାଧାରଣ ଲୋକଙ୍କୁ ନ୍ୟାୟ ମିଳିପାରୁଛି ବୋଲି କହିଥିଲେ। ତେବେ ଜିଲାର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ସର୍ବଦା ପ୍ରଶାସନର ଦୃଷ୍ଟି ଆକର୍ଷଣ ଦିଗରେ ସାମ୍ବାଦିକମାନେ ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ସାମ୍ବାଦିକମାନଙ୍କୁ ସଂଗଠନର ପ୍ରମାଣପତ୍ର ପ୍ରଦାନ କରିଥିଲେ। ‘ଓୟୁଜେ’ର ଜିଲା ସଭାପତି ଗଙ୍ଗାଧର ରାଉତ ଏଥିରେ ପୌରହିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ସଂଘର ପୂର୍ବତନ ଜିଲା ସଭାପତି ଶିଶିର କୁମାର ଦାସ ଓ ପୂର୍ବତନ ସମ୍ପାଦକ ଉବାଚକ ମହାନ୍ତି ଏଥିରେ ମଂଚସୀନ ଥିଲେ । ସଂଗଠନର ଜିଲା ସମ୍ପାଦକ ବିବେକ ଦାସ ଏଥିରେ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ମନୋଜ କୁମାର ରାଉଳ ସ୍ୱାଗତ ଅଭିଭାଷଣ ରଖିଥିଲେ । ଶେଷରେ ମହମ୍ମଦ ହାଇଦର ଖାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେଶ କୁମାର ଦାସଙ୍କ ସମେତ ଆଶୁତୋଷ ମଲ୍ଲିକ, ମାନସ କୁମାର ବିଶ୍ୱାଳ, ଅଧୀପ କୁମାର ଜେନା, ପ୍ରସନ୍ନଜିତ ଆଶ, ଆଲୋକ କୁମାର ବାରିକ, ସତ୍ୟଜିତ ସେନାପତି, କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo